CMYK

• Vol.- 46, Issue No. 216
• Saturday, 7 November 2026
• ଶନିବାର, ୭ ନଭେମ୍ବର ୨୦୨୬
• Bhubaneswar
• Price: Rs. 3.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

କେନ୍ଦୁଝରକୁ ୧୨୯୨ କୋଟିର ଭେଟି



★ ୩୩୦ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ
★ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା'ର ତୃତୀୟ ପର୍ଯ୍ୟାୟ ଶୁଭାରମ୍ଭ
★ ପ୍ରତି ସ୍କୁଲ ପାଇଁ ଖର୍ଚ୍ଚ କରାଯାଉଛି ପ୍ରାୟ ୫ରୁ ୮ କୋଟି ଟଙ୍କା
★ ଶିକ୍ଷା ବିକାଶର ସବୁଠାରୁ ବଡ଼ ଆଧାର: ମୁଖ୍ୟମନ୍ତ୍ରୀ

କେନ୍ଦୁଝର,୬।୧୧: ଶୁକ୍ରବାର କେନ୍ଦୁଝର ମାଟିରୁ ଏକାଧାରରେ ରାଜ୍ୟର ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଯୁକ୍ତିବିଦ୍ୟା ଏବଂ ଭିତ୍ତିଭୂମି କ୍ଷେତ୍ରରେ ଏକ ଅଭୂତପୂର୍ବ ଓ ଐତିହାସିକ ପରିବର୍ତ୍ତନର ଶୁଭାରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଗସ୍ତରେ ଯାଇ ରାଜ୍ୟ ସରକାରଙ୍କ ପ୍ରମୁଖ ଶିକ୍ଷା ଯୋଜନା 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା'ର ତୃତୀୟ ପର୍ଯ୍ୟାୟ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ସୂଚନାଯୋଗ୍ୟ ଯେ ସରକାରଙ୍କ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଏହି ପର୍ଯ୍ୟାୟରେ ରାଜ୍ୟବ୍ୟାପୀ ୬୩୦ଟି ସ୍କୁଲର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଥିବାବେଳେ ଏଥିରେ କେନ୍ଦୁଝର ଜିଲ୍ଲାର ୩୫ଟି ବିଦ୍ୟାଳୟ ସାମିଲ ରହିଛି । ପ୍ରାୟ ୪୦୦୦ କୋଟି ଟଙ୍କା ବ୍ୟୟରେ ଏହି ସମସ୍ତ ବିଦ୍ୟାଳୟ ନିର୍ମାଣ ହେବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମୁଦାୟ ୧୪ କୋଟି ବ୍ୟୟରେ ଧରଣୀଧର ବିଶ୍ୱବିଦ୍ୟାଳୟର ଦକ୍ଷିଣ କ୍ୟାମ୍ପସର ଉଦ୍‌ଘାଟନ କରିଥିଲେ । ଅନ୍ୟାନ୍ୟ ପ୍ରକଳ୍ପ ମଧ୍ୟରେ ଉତ୍ତର ଓଡ଼ିଶାର ସବୁଠାରୁ ଆଧୁନିକ ବୈଷୟିକ ବାଣିଜ୍ୟିକ ପ୍ରତିଷ୍ଠାନର ମଧ୍ୟ ଆଜି ଶିଳାନ୍ୟାସ ହୋଇଛି । ପ୍ରାୟ ୫.୫୧ ଏକର ଜମି ଓ ୨୩୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ୧୫ ମହଲା ବିଶିଷ୍ଟ ଟେକ୍-ବିଜନେସ୍ ପାର୍କ୍ ଉତ୍ତର ଓଡ଼ିଶାରେ ଯୁବବର୍ଗଙ୍କ ପାଇଁ ପ୍ରଚୁର ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ କେନ୍ଦୁଝରର ଯୁବପିଢ଼ିଙ୍କୁ ଆଉ ବେଙ୍ଗାଲୁରୁ କିମ୍ବା ହାଇଦ୍ରାବାଦ ଯିବାକୁ ପଡ଼ିବ ନାହିଁ, ବରଂ ନିଜ ମାଟିରେ ହିଁ ନିଯୁକ୍ତି ଓ ପ୍ରଗତିର ଅସୀମ ଦ୍ୱାର ଖୋଲିଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏଥିସହିତ ଧରଣୀଧର ମେଡିକାଲ କଲେଜ ପରିସରରେ ପ୍ରାୟ ୬ କୋଟି ଟଙ୍କା ବ୍ୟୟରେ ରାଜ୍ୟର ପ୍ରଥମ ସମ୍ପୂର୍ଣ୍ଣ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ଭିତ୍ତିକ 'ପ୍ରିଭେଣ୍ଟିଭ୍ କ୍ୟାନସର୍ ସ୍କ୍ରିନିଂ କେନ୍ଦ୍ର' ଲୋକାର୍ପିତ ହୋଇଛି, ଯେଉଁଠାରେ ସମସ୍ତ ସେବା ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ଶିକ୍ଷାକୁ ବ୍ୟାପକ କରିବା ପାଇଁ ୫୮ କୋଟି ୪୦ ଲକ୍ଷ ଟଙ୍କା ବ୍ୟୟରେ ୭ ମହଲା ବିଶିଷ୍ଟ ଡେଣ୍ଟାଲ କଲେଜ ଏବଂ ୬୩ କୋଟି ଟଙ୍କା ବ୍ୟୟରେ ୧୦ ମହଲା ବିଶିଷ୍ଟ ନର୍ସିଂ କଲେଜର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହିତ କେନ୍ଦୁଝର ଠାରେ ଏକ ସରକାରୀ ଫାର୍ମାସୀ କଲେଜ ସ୍ଥାପନ ହେବ ବୋଲି ମୁଖ୍ୟମନ୍ତ୍ରୀ ଏହି ସମାରୋହରେ ଘୋଷଣା କରିଛନ୍ତି।ଏହା ବ୍ୟତୀତ ୧୦ କୋଟି ଟଙ୍କାରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ବିଭାଗ, ୩୨ କୋଟି ଟଙ୍କାରେ ମଡ୍ୟୁଲାର୍ ଓଟି କମ୍ପ୍ଲେକ୍ସ, ମଲ୍ଟି-ୟୁଟିଲିଟି ସେଣ୍ଟର, ପୋଲିସ ଆଉଟପୋଷ୍ଟ ଏବଂ ୩୦-ଜଣିଆ ବାରାକ୍ ମଧ୍ୟ ଲୋକାର୍ପିତ ହୋଇଛି। ସମାରୋହରେ ମୁଖ୍ୟମନ୍ତ୍ରୀ ଜିଲ୍ଲାର ବିକାଶ ଧାରାକୁ ତ୍ୱରାନ୍ୱିତ କରିବା ନିମନ୍ତେ ମୋଟ ୧୨୯୨ କୋଟି ଟଙ୍କାର ବ୍ୟୟରେ ୩୩୦ଟି ପ୍ରକଳ୍ପର ମଧ୍ୟ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହା ମଧ୍ୟରୁ ପ୍ରାୟ ୪୧୨ କୋଟି ଟଙ୍କାର ୧୯୮ଟି ପ୍ରକଳ୍ପର ଲୋକାର୍ପଣ ଏବଂ ୮୮୦ କୋଟିରୁ ଅଧିକ ମୂଲ୍ୟର ୧୩୨ଟି ନୂତନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସମାବେଶକୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ହେଉଛି ତାଙ୍କର ଏକ ମାନସ ସନ୍ତାନ। ଏହି ଯୋଜନା ଅନ୍ତର୍ଗତ ବିଦ୍ୟାଳୟଗୁଡ଼ିକ କେବଳ ରଙ୍ଗମରା ବିଦ୍ୟାଳୟ ନୁହେଁ, ବରଂ ପ୍ରାୟ ପାଞ୍ଚ ଏକର ପରିମିତ ଜମିରେ ଏକଦମ ନୂଆ, ବିଶ୍ୱସ୍ତରୀୟ ଢାଞ୍ଚାରେ ନିର୍ମିତ ହେବାକୁ ଥିବା ସ୍କୁଲ ଅଟେ, ଯେଉଁଥିରେ ପ୍ରତି ସ୍କୁଲ ପାଇଁ ପ୍ରାୟ ୫ ରୁ ୮ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ମୁଖ୍ୟମନ୍ତ୍ରୀ ଆହୁରି ପ୍ରକାଶ କରିଥିଲେ ଯେ ରାଜ୍ୟ ସରକାର ଶିକ୍ଷାକୁ ସାମାଜିକ ପରିବର୍ତ୍ତନ ଓ ବିକାଶର ସବୁଠାରୁ ବଡ଼ ଆଧାର ଭାବେ ଗ୍ରହଣ କରିଛନ୍ତି, କାରଣ ପ୍ରାଥମିକ ଶିକ୍ଷା ହେଉଛି ଜଣେ ଛାତ୍ରର ଶିକ୍ଷା ଗ୍ରହଣର ମୂଳଦୁଆ ଏବଂ ମୂଳଦୁଆ ଯେତିକି ଶକ୍ତ ହେବ, ପିଲାର ଭବିଷ୍ୟତ ସେତିକି ସୁନ୍ଦର ହେବ। ଏହି ଲକ୍ଷ୍ୟ ନେଇ ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ମାଧ୍ୟମରେ ପ୍ରତ୍ୟେକ ପଞ୍ଚାୟତର ଗୋଟିଏ ପ୍ରାଥମିକ ବିଦ୍ୟାଳୟକୁ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭାବେ ବିକଶିତ କରାଯାଉଛି।

ମେଡିକାଲ ପିଜି ସିଟ୍ ୩୧୮କୁ ବୃଦ୍ଧି

ଭୁବନେଶ୍ୱର,୬।୧୧: ହସ୍ପିଟାଲରେ ପିଜି ସିଟ୍ ସଂଖ୍ୟାରେ କୌଣସି ବୃଦ୍ଧି କରାଯାଇନାହିଁ। ଏଠାରେ ୧୫୮ଟି ପିଜି ସିଟ୍ ଅଛି। ବାରିପଦା ସ୍ଥିତ ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲରେ ପୂର୍ବରୁ ୨୦ଟି ପିଜି ସିଟ୍ ଥିବା ବେଳେ ଏବେ ଏହା ୫୩କୁ ବୃଦ୍ଧି ପାଇଛି। ଅର୍ଥାତ୍ ଏହି ମେଡିକାଲ କଲେଜ ଆହୁରି ୩୩ଟି ପିଜି ସିଟ୍ ପାଇଛି। ବଲାଙ୍ଗିର ସ୍ଥିତ ବିବି ମେଡିକାଲ କଲେଜ ଓ ହସ୍ପିଟାଲ, ବାଲେଶ୍ୱର ଏଫଏମ ମେଡିକାଲ କଲେଜ ଓ ହସ୍ପିଟାଲରେ, ଭୁବନେଶ୍ୱର ସ୍ଥିତ ପିଜିଆଇଏମ୍‌ଇଆର ଓ କ୍ୟାପିଟାଲ ହସ୍ପିଟାଲ, କୋରାପୁଟ ସ୍ଥିତ ସହିଦ ଲକ୍ଷ୍ମଣ ନାଏକ ମେଡିକାଲ କଲେଜ ଓ ହସ୍ପିଟାଲରେ ସିଟ ସଂଖ୍ୟା ବର୍ଦ୍ଧିଛି । ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ଆଦୌ ପିଜି ସିଟ୍ ନଥିବା ବେଳେ ୨୨ଟି ସିଟି ପ୍ରଥମ ଥର ପାଇଁ ଦିଆଯାଇଛି । କଳାହାଣ୍ଡି, ଯାଜପୁର ଓ ପୁରୀରେ ଥିବା ସରକାରୀ ମେଡିକାଲ କଲେଜଗୁଡ଼ିକରେ ପିଜି ସିଟ୍ ନାହିଁ।



ରାଜ୍ୟରେ ସରକାରୀ ମେଡିକାଲ କଲେଜଗୁଡ଼ିକରେ ପିଜି ସିଟ୍ ସଂଖ୍ୟା ୩୧୮କୁ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଦେଇଛନ୍ତି ଏହି ସୂଚନା। ଏହା ଦ୍ୱାରା ରାଜ୍ୟରେ ବିଶେଷଜ୍ଞ ଡାକ୍ତର ସୃଷ୍ଟି ଓ ଉନ୍ନତ ସ୍ୱାସ୍ଥ୍ୟସେବାକୁ ଗତି ମିଳିବ ବୋଲି କହିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ। ପୂର୍ବରୁ ରାଜ୍ୟର ବିଭିନ୍ନ ମେଡିକାଲ କଲେଜଗୁଡ଼ିକରେ ମିଶି ପିଜି ସିଟ୍ ସଂଖ୍ୟା ୬୨୦ ଥିବା ବେଳେ ଏବେ ଏହା ୯୩୮କୁ ବୃଦ୍ଧି ପାଇଛି। ୫ଟି ସରକାରୀ ମେଡିକାଲ କଲେଜ ପ୍ରଥମଥର ପାଇଁ ପିଜି ସିଟ୍ ପାଇଛନ୍ତି। କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ପୂର୍ବରୁ ୨୩୨ଟି ପିଜି ସିଟ୍ ଥିବା ବେଳେ ଏହାକୁ ଆହୁରି ୧୭ଟି ସିଟ୍ ଦିଆଯିବାରୁ ସଂଖ୍ୟା ୨୪୯କୁ ବୃଦ୍ଧି ପାଇଛି। ବ୍ରୁର୍ଲା ଭାମ୍ପାରରେ ପୂର୍ବରୁ ୧୪୪ଟି ପିଜି ସିଟ୍ ଥିବା ବେଳେ ଏବେ ୧୫୫କୁ ବୃଦ୍ଧି ପାଇଛି। ବ୍ରହ୍ମପୁର ସ୍ଥିତ ଏମ୍‌କେସିଜି ମେଡିକାଲ କଲେଜ ଓ

46001/28/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଓଡ଼ିଶା ଶାସନ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

ଭତ୍ତା ପାଇଁ ଅପେକ୍ଷାର ଯୁଗ ସରିଲା

- ଓଡ଼ିଶା ସରକାରଙ୍କ ମଧୁବାବୁ ପେନ୍‌ସନ୍ ଯୋଜନାରେ ବାର୍ଦ୍ଧକ୍ୟ ଓ ଅନ୍ୟାନ୍ୟ ଭତ୍ତା ପାଇଁ ବର୍ଷ ବର୍ଷ ଧରି ଅପେକ୍ଷା କରିଥିବା ରାଜ୍ୟର ୫,୦୫,୮୧୭ ଯୋଗ୍ୟ ବ୍ୟକ୍ତିମାନଙ୍କୁ ଏହି ବର୍ଷ ଅକ୍ଟୋବର ମାସରୁ ଭତ୍ତା ଦେବା ପାଇଁ ରାଜ୍ୟ ସରକାରଙ୍କ ଐତିହାସିକ ନିଷ୍ପତ୍ତି
- ୨୦୨୬ ନଭେମ୍ବର ମାସ ୧୦ ତାରିଖରେ ବାଲେଶ୍ୱର ସହରରେ ହେବାକୁ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହାର ଶୁଭାରମ୍ଭ
- ଏଣିକି ଭତ୍ତା ପାଇବା ପାଇଁ ଯୋଗ୍ୟ ଯେ କୌଣସି ବ୍ୟକ୍ତି ଆବେଦନ କରିବାର ପର ମାସଠାରୁ ଭତ୍ତା ପାଇବେ । ସେମାନଙ୍କୁ ପୂର୍ବପରି ଆଉ ବର୍ଷ ବର୍ଷ ଧରି ଅପେକ୍ଷା କରିବାକୁ ପଡ଼ିବ ନାହିଁ
- ଯୋଗ୍ୟ ବ୍ୟକ୍ତି ଭତ୍ତା ପାଇବା ପାଇଁ ବିଡିଓ (BDO)ଙ୍କ କାର୍ଯ୍ୟାଳୟକୁ ଯାଇ ଆବେଦନ କରିପାରିବେ କିମ୍ବା ଅନଲାଇନ୍ ପୋର୍ଟାଲ (https://upmp.odisha.gov.in)ରେ ଆବେଦନ କରିପାରିବେ
- ଭତ୍ତା ପାଉଥିବା ବ୍ୟକ୍ତିଙ୍କୁ ୮୦ ବର୍ଷ ହେଲା ମାତ୍ରେ ତା ପର ମାସଠାରୁ ଆପେ ଆପେ ବର୍ଦ୍ଧିତ ଭତ୍ତା ପାଇବେ । ସେଥିପାଇଁ ତାଙ୍କୁ ଆଉ ଆବେଦନ କରିବାକୁ ପଡ଼ିବ ନାହିଁ

କଥା ଦେଇ କଥା ରଖିଲେ - ଡବଲ ଇଞ୍ଜିନ ସରକାର

ନିଃଶୁଳ୍କ ସହାୟତା ସେବା: ୧୮୦୦-୩୪୫-୬୭୭୦ / ୧୫୫୩୩୫


OIPR-46001/46001/2/26-27/0009

ସାମାଜିକ ସୁରକ ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

ନବପ୍ରଭାତ

ଦଶମହାବିଦ୍ୟା ମଧ୍ୟରୁ ଅନ୍ୟତମ

ମା' କାଳୀ





• ପୌରାଣିକ •

ଥରେ ଶୁମ୍ଭ ଏବଂ ନିଶୁମ୍ଭ ନାମକ ଦୁଇ ଜଣ ରାକ୍ଷସ ଭୀଷଣ ଶକ୍ତିଶାଳୀ ହୋଇ ଦେବତାମାନଙ୍କୁ ପ୍ରପୀଡ଼ିତ କରି ଭୀତତ୍ରସ୍ତ କରି ଦେଲେ । ଦେବତାମାନେ ମା'ଙ୍କର ସୁରକ୍ଷା ଭିକ୍ଷା କଲେ । ମା' ଦୁର୍ଗା ଗୋଟିଏ ଅନିନ୍ଦ୍ୟ ସୁନ୍ଦରୀ କନ୍ୟା ଭାବରେ ରାକ୍ଷସଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଚାହିଁଲେ କିନ୍ତୁ ରାକ୍ଷସ ଦ୍ୱୟ ତାଙ୍କର ଦୁଇ ସହକାରୀ ଚଣ୍ଡା ଓ ମୁଣ୍ଡାଙ୍କୁ ପଠାଇ ମା'ଙ୍କୁ ଧରି ଆଣିବାକୁ ଆଦେଶ ଦେଲେ । ମା' ତତ୍‌କ୍ଷଣାତ୍ ସେମାନଙ୍କୁ ସଂହାର କରି ଚାମୁଣ୍ଡେଶ୍ୱରୀ ନାମରେ ବିଦିତା ହେଲେ । ଏଥିରେ ବ୍ୟଥିତ ହୋଇ ଶୁମ୍ଭ, ନିଶୁମ୍ଭ ରକ୍ତବୀଜ ନାମକ ଏକ ପରାକ୍ରମୀ ରାକ୍ଷସକୁ ପଠାଇଲେ । ରକ୍ତବୀଜ ପାଇଥିବା ବର ଅନୁଯାୟୀ ତାର ପ୍ରତି ରକ୍ତବିନ୍ଦୁ ଭୂତଳପାତ ହେଲେ ଗୋଟିଏ ରାକ୍ଷସ ପୁଣି ଜନ୍ମ ନେଉଥିଲା । ଏହି ଅନିବାର୍ଯ୍ୟ ଶକ୍ତିକୁ ପରାହତ କରିବା ପାଇଁ ମା' ମହାକାଳୀ ରୂପ ଧାରଣ କରି ରକ୍ତବୀଜର ରକ୍ତବିନ୍ଦୁ ତଳେ ପଡ଼ିବା ପୂର୍ବରୁ ତାକୁ ପିଇ ଦେଉଥିଲେ । ଏହି ପ୍ରକ୍ରିୟାରେ ରକ୍ତବୀଜର ବର କାର୍ଯ୍ୟ କରିପାରିଲା ନାହିଁ ଏବଂ ମା ତାକୁ ବିନାଶ କରିଦେଲେ । ଏହାପରେ ଦେବୀ ଶୁମ୍ଭ ନିଶୁମ୍ଭକୁ ବଧ କଲେ । କିନ୍ତୁ ଦେବୀଙ୍କର କ୍ରୋଧ ଓ ଶକ୍ତିର ଅବସାନ ଘଟିଲା ନାହିଁ । ମୃତ୍ୟୁର ଭୟଙ୍କର ନୃତ୍ୟରେ ସେ ସବୁକିଛି ଧ୍ୱଂସ କରି ଚାଲିଲେ । ଦେବତାମାନେ ପ୍ରାର୍ଥନା କଲେ ମଧ ମା ଶାନ୍ତ ହେଲେ ନାହିଁ। ଶେଷରେ ଶିବଯୁଦ୍ଧକ୍ଷେତ୍ରରେ ମୃତାହତ ରାକ୍ଷସମାନଙ୍କ ମଧ୍ୟରେ ମା'ଙ୍କର ଜୟଯାତ୍ରା ମାର୍ଗରେ ଶୋଇଗଲେ ଏବଂ ଯେତେବେଳେ ମା'ଙ୍କର ପାଦ ଶିବଙ୍କ ବକ୍ଷାଘାତ କଲା ସେ ଜିଭ କାମୁଡ଼ି ପକାଇ, ସ୍ତମ୍ଭୀଭୂତ ତତ୍‌କ୍ଷଣାତ୍ ଶାନ୍ତ ହୋଇଗଲେ ଏହି ରୂପେ ସୃଷ୍ଟି ଧ୍ୱଂସମ୍ମୁଖରୁ ରକ୍ଷା ପାଇଥିଲା ।



କାଳୀ ଦଶମହାବିଦ୍ୟା ମଧ୍ୟରୁ ଅନ୍ୟତମ ଓ ଦେବୀ ଦୁର୍ଗାଙ୍କର ଶକ୍ତିଶାଳୀ ସ୍ୱରୂପ। କାଳରୂପୀ ଶିବଙ୍କର ଶକ୍ତି କାଳୀ ନାମରେ ମଧ ପରିଚିତା । ଚଣ୍ଡାସୁର ବଧ ସମୟରେ ଏହାଙ୍କର ଉତ୍ପତ୍ତି, ଏ ରକ୍ତବୀଜର ରକ୍ତ ପାନ କରିଥିଲେ । ଦକ୍ଷଯଜ୍ଞ ସମୟରେ ସତୀ ଏହି ମୂର୍ତ୍ତି ଧାରଣ କରିଥିଲେ । ମା' କାଳୀ ସ୍ୱରୂପରେ ଭୟଙ୍କର କୃଷ୍ଣକାୟା, ଚତୁର୍ଭୁଜା, ନଗ୍ନା, ଲୋଳଜିହ୍ୱା (ଲହକା ଜିଭ), ମୁଣ୍ଡମାଳାଧାରିଣୀ । ତାଙ୍କର ଗୋଟିଏ ହାତ ଛିନ୍ନ-ମସ୍ତକ (ନରମୁଣ୍ଡ ବା ଖପର) ଧାରିଣୀ, ଅନ୍ୟଟି ଖଡ୍ଗ (ଖଣ୍ଡା)ରେ ଶୋଭିତ, ତୃତୀୟଟି ତ୍ରିଶୂଳ ଧାରଣ କରି ପାପୀ ରାକ୍ଷସମାନଙ୍କ ମଧ୍ୟରେ ଭୟ ସୃଷ୍ଟି କରେ ଏବଂ ଚତୁର୍ଥଟି ଭକ୍ତମାନଙ୍କୁ ଅଭୟ ମୁଦ୍ରାରେ ଆଶ୍ୱାସନା ଓ ଆଶୀର୍ବାଦ ଦେଇଥାଏ । ଭୀଷଣ ଭୟଙ୍କର ରୂପରେ ସେ ଶିବଙ୍କ ଉପରେ ଦଣ୍ଡାୟମାନା

ଶୁଭ ଦୀପାବଳି



ଦୀପାବଳିରେ କରନ୍ତୁ ଏସବୁ ଦାନ



ହିନ୍ଦୁ ଧର୍ମରେ ଦୀପାବଳି ପର୍ବକୁ ବେଶ ଧୁମଧାମରେ ପାଳନ କରାଯାଏ। ପ୍ରତ୍ୟେକ ବର୍ଷ କାର୍ତ୍ତିକ ମାସର ଅମାବାସ୍ୟା ଦିନ ଏହା ପାଳନ କରାଯାଏ। ମାନ୍ୟତା ଅନୁଯାୟୀ, ଏହି ଦିନ ଭଗବାନ ଶ୍ରୀରାମ ୧୪ ବର୍ଷ ବନବାସ ଶେଷ କରି ଅଯୋଧ୍ୟା ଫେରିଥିଲେ। ସେହି ଖୁସିରେ ନଗର ବାସୀ ଦୀପ ଜଳାଇ ତାଙ୍କ ସ୍ୱାଗତ କରିଥିଲେ। ସର୍ଭିଙ୍କ ପାଇଁ ଦୀପାବଳି ପର୍ବ ଖୁବ ମହତ୍ତ୍ୱପୂର୍ଣ୍ଣ। ଏହି ଦିନ ଶୀଘ୍ର ଉଠି ପରିବାର ସହ ପୂଜାର୍ଚ୍ଚନା କରିବା ସହ ଗୁରୁଜନଙ୍କୁ ପ୍ରଣାମ କରାଯାଏ। ଏହାସହ ଏହି ଦିନ ଭଗବାନ ଗଣେଶ ଓ ମା'ଲକ୍ଷ୍ମୀଙ୍କର ବିଶେଷ ଭାବେ ପୂଜାର୍ଚ୍ଚନା କରାଯାଏ। ଧାର୍ମିକ ମାନ୍ୟତା ଅନୁଯାୟୀ, ଏହି ଦିନ ସଠିକ ଭାବେ ପୂଜା କରିବା ଦ୍ୱାରା ଆର୍ଥିକ କ୍ଷେତ୍ରରେ ଥିବା ସମସ୍ୟା ଦୂର ହୋଇଥାଏ। ପରିବାରରେ ସୁଖସମୃଦ୍ଧି ବୃଦ୍ଧି ହୋଇଥାଏ। ଏହି ଦିନ ଦାନ କରିବା ଖୁବ ଶୁଭଙ୍କର ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି। ଜାଣନ୍ତୁ କ'ଣ କରିବେ ଦାନ.. ଦୀପାବଳି ଦିନ ଅନ୍ନ ଦାନ କରିବା ଦ୍ୱାରା ବ୍ୟକ୍ତିଙ୍କ ମନସ୍କାମନା ପୂରଣ ହୋଇଥାଏ। ଏହାସହ ପୁଣ୍ୟଫଳ ପ୍ରାପ୍ତି ହୋଇଥାଏ। ଦୀପାବଳିରେ ଅସହାୟଙ୍କୁ ବସ୍ତ୍ର ଦାନ କରନ୍ତୁ। ଏହାଦ୍ୱାରା ଭାଗ୍ୟ ଚମକିଥାଏ। ବସ୍ତ୍ର ଦାନ କରିବା ଦ୍ୱାରା ଦେବୀ ଦେବତା ପ୍ରସନ୍ନ ହୋଇଥାଆନ୍ତି। ଘରର ସଦସ୍ୟଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଓ ରୋଗରୁ ଦୂରେଇ ରହିବା ପାଇଁ ଦୀପାବଳି ଦିନ ଫଳ ଦାନ କରନ୍ତୁ। ଏହାଦ୍ୱାରା ଶୁଭଫଳ ମିଳିଥାଏ। ପାଣି ଦାନ କରିବା ଦ୍ୱାରା ଜୀବନରେ ଥିବା ଅନେକ ସମସ୍ୟା ଦୂର ହୋଇଥାଏ। ଦୀପାବଳି ଦିନ ଝାଡୁ ଦାନ କରିବା ଦ୍ୱାରା ଜୀବନରେ ଥିବା ଅନେକ କଷ୍ଟରୁ ମୁକ୍ତି ମିଳିଥାଏ। ଆର୍ଥିକ ସମସ୍ୟା ମଧ ଦୂର ହୋଇଥାଏ।

ସବୁଜ ବାଣ

ଏହି ବାଣରେ ସବୁଜ ରଙ୍ଗ ଲୋଗୋ ଥାଏ। ବାଣରେ 'ପେସୋ' ଅନୁମୋଦିତ ଷ୍ଟାମ୍ପ ରହିଥାଏ। 'ପେସୋ' ଅର୍ଥାତ୍ ପେଟ୍ରୋଲିୟମ୍ ଓ ବିସ୍ଫୋରକ ସୁରକ୍ଷା ସଂସ୍ଥା–






ବୋରିୟମ ସଲ୍ଟ ଓ ରାସାୟନିକ ସାମଗ୍ରୀ ବ୍ୟବହାରକାରୀ ବାଣ ଉପରେ ରୋକ୍ ଲାଗିଛି । ବାଣ ଦୋକାନରେ କେବଳ ସବୁଜ ବାଣ ବିକ୍ରି ହୋଇପାରିବ । ସେଥିନେଇ ଦେଶୀ ବାଣ ଏବଂ ନନ୍-ବ୍ରାଣ୍ଡେଡ ବାଣର କିଣାବିକା ଉପରେ କଟକଣା ଲାଗିଛି । ତେବେ ସବୁଜ ବାଣ ଫୁଟାଇବା ଉପରେ କିନ୍ତୁ କୌଣସି ପ୍ରତିବନ୍ଧକ ନ ଥିବା ଦେଖିବାକୁ ମିଳିଛି । ତେବେ ନଜର ପକାନ୍ତୁ କେମିତି ଚିହ୍ନିବେ ସବୁଜ ବାଣଲୋଗୋ ଦେଖି ସବୁଜ ବାଣକୁ ଜାଣନ୍ତୁ । ଏ ସଂପର୍କିତ କିଛି ସୂଚନା ଏହିପରି। ଏହି ବାଣରେ ସବୁଜ ରଙ୍ଗ ଲୋଗୋ ଥାଏ। ବାଣରେ 'ପେସୋ' ଅନୁମୋଦିତ ଷ୍ଟାମ୍ପ ରହିଥାଏ। 'ପେସୋ' ଅର୍ଥାତ୍ ପେଟ୍ରୋଲିୟମ୍ ଓ ବିସ୍ଫୋରକ ସୁରକ୍ଷା ସଂସ୍ଥା– । 'ପେସୋ' ଅନୁମୋଦିତ ବାଣ ବିକ୍ରି ପାଇଁ ଅନୁମତି ରହିଛି। କେଉଁ ଗୁଡ଼ିକ ସବୁଜ ବାଣ, ତାହା ଧାର୍ଯ୍ୟ କରିଛନ୍ତି ସିଏସ୍‌ଆଇଆର ବା ନ୍ୟାସନାଲ ଏନଭାଇରନମେଣ୍ଟାଲ ଇଞ୍ଜିନିୟରିଂ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍। ସବୁଜ ବାଣ ଅଧିକ ଧୂଆଁ କିମ୍ବା ପାଉଁଶ ସୃଷ୍ଟି କରେ ନାହିଁ। ସବୁଜ ବାଣରେ ବିଷାକ୍ତ ରାସାୟନିକ ପଦାର୍ଥ ମିଶିନଥାଏ। ବାଣ ଫୁଟିଲେ ଧ୍ୱନି ୧୧୦ରୁ ୧୨୫ ଡେସିବଲ ମଧ୍ୟରେ ରହିଥାଏ। ବାଣ ପରିବେଶକୁ କୌଣସି କ୍ଷତି ପହଞ୍ଚାଇନଥାଏ। ଅନ୍ୟ ବାଣ ଅପେକ୍ଷା ୩୦ ପ୍ରତିଶତ କମ୍ ଧ୍ୱନି ହୋଇଥାଏ । ବାଣ ପାଇଁ ଛୋଟ ପିଲାଙ୍କ ଚାହିଦାକୁ ଦେଖି ମାର୍କେଟରେ ଏବେ ପ୍ରାୟ ୩ ଶହ ପ୍ରକାର ବାଣ ଆସିଛି । ଆଉ ଏଥିରୁ ୯୦ ପ୍ରତିଶତ ସବୁଜ ବାଣ ରହିଥିବା କୁହାଯାଉଛି । ଏହାସହ ବାଣ ଫୁଟାଇବା ନେଇ ସତର୍କ ସୂଚନା ପ୍ୟାକେଟରେ ଉଲ୍ଲେଖ ରହିଛି । ସବୁଜ ବାଣ ହେଲେ ମଧ ବାଣ ଫୁଟାଇବା ବେଳେ ଉପଯୁକ୍ତ ସତର୍କତା ଓ ସୁରକ୍ଷା ଅବଲମ୍ବନ କରିବା ଉଚିତ ।




ଦୀପାବଳିର କଥା









ଐଶର୍ଯ୍ୟ ଆଉ ସମୃଦ୍ଧିର ଦେବୀ ମା' ବିଷ୍ଣୁପ୍ରିୟା ଲକ୍ଷ୍ମୀଙ୍କ ଆଗମନ ହେତୁ ଘରଗୁଡ଼ିକରେ ପାରମ୍ପରିକ ରୂପାଙ୍କନ ରଙ୍ଗୋଲି ଗୃହଦ୍ୱାରରେ କରାଯାଏ । ଗୃହ ଦ୍ୱାରକୁ ନାନା ପ୍ରକାରର ସାଜ-ସଜ୍ଜା କରାଯାଏ । ଘର ବାହାରେ ଶୁଭ ଦୀପର ଆଲୋକ ଜ୍ୟୋତିର୍ମୟ ହୋଇକରି ଶୁଭ୍ରତା ଚାରିଆଡେ ବ୍ୟାପିଥାଏ ।


ଶତ୍ରୁବୃଦ୍ଧି ବିନାଶାୟ, ଦୀପଂ ଜ୍ୟୋତିଃ ନମସ୍ତୁତେ'



ଦୀପୋତ୍ସବ ସମ୍ବନ୍ଧରେ ଅନେକ ପୌରାଣିକ କଥା ପ୍ରଚଳିତ ଅଛି । କୁହାଯାଏ ଯେ ଦେବତା ଏବଂ ଅସୁରଙ୍କ ଦ୍ୱାରା ସମୁଦ୍ର ମନ୍ଥନ କରାଗଲା ଆଉ ଚଉଦ ରତ୍ନର ସହିତ ଭଗବାନ ଧନ୍ୱନ୍ତରି ମଧ୍ୟ ଅମୃତ କଳସ ଆଣିକରି ପ୍ରକଟ ହୋଇଥିଲେ । କାର୍ତ୍ତିକ ତ୍ରୟୋଦଶୀ ତିଥିରେ ଭଗବାନ ଧନ୍ୱନ୍ତରି ପ୍ରକଟ ହେଇଥିଲେ,ଯାହାକୁ ଧନତେରସ ରୂପରେ ପାଳନ କରାଗଲା । ଏହିଦିନ ଧନାଧ୍ୟକ୍ଷ କୁବେର,ଆରୋଗ୍ୟର ଦେବତା ଧନ୍ୱନ୍ତରି ଏବଂ ଯମର ପୂଜା କରାଯାଏ । ତତ୍‌ପଶ୍ଚାତ କାର୍ତ୍ତିକ ଅମାବାସ୍ୟାକୁ ମାତା ମହାଲକ୍ଷ୍ମୀଙ୍କ ପ୍ରକଟ ମଧ୍ୟ ସେହି ସିନ୍ଧୁର ଗର୍ଭରେ ହେଲା । ମାତାଲକ୍ଷ୍ମୀଙ୍କ ଭୂଲୋକରେ ଅବତରଣ ପରେ ଦେବତାମାନଙ୍କ ଦ୍ୱାରା ପ୍ରଥମ ଦୀପାବଳି ପାଳନ କରାଗଲା । ବହୁ ପ୍ରଚଳିତ କଥାରେ ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମ ଯିଏ ରାବଣକୁ ବଧ କରି ଚଉଦ ବର୍ଷ ପରେ ନିଜର ଜନ୍ମଭୂମି ଅଯୋଧ୍ୟାରେ ପ୍ରବେଶ କଲେ । ସେତେବେଳେ ତାଙ୍କର ଆଗମନରେ ପ୍ରଫୁଲ୍ଲିତ ହୋଇ ଅଯୋଧ୍ୟାରେ ସମସ୍ତ ନଗରକୁ ଦୀପରେ ସଜେଇ ଦୁର୍ଲଭ ଦୀପାବଳିର ପାଳନ କରା ଯାଇଥିଲା । ଆଉ ଗୋଟିଏ କଥା ଦ୍ୱାପର ଯୁଗରୁ ପ୍ରଚଳିତ ଏକ କଥାରୁ ମିଳିଥାଏ, ଯେଉଁଥିରେ ଭଗବାନ ଶ୍ରୀକୃଷ୍ଣ ନରକାସୁର ରାକ୍ଷସର ବଧ କରି ଜନତାଙ୍କୁ ତାହାର ଆତଙ୍କରୁ ମୁକ୍ତ କରିଥିଲେ । ତା'ପରଦିନ ଗୋପବାସୀମାନେ ଆନନ୍ଦ ଉତ୍ସବ ସ୍ୱରୂପ ଦୀପାବଳି ପାଳନ କଲେ । ଐତିହାସିକ ତଥ୍ୟ ଉପରେ ଜୈନ ଧର୍ମରେ ଚବିଶତମ ତୀର୍ଥଙ୍କର ମହାବୀର ସ୍ୱାମୀଙ୍କର ମୃତ୍ୟୁ ମଧ୍ୟ ଦୀପାବଳି ତିଥିରେ ପାବାପୁରୀ(ବିହାର)ରେ ହେଇଥିଲା । ଅନ୍ୟ ତଥ୍ୟ ଅନୁସାରେ ଏକଦା ଦୀପାବଳି ତିଥିରେ ଉଜ୍ଜୈନର ସମ୍ରାଟ ବିକ୍ରମାଦିତ୍ୟଙ୍କ ରାଜତିଳକ କରାଯାଇଥିଲା । ଆଉ ଶିଖ୍‌ମାନଙ୍କର ପଞ୍ଚମ ଗୁରୁ ଅର୍ଜୁନ ଦେବ ମଧ୍ୟ ବିଶ୍ୱ ପ୍ରସିଦ୍ଧ ସ୍ୱର୍ଣ୍ଣମନ୍ଦିରର ନିର୍ମାଣ ଦୀପାବଳି ଦିନ ପ୍ରାରମ୍ଭ କରିଥିଲେ । ଆଉ ଶିଖ୍‌ଙ୍କର ଷଷ୍ଠ ଗୁରୁ ହରଗୋବିନ୍ଦ ସିଂହଙ୍କୁ କାରାଗାରରୁ ମୁକ୍ତ କରା ଯାଇଥିଲା । ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ପରଲୋକ ଦୀପାବଳି ତିଥିରେ ହିଁ ହୋଇଥିଲା । ଗୋଟିଏ ଉଲ୍ଲେଖ ତଥ୍ୟ ଏହା ଯେ ନେପାଳରେ ନବବର୍ଷ ପ୍ରାରମ୍ଭ ମଧ୍ୟ ଦୀପାବଳି ଦିନରୁ ହୋଇଥାଏ । ଐଶର୍ଯ୍ୟ ଆଉ ସମୃଦ୍ଧିର ଦେବୀ ମା' ବିଷ୍ଣୁପ୍ରିୟା ଲକ୍ଷ୍ମୀଙ୍କ ଆଗମନ ହେତୁ ଘରମାନଙ୍କରେ ପାରମ୍ପରିକ ରୂପାଙ୍କନ ରଙ୍ଗୋଲି ଗୃହଦ୍ୱାରରେ କରାଯାଏ । ଗୃହ ଦ୍ୱାରକୁ ନାନା ପ୍ରକାରର ସାଜ-ସଜ୍ଜା କରାଯାଏ । ଘର ବାହାରେ ଶୁଭ ଦୀପର ଆଲୋକ ଜ୍ୟୋତିର୍ମୟ ହୋଇକରି ଶୁଭ୍ରତା ଚାରିଆଡେ ବିଚ୍ଛୁରିତ କରିଥାଏ ।

ଦୀପଂ ଜ୍ୟୋତିଃ ନମସ୍ତୁତେ

'ଶୁଭମ୍ କରୋତି କଲ୍ୟାଣମ୍, ଆରୋଗ୍ୟ ଧନ ସମ୍ପଦାମ୍। ଶତ୍ରୁବୃଦ୍ଧି ବିନାଶାୟ, ଦୀପଂ ଜ୍ୟୋତିଃ ନମସ୍ତୁତେ'।। ଦୀପୋତ୍ସର୍ଗର ପ୍ରାଧାନ୍ୟ ହିଁ ଦୀପାବଳି ଉତ୍ସବର ସାର୍ଥକତା ବୋଲି ଏହା 'ଦୀପାନ୍ୱିତା' ନାମରେ ଆଖ୍ୟାୟିତ। ବେଦ, ପୁରାଣ ଓ ତନ୍ତ୍ର ଏଇ ତିନିଟିର ସମନ୍ୱୟରେ ସମଗ୍ର ଭାରତରେ ଦୀପାବଳି ଉତ୍ସବ ସମନ୍ୱିତ। ଭାରତରେ ସବୁଠାରୁ ପ୍ରାଚୀନ ଏହି ଲୋକୋତ୍ସବ ମହିମାନ୍ୱିତ ଜାତୀୟ ଉତ୍ସବ ଭାବେ ସ୍ମରଣାତୀତକାଳରୁ ଅନୁଷ୍ଠିତ ହୋଇଆସୁଛି। ଦୀପାନ୍ୱିତା ହୁଏ କାର୍ତ୍ତିକ ଅମାବାସ୍ୟା। ଦୀପଦାନର ଅନୁପମ ମନ୍ତ୍ରଟି ହେଲା 'ଅଗ୍ନି ଜ୍ୟୋତିଃ ରବି ଜ୍ୟୋତିଃ ଶ୍ଚନ୍ଦ୍ର ଜ୍ୟୋତିସ୍ତଥୈବ ଚ। ଉତ୍ତମ ସର୍ବଜ୍ୟୋତିରାଃ ପ୍ରତି ଗୃହ୍ୟତାମ୍'।। ଅର୍ଥାତ୍ , ଅଗ୍ନି ଓ ଜ୍ୟୋତିଃ, ରବି ଓ ଜ୍ୟୋତିଃ, ଚନ୍ଦ୍ର ଓ ଜ୍ୟୋତିଃ, ଏସବୁ ଜ୍ୟୋତିଃନିଶ୍ଚୟ, କିନ୍ତୁ ସମସ୍ତ ଜ୍ୟୋତିଃର ଶ୍ରେଷ୍ଠ ଯେଉଁ ଜ୍ୟୋତିଃ ତାହା ହେଉଛି ମୋ ପ୍ରଦତ୍ତ ଏଇ ଦୀପ ତାହା ଗ୍ରହଣ କରନ୍ତୁ। ଏଇ ଦୀପ, ଅନ୍ଧକାର ବିନାଶୀ ଜ୍ଞାନ ଦୀପର ପ୍ରତୀକ ଭାବେ ଜ୍ଞାନ ଜ୍ୟୋତିଃରେ, ଦେହ ମନରେ ଅଜ୍ଞାନ ଅନ୍ଧକାର ଦୂରକାର ଆଲୋକଙ୍କ ପଥରେ ନେଇଯିବାର ଭାବନା ହିଁ ଦୀପାବଳିର ଶ୍ରେଷ୍ଠତ୍ୱ। 'ତମସୋ ମା ଜ୍ୟୋତିର୍ଗମୟ' ବେଦମନ୍ତ୍ର ଦୀପାନ୍ୱିତାର ଅଧିଷ୍ଠାତ୍ରୀ ମା'କାଳିକାଙ୍କ ପ୍ରାଣମନ୍ତ୍ର । ପୁରାଣର କାହାଣୀ ଅନୁଯାୟୀ ରାମଚନ୍ଦ୍ର ଲଙ୍କେଶ୍ୱର ରାବଣକୁ ଯୁଦ୍ଧରେ ବଧ କରି ଯେଉଁ ଦିନ ସୀତାଙ୍କୁ ଉଦ୍ଧାର କରି ଅଯୋଧ୍ୟାକୁ ଫେରି ଆସିଥିଲେ। ସେ ଦିନ ପ୍ରତ୍ୟାବର୍ତ୍ତନକୁ କେନ୍ଦ୍ରକରି ସମଗ୍ର ଅଯୋଧ୍ୟା ନଗରୀ ଆଲୋକମାଳାରେ ସଜ୍ଜିତ ହୋଇଥିଲା। ଘରେ ଘରେ ଜଳି ଉଠିଥିଲା ମଙ୍ଗଳଦୀପ। ଅପରାହ୍ନରେ ପିତୃ ପୁରୁଷଗଣଙ୍କ ପାର୍ବଣ ଶ୍ରାଦ୍ଧ ବା ପୟା ଶ୍ରାଦ୍ଧ ଓ ମହାନିଶାରେ ମହାଳୟା ତ୍ରିଭୁବନ ଜନନୀ ମା' କାଳୀଙ୍କ ଅର୍ଚ୍ଚନା ଦୀପାବଳି ଉତ୍ସବର ସମୀକରଣ। ମହାରାଷ୍ଟ୍ରରେ ଦୀପାବଳି ପର ଦିନ ମହାଦାନୀ ବଳିରାଜାଙ୍କ ପୂଜାକୁ ଗୁରୁତ୍ୱ ଦିଆଯାଏ। ସପ୍ତଦଶ ଶତାବ୍ଦୀର ଆରମ୍ଭରେ ଯେଉଁ ଇଉରୋପୀୟ ପର୍ଯ୍ୟଟକ ଭାରତ ଭ୍ରମଣରେ ଆସିଥିଲେ, ସେମାନେ ସମ୍ରାଟମାନଙ୍କ ଦୀପାବଳି ଉତ୍ସବ ଓ ନଦୀରେ ଦୀପ ଭସାଇବା ଦେଖିଥିଲେ। ଇତିହାସକୁ ମାନି ନେଇ କେତେକ ସ୍ଥାନରେ ପ୍ରଦୀପ ପ୍ରଜ୍ୱଳନ ଓ ନଦୀରେ ଦୀପ ଭସାଇବାର ଉତ୍ସବ ଚଳି ଆସୁଛି। ଆଶା ରଖିବା ,ଦୀପାବଳି ଉତ୍ସବ ଜୀବନ୍ତ ହୋଇଉଠୁ ଏବଂ ଦୀପମାଳାର ଅନିର୍ବାଣ ଶିଖାରେ ଆସୁ ଶାନ୍ତି ଓ ଅଫୁରନ୍ତ ପୁଲକ।



ଦିନଲିପି

୭ .୧୧. ୨୦୨୬ ଶନିବାର

ଜଙ୍କିଆ ଓ ମୁଣ୍ଡାମ୍ବ ଅଞ୍ଚଳରେ ଜାତୀୟ ରାଜପଥ ପାର୍ଶ୍ୱବର୍ତ୍ତୀ ବେଆଇନ ଜବତ ଉଚ୍ଛେଦ

ନିରାକାରପୁର,(ନିପ୍ର): ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଜାତୀୟ ରାଜପଥ-୧୬ ର ରାଇଟ୍ ଅଫ୍ ୱେ ପରିସରରେ ରହିଥିବା ବିଭିନ୍ନ ବେଆଇନ ଜବତ ଓ ଅନଧିକୃତ ନିର୍ମାଣକୁ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଉଚ୍ଛେଦ କରାଯାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଖୋର୍ଦ୍ଧା ଉପଜିଲ୍ଲାପାଳ ତଥା ଏସ୍.ଡି.ଏମ୍.ଙ୍କ କାର୍ଯ୍ୟାଳୟର ନିର୍ଦ୍ଦେଶକ୍ରମେ ମୁଣ୍ଡାମ୍ବ, ଜଙ୍କିଆ ଅଞ୍ଚଳରେ ଏହି ଉଚ୍ଛେଦ ଅଭିଯାନ କାର୍ଯ୍ୟକାରୀ ହୋଇଛି। ରାଜପଥର ସଂପ୍ରସାରଣ, ଟ୍ରାଫିକ୍ ନିୟନ୍ତ୍ରଣ ଏବଂ



ଯାତାୟାତକୁ ସୁଗମ କରିବା ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଆରମ୍ଭ ହୋଇଥିବା ଉଚ୍ଛେଦ କାର୍ଯ୍ୟ ସମୟରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା। ଖୋର୍ଦ୍ଧା ଅତିରିକ୍ତ ତହସିଲଦାର ତଥା କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ ଡି. ଗୋପାଳ ରେଡ୍ଡୀ ଓ ଏଏଚଆଇ ଅଧିକାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ରହି ଉଚ୍ଛେଦ ପ୍ରକ୍ରିୟାକୁ ତଦାରଖ କରିଥିଲେ। ଏଥିସହିତ ଆଇନଶୃଙ୍ଖଳା ରକ୍ଷା ପାଇଁ ଜଙ୍କିଆ ଥାନା ଅଧିକାରୀ ଚନ୍ଦ୍ର ଶେଖର ଜେନାଙ୍କ ସମେତ ପୁଲିସ ପ୍ରଶାସନ ସମ୍ପୂର୍ଣ୍ଣ ସତର୍କ ରହିଥିଲା। କାର୍ଯ୍ୟାନୁଷ୍ଠାନ ଫଳରେ ରାଜପଥ ପାର୍ଶ୍ୱରୁ ବେଆଇନ କବ୍‌ଜା ହଟିଥିବା ଜଣାପଡ଼ିଛି। ଉଚ୍ଛେଦ ସମୟରେ ପ୍ରବଳ ବର୍ଷା ହେବା ଯୋଗୁଁ ଉଚ୍ଛେଦ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିଲା।

କଣ୍ଟିଲୋ ପ୍ରିମିୟର ଶତପଥି ଲାୟନସ ଓ ଅଶୋକା କିଙ୍ଗସ ବିଜୟୀ

କଣ୍ଟିଲୋ,(ନି.ପ୍ର) କଣ୍ଟିଲୋ ପଲଟନ ପଡିଆ ଠାରେ ଚାଲିଥିବା କଣ୍ଟିଲୋ ପ୍ରିମିୟର ଲିଗ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟର ୧୬ତମ ଲିଗ ପର୍ଯ୍ୟାୟ ମ୍ୟାଚରେ ଶତପଥି ଲାୟନସ ଓ ୧୭ତମ ମ୍ୟାଚରେ ଅଶୋକା କିଙ୍ଗସ ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୧୩ ଓଭର ବିଶିଷ୍ଟ ପ୍ରଥମ ମ୍ୟାଚରେ ଟସ ଜିତି ଶତପଥି ଲାୟନସ କ୍ଲବ ପ୍ରଥମେ ବ୍ୟାଟିଂ କରି ୬ଉଇକେଟ ବିନିମୟ ରେ ୧୫୩ରନ ସଂଗ୍ରହ କରିଥିଲା। ଜବାବରେ ବିକାଶ ୱାରିୟର୍ସ ୧୩ଓଭରରେ ୯ଉଇକେଟ ହରାଇ ୧୧୦ରନ କରିପାରିଥିଲା। ଶତପଥି ଲାୟନସର ରିତୁ ଧଳ ମ୍ୟାନ ଅଫ ଦ ମ୍ୟାଚ ହୋଇଥିଲେ। ସେହିପରି ଦ୍ୱିତୀୟ ତଥା ୧୭ତମ ଲିଗ ମ୍ୟାଚରେ ଅଶୋକା କିଙ୍ଗସ, ଦିପୁ କିଙ୍ଗସକୁ ୨୧ରନରେ ପରାସ୍ତ କରିଛି। ୧୪ ଓଭର ବିଶିଷ୍ଟ ମ୍ୟାଚରେ ଟସ ଜିତି ପ୍ରଥମେ ବ୍ୟାଟିଂ ଅଶୋକା କିଙ୍ଗସ ଟିମ ୯ଉଇକେଟ ବିନିମୟରେ ୧୨୨ ରନ ସଂଗ୍ରହ କରିଥିଲା। ଜବାବରେ ଦିପୁ କିଙ୍ଗସ ୧୨. ୫ଓଭରରେ ୧୦୧ରନରେ ଅଲଆଉଟ ହୋଇଯାଇଥିଲା ବିଜୟୀ ଟିମର ସନ୍ତୋଷ ବେହେରା ମ୍ୟାନ ଅଫ ଦ ମ୍ୟାଚ ହୋଇଥିଲେ।

ଅନ୍ତର୍ଜାତୀୟ ଫ୍ୟାଶନ୍: ବୌଦ୍ଧ ଜିଲ୍ଲା ପାଇଁ ଆଣିଲେ ଗୌରବ ସ୍ନେହାରାଣୀ

ବୌଦ୍ଧ,(ନି.ପ୍ର): ବୌଦ୍ଧ ଜିଲ୍ଲାର ଉଦୀୟମାନ ଯୁବ ପ୍ରତିଭା ସ୍ନେହାରାଣୀ ମିଶ୍ର ନିଜର ଅସାଧାରଣ ପ୍ରତିଭା ଓ ଆତ୍ମବିଶ୍ୱାସ ବଳରେ ଜାତୀୟସ୍ତରରେ ସଫଳତା ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଦିଲ୍ଲୀଠାରେ ଆୟୋଜିତ 'ଗ୍ରେସ୍ ଲକ୍ସ ଫ୍ୟାଶନ୍ ୱିକ୍'ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସେ 'ଆରଏଫ୍ଏସ୍ ମିସ୍ ପପୁଲାର ଅଫ୍ ୱେଷ୍ଟର୍ଣ୍ଣ ଓଡ଼ିଶା-୨୦୨୬' ସମ୍ମାନଜନକ ଟାଇଟଲ୍ ହାସଲ କରିଛନ୍ତି। ରାଉରକେଲା ଫ୍ୟାଶନ୍ ଷ୍ଟାର ପକ୍ଷରୁ ଅନୁଷ୍ଠାନର ପ୍ରତିଷ୍ଠାତା ସତ୍ୟମ୍ ସାହୁଙ୍କ ନିର୍ଦ୍ଦେଶନାରେ ସ୍ନେହାରାଣୀ ପ୍ରତିଯୋଗିତାରେ ଭାଗ ନେଇଥିଲେ।ଏହି ସଫଳତା ପରେ ତାଙ୍କୁ ଅନ୍ତର୍ଜାତୀୟ ଫ୍ୟାଶନ୍ ଶୋ'ରେ ଅଂଶଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରିବା ପାଇଁ ମନୋନୀତ କରାଯାଇଛି। ସ୍ନେହାରାଣୀଙ୍କ ଏହି ସଫଳତା ବୌଦ୍ଧ ଜିଲ୍ଲାର ଅନ୍ୟ ଯୁବପ୍ରତିଭାମାନଙ୍କୁ ନିଜର ସ୍ୱପ୍ନ ପୂରଣ ଦିଗରେ ଆଗେଇ ଯିବାକୁ ନିଶ୍ଚିତ ଭାବେ ପ୍ରେରଣା ଯୋଗାଇବ।

୩ ପଞ୍ଚାୟତରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର

ଡାବୁଗାଁ,(ନିପ୍ର): ଡାବୁଗାଁ ବ୍ଲକରେ ଦ୍ୱିତୀୟ ପର୍ଯ୍ୟାୟ ରେ ୩ଟି ପଂଚାୟତର ନନ୍ଦପୁରା, କୋଇଲାରୀ ଏବଂ ଜବାଗୁଡାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ଏହି ୩ଟି ବିଦ୍ୟାଳୟ ପରିସରକୁ



ରଙ୍ଗବେରଙ୍ଗ ବେଲୁନ୍ ଓ ଫୁଲରେ ସଜାଯାଇଥିଲା। ନୂତନ ଆଦର୍ଶ ବିଦ୍ୟାଳୟ ହେବା ଦ୍ୱାରା ଏହି ସବୁ ଅଞ୍ଚଳ ସମେତ ଆଖପାଖ ଅଞ୍ଚଳର ଛାତ୍ରଛାତ୍ରୀମାନେ ଉନ୍ନତ ଶିକ୍ଷା, ଭଲ ଶ୍ରେଣୀଗୃହ, ଶୌଚାଳୟ ଓ ଅନ୍ୟ ସୁବିଧା ପାଇପାରିବେ ବୋଲି ଉପସ୍ଥିତ ଅଭିଭାବକ ଓ ଗ୍ରାମବାସୀ ଖୁସି ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଡାବୁଗାଁ ବ୍ଲକ୍ ଗୋଷ୍ଠି ଶିକ୍ଷା ବିଭାଗର ଅତିରିକ୍ତ ଶିକ୍ଷା ଅଧିକାରୀ ଭଗବାନ ମାଝୀ, ସନ୍ତୋଷ ସାହୁ ସମେତ ,ଶିକ୍ଷକ-ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଓ ବହୁ ସଂଖ୍ୟାରେ ଗ୍ରାମବାସୀ ଉପସ୍ଥିତ ଥିଲେ।

ବର୍ଷାରେ ଗଜା ହୋଇଗଲା କଟାଧାନ, ଚିନ୍ତାରେ ଚାଷୀ

ମାଲକାନଗିରି,(ନିପ୍ର): ମାଲକାନଗିରି ଜିଲାରେ ଗତ ୨ ଦିନ ହେଲା ଲଗାଣ ବର୍ଷା ଯୋଗୁ ମାଥିଲି ବ୍ଲକ ଅଞ୍ଚଳର ଅନେକ ଚାଷୀଙ୍କ କଟା ଧାନ ପାଣିରେ ବୁଡ଼ି ରହି ଗଜା ହୋଇଯାଇଛି। ଫଳରେ ଚାଷୀଙ୍କ ବର୍ଷକର ପରିଶ୍ରମ ପାଣିରେ ମିଶିଯାଯାଇଛି। ଯାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଚାଷୀ।

ସୂଚନା ଅନୁଯାୟୀ, ବାତ୍ୟା 'ଅର୍ଣ୍ଣବ'ରେ ଅଞ୍ଚଳର କିଛି ଚାଷଜମି କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ଅନେକ ଚାଷୀଙ୍କ ଫସଲ ସୁରକ୍ଷିତ ରହିଥିଲା। ଫଳରେ - ଚାଷୀଙ୍କ ମନରେ ଆଶା ଓ ଖୁସି ଫୁଟିଥିଲା। ହେଲେ ବାତ୍ୟାର ପ୍ରଭାବ କମିବାର କିଛିଦିନ ନ ବିତୁଣୁ ପୁଣି ଲଘୁଚାପଜନିତ ଲଗାଣ ବର୍ଷା ସେମାନଙ୍କ ଆଶାରେ ପାଣି ପକାଇ ଦେଇଛି। ଧାନ କାଟି ଅମଳ ପାଇଁ ଥିବା ଚାଷୀଙ୍କ ଧାନ ବର୍ଷା ପାଣିରେ ଭିଜି ଗଜା ହୋଇଯାଇଛି। ଚାଉଳମେଦି ଗ୍ରାମପଞ୍ଚାୟତର ସନୁ ଗୌଡ଼ ନିଜ ଜମିରୁ ଧାନ କାଟି ରଖୁଥିବା ବେଳେ ଲଗାଣ ବର୍ଷା ଯୋଗୁ ଜମିରେ ପାଣି ପଶିଯାଇଥିଲା। ଫଳରେ ଦୀର୍ଘ ସମୟ ଧରି ପାଣିରେ ଭିଜି ରହି ତାଙ୍କର ସମସ୍ତ କଟା ଧାନ ଗଜାହୋଇ ନଷ୍ଟ ହୋଇଯାଇଛି।

ସେହିପରି ଅଞ୍ଚଳର ପ୍ରଫୁଲ ହରିଜନଙ୍କ ବିଲରେ ବର୍ଷା ଯୋଗୁ ଧାନ ଗଜା ହୋଇ ଥିବାବେଳେ ଅନେକ ଚାଷୀଙ୍କ ଧାନ ମଧ୍ୟ ବର୍ଷାରେ ଭିଜି ରହିଛି।



କେହି ଜରିପାଲ ତଳେ ଧାନ ରଖୁଛନ୍ତି ତ ଆଉ କେହି। ଅନ୍ୟ କେତେଜଣ ଚାଷୀଙ୍କ ଧାନ ଏବେ ମଧ୍ୟ ଜମିରେ ପଡ଼ିରହିଛି। ଲଗାଣ ବର୍ଷା ଯୋଗୁ ଧାନର ମାନ ନଷ୍ଟହେବା ସହ ଅମଳ ହ୍ରାସର ଆଶଙ୍କା ଦେଖାଦେଇଛି। ବର୍ଷକର ପରିଶ୍ରମ ପରେ ଅମଳ ସମୟରେ ଏଭଳି କ୍ଷତି ଚାଷୀଙ୍କୁ ହତାଶ କରିଦେଇଛି।

ଏଭଳି ସ୍ଥିତିରେ କ୍ଷତିଗ୍ରସ୍ତ ଚାଷଜମି ଓ ନଷ୍ଟ ହୋଇଥିବା ଧାନର ତୁରନ୍ତ ଆକଳନ କରିବା ସହ ସରକାରୀ ସହାୟତା ଓ କ୍ଷତିପୂରଣ ପ୍ରଦାନ କରିବାକୁ ଚାଷୀମାନେ ଦାବି କରିଛନ୍ତି।

ମାଲକାନଗିରିରେ ୪ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭିତ୍ତିପ୍ରସ୍ତର

ମାଲକାନଗିରି,(ନିପ୍ର): ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ , ଓଡ଼ିଶା ରାଜ୍ୟ ସରକାରଙ୍କ ତରଫରୁ ମାଲକାନଗିରି ଜିଲ୍ଲାରେ ୪ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଲା। ଭିତ୍ତିପ୍ରସ୍ତର ସ୍ଥାପନର ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ମାଲକାନଗିରି ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋରାଖୁଣ୍ଟା ହୋଇଥିବା ବେଳେ ବିଧାୟକ ତଥା ଅଧ୍ୟକ୍ଷ, ଜିଲ୍ଲା ଯୋଜନା କମିଟି ନରସିଂହ ମାଡ଼କାମି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଦାଶରଥି ସରାବୁ, ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ, ମାଲକାନଗିରି ଚିତ୍ତରଞ୍ଜନ ପାଣିଗ୍ରାହୀ ଅତିଥି ଭାବେ ଯୋଗ ଦେଇଥିଲେ।



ସେହିପରି ବିଦ୍ୟାଳୟ ସ୍ତରୀୟ କାର୍ଯ୍ୟକ୍ରମ ପଡ଼ିଆ ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ, ଉଣ୍ଡୁରକୋଣ୍ଡା ଠାରେ ଉପାଧ୍ୟକ୍ଷା, ଜିଲ୍ଲା ପରିଷଦ, ମାଲକାନଗିରି, ସଭ୍ୟ, ଜିଲ୍ଲା ପରିଷଦ, ପଡ଼ିଆ, ବ୍ଲକ ଅଧ୍ୟକ୍ଷ, ପଡ଼ିଆ, ମଞ୍ଜୁଲତା ଭୋଇ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ମାଲକାନଗିରି ଓ ରମେଶ ବରୋଇ, ଗୋଷ୍ଠୀ ଶିକ୍ଷା ଅଧିକାରୀ, କାଲିମେଲା ଯୋଗ ଦେଇଥିଲା ବେଳେ ମାଲକାନଗିରି ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସିମିଳିବାଞ୍ଚା ଠାରେ ସଭ୍ୟ, ଜିଲ୍ଲା ପରିଷଦ, ସମ୍ପୃକ୍ତ ଜୋନ୍, ସାଂସଦ ପ୍ରତିନିଧି, ବିଧାୟକ ପ୍ରତିନିଧି ଓ ସ୍ୱପ୍ନେଶ୍ୱର ନାୟକ, ଗୋଷ୍ଠୀ ଶିକ୍ଷା ଅଧିକାରୀ, ପଡ଼ିଆ ଅତିଥି ରୂପେ ଯୋଗ ଦେଇଥିଲେ। ଖଇରପୁଟ ବ୍ଲକର ସରକାରୀ ଉଚ୍ଚ ବିଦ୍ୟାଳୟ, ମାଡ଼କାପଦର ଠାରେ ବିଧାୟକଙ୍କ ପ୍ରତିନିଧି , ଚିତ୍ରକୋଣ୍ଡା, ସଭ୍ୟ, ଜିଲ୍ଲା ପରିଷଦ, ଖଇରପୁଟ ଜୋନ୍, ବ୍ଲକ ଅଧ୍ୟକ୍ଷ, ଖଇରପୁଟ ବ୍ଲକ, ଭାଗିରଥି ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ମାଲକାନଗିରି ଓ ଦିଲ୍ଲୀପ କୁମାର ଗଣ୍ଡ, ଗୋଷ୍ଠୀ ଶିକ୍ଷା ଅଧିକାରୀ, ଖଇରପୁଟ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଛନ୍ତି।

ଡ. ଚିତ୍ତରଞ୍ଜନ ନାହାକ ସମ୍ବର୍ଦ୍ଧିତ

ଅନୁଗୁଳ/ସମ୍ବଲପୁର,(ନିପ୍ର): ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ସ୍ମୃତି କମିଟି ବରଗଡ଼ ପକ୍ଷରୁ ପଶ୍ଚିମ ଓଡ଼ିଶା ଭାଷା କଳା ସଂସ୍କୃତିର ପ୍ରଚାରକ ଗୋଟିଏ ଦିନରେ ନୂଆଁଖାଇ ପାଳନ ପଛର ମହାନାୟକ ଲୋକ ମହୋତ୍ସବର ଜନକ କିମ୍ବଦନ୍ତୀ ନାଟ୍ୟ ମହର୍ଷି ଗୁରୁ ଭଗବାନ ସାହୁଙ୍କ ସ୍ମୃତିରେ ବିଶାଳ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅବସରରେ ରବିନ ଚନ୍ଦ୍ର ଦାସଙ୍କ ରଚିତ ଗୁରୁ ଭଗବାନ ସାହୁଙ୍କ ଜୀବନୀର ହିନ୍ଦୀ ଅନୁବାଦକ ଏମ ସି ଏଲର ଡ଼ ଚିତ୍ତରଞ୍ଜନ ନାହାକଙ୍କୁ ସମ୍ମାନିତ କରାଯାଇଛି। କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଲୁଲୁ ରବିନ ଦାସଙ୍କ ଆବାହକତ୍ୱରେ ବରଗଡ଼ ଯଦୁମଣି ପ୍ରଧାନ ଅଡିଟୋରିୟମରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଦଧିବାବନ ଶତପଥିଙ୍କ ସଭାପତିତ୍ୱରେ, ସମ୍ପାଦକ ତୁଳସୀ ଚରଣ ଦାଶ ବିବରଣୀ ପାଠ କରିଥିଲେ। ପ୍ରଦୀପ ଦେବତାଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡଙ୍ଗୀ



ସମ୍ମାନିତ ଅତିଥି ପ୍ରାକ୍ତନ ଅଧ୍ୟକ୍ଷ ଡ ଚିରବ୍ରତ ଦତ୍ତ ଟେକଚାନ୍ଦ ଦୁଆନ ମୁଖ୍ୟବକ୍ତା ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର ପ୍ରମୁଖ ଯୋଗଦାନ କରି ଗୁରୁ ଭଗବାନ ସାହୁଙ୍କ ଜୀବନୀ ହିନ୍ଦୀ ଅନୁବାଦ ହେବା ଦ୍ୱାରା ଗୁରୁ ଭଗବାନ ସାହୁଙ୍କ ଅବଦାନ ଭାରତ ବର୍ଷରେ ସୁଦୂର ପ୍ରସାରୀ ହେବ ବୋଲି ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ୪ ଜଣ ବିଭିନ୍ନ ଧର୍ମର ଧର୍ମ ଗୁରୁଙ୍କୁ ସମ୍ମାନିତ କରାଯାଇଥିଲା। 'ଗୋଟିଏ ଦିନରେ ନୂଆଁଖାଇ ଏବଂ ଗୁରୁ ଭଗବାନ ସାହୁ' ଶୀର୍ଷକ କବିତା ଆସର ଅନୁଷ୍ଠିତ ହୋଇଥିଲା। ଗୁରୁ ଭଗବାନ ସାହୁଙ୍କ ଶିଷ୍ୟ ଗବେଷକ ଶାସ୍ତ୍ରୀୟ ଶବ୍ଦନୃତ୍ୟ ଗୁରୁ ଭାଗବତ ପଧାନ (ଭାଗବତିଆ), ବ୍ୟଙ୍ଗ କବି ମନୋରଞ୍ଜନ ସାହୁ, ବିଶିଷ୍ଟ ସାହିତ୍ୟିକ ଉତ୍ପନ୍ନ କୁମାର ଭୋଇ, ନେତ୍ରାନନ୍ଦ ପ୍ରଧାନ,ଭବାନୀଶଙ୍କର ଭୋଇଙ୍କ ସମେତ ଅନେକ ବୁଦ୍ଧିଜୀବୀ ଯୋଗଦାନ କରିଥିଲେ। ଡ଼ ଚିତ୍ତରଞ୍ଜନ ନାହାକଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ନିମନ୍ତେ ଅଫ୍‌ସାଇଟ୍ ମକ୍ ଡ୍ରିଲ୍

ରାୟଗଡ଼,(ନିପ୍ର): ରାୟଗଡ଼ ଜିଲ୍ଲାରେ ସମ୍ଭାବ୍ୟ ରାସାୟନିକ ଦୁର୍ଘଟଣା ତଥା କ୍ଲୋରିନ୍ ଗ୍ୟାସ୍ ଲିକେଜ୍ ଜନିତ ଜରୁରୀକାଳୀନ ପରିସ୍ଥିତିର ସଫଳ ମୁକାବିଲା ଏବଂ ବିଭିନ୍ନ ବିଭାଗର ପ୍ରସ୍ତୁତି ଆକଳନ ନିମନ୍ତେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ନୂତନ ସମ୍ମିଳନୀ କକ୍ଷରେ ଏକ ଟେବୁଲ୍ ଟପ୍ ଏକ୍ସରସାଇଜ୍ ଅନୁଷ୍ଠିତ ହୋଇଥିଲା। ଡେପୁଟି ଡାଇରେକ୍ଟର ଅଫ୍ ଫ୍ୟାକ୍ଟ୍ରିଜ୍ ଆଣ୍ଡ ବଏଲର୍ସ, ରାୟଗଡ଼ ଡିଭିଜନଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ବୈଠକର ଆୟୋଜନ କରାଯାଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିହାର ରଞ୍ଜନ କହଁର ଏଥିରେ ଅଧ୍ୟକ୍ଷତା କରିଥିଲେ।

ବୈଠକରେ ଆଞ୍ଚଳିକ ପରିବହନ ବିଭାଗ, ଅଗ୍ନିଶମ ବିଭାଗ, ପୋଲିସ ବିଭାଗ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ ବିଭାଗ, ରେଳବାଇ, ଟିପି ସାଉଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ଏବଂ ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ରର ଅଧିକାରୀମାନେ ଯୋଗଦେଇଥିଲେ। ବୈଠକରେ କ୍ଲୋରିନ୍ ଗ୍ୟାସ୍ ଲିକେଜ୍ ଭଳି ଜରୁରୀକାଳୀନ ପରିସ୍ଥିତିରେ ବିଭିନ୍ନ ବିଭାଗର ଦାୟିତ୍ୱ ଓ କାର୍ଯ୍ୟଧାରା, ମକ୍ ଡ୍ରିଲ୍‌ର କ୍ରମାନ୍ୱୟ କାର୍ଯ୍ୟପନ୍ଥା, କ୍ଲୋରିନ୍ ପରିବହନ ସମୟରେ ସୁରକ୍ଷା ବ୍ୟବସ୍ଥା ଏବଂ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଉପରେ ଆଲୋଚନା କରାଯାଇଥିଲା।

ଏଥିସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଅଙ୍ଗନବାଡ଼ି କର୍ମୀ, ସରପଞ୍ଚ ଓ ଜନପ୍ରତିନିଧିମାନଙ୍କୁ ଏଭଳି ପରିସ୍ଥିତିରେ ଆବଶ୍ୟକ ସତର୍କତା ଓ ଜନସଚେତନତା ସମ୍ପର୍କରେ ପ୍ରଶିକ୍ଷଣ ଦେବା, ଜରୁରୀକାଳୀନ ଉଦ୍ଧାର ପାଇଁ ସ୍ୱତନ୍ତ୍ର ଯାନର ବ୍ୟବସ୍ଥା ଏବଂ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ସୁରକ୍ଷା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା।

ଏହାପରେ ଓଡ଼ିଶା-ଆନ୍ଧ୍ରପ୍ରଦେଶ ସୀମା ନିକଟସ୍ଥ କେରଡ଼ାଠାରେ କ୍ଲୋରିନ୍ ଗ୍ୟାସ୍ ଲିକେଜ୍ ପରିସ୍ଥିତିକୁ ଆଧାର କରି ଏକ ଅଫ୍‌ସାଇଟ୍ ଏମର୍ଜେନ୍ସି ମକ୍ ଡ୍ରିଲ୍ ଅନୁଷ୍ଠିତ ହୋଇଥିଲା।

ଏହି ଅଭ୍ୟାସର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜରୁରୀକାଳୀନ ସମୟରେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ, ତ୍ୱରିତ ଉଦ୍ଧାର କାର୍ଯ୍ୟ, ଚିକିତ୍ସା ସେବା, ଜନସୁରକ୍ଷା ଏବଂ ବିପର୍ଯ୍ୟୟ ପରିଚାଳନାର ପ୍ରସ୍ତୁତିକୁ ପରୀକ୍ଷା କରିବା। ଏଭଳି ଅଭ୍ୟାସ ଦ୍ୱାରା ଭବିଷ୍ୟତରେ କୌଣସି ରାସାୟନିକ ଦୁର୍ଘଟଣା ଘଟିଲେ ତାହାର ସଫଳ ମୁକାବିଲା କରିବା ସହ ଜନସାଧାରଣଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା ସୁନିଶ୍ଚିତ କରାଯାଇପାରିବ।

'ବୁଦ୍ଧିଜୀବୀ ସମାଜର ପଥ ପ୍ରଦର୍ଶକ ହୁଅନ୍ତୁ'




କଣ୍ଟିଲୋ, (ନି.ପ୍ର) ଖଣ୍ଡପଡ଼ା ସହରର ଅଧିଷ୍ଠାତ୍ରୀ ଦେବୀ ମା ଉମାଦେବୀଙ୍କ ମନ୍ଦିର ପରିସରରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଏକ ଜିଲ୍ଲାସ୍ତରୀୟ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଖଣ୍ଡପଡ଼ାର ପୂର୍ବତନ ସରପଞ୍ଚ ଧନେଶ୍ୱର ମହାପାତ୍ର, ଭୁବନେଶ୍ୱରସ୍ଥିତ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଅର୍ଜୁନ ସାହୁ,ବରିଷ୍ଠ ଆଇନଜୀବୀ ମାଧବ ପ୍ରସାଦ ମିଶ୍ର, ଗୋଆ ବନ୍ଦରର ଅଧ୍ୟକ୍ଷ ପବିତ୍ର ମୋହନ ମହାପାତ୍ର, ଭାଜପା ଦଳର ରାଜ୍ୟ ମୁଖପାତ୍ର ଲକ୍ଷ୍ମଣ ପଣ୍ଡା ପ୍ରମୁଖ ଯୋଗ ଦେଇ ସମ୍ମିଳନୀ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିବା ସହ ସାମ୍ପ୍ରତିକ ପରିସ୍ଥିତିରେ ବୁଦ୍ଧିଜୀବୀମାନେ ସମାଜର ପଥ ପ୍ରଦର୍ଶକ ହୁଅନ୍ତୁ ବୋଲି ମତ ଦେଇଥିଲେ। ସାରା ଦେଶରେ ଭାଜପା ପକ୍ଷରୁ ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ ଅଭିଯାନ ଚାଲୁ ରହିଥିବାବେଳେ ଦେଶରେ ରାଜନୈତିକ ଅସ୍ଥିରତା ସୃଷ୍ଟି କରୁଥିବା ନିର୍ଦ୍ଦିଷ୍ଟ ଏକ ରାଜନୈତିକ ଦଳର ମଙ୍ଗୁଆଳମାନଙ୍କୁ ଭାଜପା ନେତାମାନେ ଆକ୍ଷେପ କରି କଟୁ ସମାଲୋଚନା କରିଥିଲେ।ଏ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ସମ୍ମାନୀତ ହୋଇଥିବା ଖଣ୍ଡପଡ଼ା ବ୍ଲକ ଅଧୀନ ଗୁଣ୍ଠୁଣି ଗ୍ରାମର ସୁନାମଧନ୍ୟ ଆଇନଜୀବୀ ସଲୀଳ କୁମାର ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।ବରିଷ୍ଠ ବିଜେପି ନେତା ତଥା ନୟାଗଡ ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ପଣ୍ଡା କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ପଣ୍ଡିତ ମନୋଜ ଦାଶ ଓ ନଟବରପୁରଶାସନ ଗ୍ରାମସ୍ଥିତ ବେଦ ପାଠଶାଳାର ଛାତ୍ରମାନେ ବେଦ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ରାଜ୍ୟ ଉପ ସଭାପତି ଅଶୋକ କୁମାର ମିଶ୍ର, ନୟାଗଡ଼ ଜିଲ୍ଲା ବିଜେପି ସଭାପତି ତାପସ ରଞ୍ଜନ ମାର୍ଥା, ନୟାଗଡ଼ ଜିଲ୍ଲା ପ୍ରଭାରୀ ସୁରଥ ବିଶ୍ୱାଳ, ଖଣ୍ଡପଡ଼ା ରାଜା ସିଦ୍ଧାର୍ଥ ଶେଖର ସିଂହ ମର୍ଦ୍ଦରାଜଙ୍କ ସମେତ ଜିଲ୍ଲା ଓ ଜିଲ୍ଲା ବାହାରୁ ଏକାଧିକ ସାଧୁ ସନ୍ଥ, ବୁଦ୍ଧିଜୀବୀ ଓ ଶତାଧିକ ଜନସାଧାରଣ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

୮୦ବର୍ଷରେ ଭାଗିରଥିଙ୍କୁ ମିଳୁନାହିଁ ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା

ସାଲେପୁର,(ନିପ୍ର): ବୃଦ୍ଧବୃଦ୍ଧା,ନିରାଶୟ, ଅସହାୟ ଓ ଦାରିଦ୍ର୍ୟ ସୀମାରେଖା ଥିବା ଲୋକଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ସରକାର ବିଭିନ୍ନ ଯୋଜନା କରୁଛନ୍ତି। ସରକାର ଏହି ଜନହିତକାରୀ ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଞ୍ଚାଇବାକୁ ପ୍ରଚାର ଓ ପ୍ରସାର କରୁଛନ୍ତି। ଏହା ସ୍ୱତ୍ତେ ଏବେ ବି ଅନେକ ଯୋଗ୍ୟ ହିତାଧିକାରୀ ସରକାରୀ ଯୋଜନା ଓ ସହାୟତା ପାଇବାରୁ ବଞ୍ଚିତ ହେଉଥିବା ଘଟଣା ସାମ୍ନାକୁ ଆସୁଛି।

ଏହାର ଏକ ଉଦାହରଣ ହେଉଛନ୍ତି ଭାଗୀରଥି ମଲ୍ଲିକ,ବୟସ ୮୦ ବର୍ଷରୁ ଊର୍ଦ୍ଧ୍ୱ। କଟକ ଜିଲ୍ଲା ଭୀମଦାସପୁର ପଞ୍ଚାୟତ ଅନ୍ତର୍ଗତ ଗୋଠଦା ଗ୍ରାମରେ ତାଙ୍କ ଘର। ବାର୍ଦ୍ଧକ୍ୟର ଅପରାହ୍ନରେ ଉପନୀତ ଭାଗୀରଥି ଆଜି ବି ଆର୍ଥିକ ଅନଟନ ମଧ୍ୟରେ ଦିନ କାଟୁଛନ୍ତି। ସରକାରଙ୍କ ଘୋଷଣା ଅନୁଯାୟୀ ୩୫୦୦ ଟଙ୍କାର ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା ପାଇବା ଆଶାରେ ସେ ନିଜର ସମସ୍ତ ଆବଶ୍ୟକ କାଗଜପତ୍ର ପଞ୍ଚାୟତ କାର୍ଯ୍ୟାଳୟରେ ଦାଖଲ କରିଛନ୍ତି। ହେଲେ ଦୁଃଖର ବିଷୟ, ଇତି ମଧ୍ୟରେ ଏକ ବର୍ଷ ବିତିଯାଇଥିଲେ ମଧ୍ୟ ତାଙ୍କୁ ଏ ପର୍ଯ୍ୟନ୍ତ ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା ମିଳିପାରିନାହିଁ। ବାରମ୍ବାର ଆବେଦନ ସତ୍ତ୍ୱେ କାହିଁକି ତାଙ୍କୁ ଏହି ସହାୟତା ମିଳୁନାହିଁ, ତାହା ଏବେ ବଡ଼ ପ୍ରଶ୍ନ ହୋଇ ଠିଆ ହୋଇଛି। ୮୦ ବର୍ଷରୁ ଊର୍ଦ୍ଧ୍ୱ ଜଣେ ବୃଦ୍ଧଙ୍କ ପାଇଁ ଏହି ଅର୍ଥରାଶି କେତେ ଯେ ଗୁରୁତ୍ୱପୂର୍ଣ୍ଣ, ତାହା ସହଜରେ ଅନୁମାନ କରାଯାଇପାରେ। ଯଦି ସମସ୍ତ କାଗଜପତ୍ର ଦାଖଲ ପରେ ମଧ୍ୟ ଜଣେ ବୃଦ୍ଧଙ୍କୁ



ବର୍ଷେ ହେଲା ଭତ୍ତା ମିଳୁନାହିଁ, ତେବେ ସରକାରୀ ଯୋଜନାର ସୁଫଳ କାହା ପାଇଁ? ସରକାର କହୁଛନ୍ତି, ଲୋକଙ୍କ ସରକାର ସବୁ ଯୋଜନା ଲୋକଙ୍କ ପାଖରେ ପହଞ୍ଚୁଛନ୍ତି। ହେଲେ ଭାଗୀରଥିଙ୍କ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖା ଦେଇଛି। ତାଙ୍କ ଆବେଦନ କେଉଁଠି ଅଟକିଛି ଏବଂ କେବେ ତାଙ୍କୁ ବର୍ଦ୍ଧିତ ଭତ୍ତା ମିଳିବ, ସେ ନେଇ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଭତ୍ତା ପାଇବା ଆଶାରେ ସେ ନିଜର ସମସ୍ତ ଆବଶ୍ୟକୀୟ କାଗଜପତ୍ର ପଞ୍ଚାୟତ କାର୍ଯ୍ୟାଳୟରେ ଦାଖଲ କରିଛନ୍ତି। ହେଲେ ଦୁଃଖର ବିଷୟ, ଏହା ମଧ୍ୟରେ ଏକ ବର୍ଷ ବିତିଯାଇଥିଲେ ମଧ୍ୟ ତାଙ୍କୁ ଏ ପ୍ରର୍ଯ୍ୟନ୍ତ ବର୍ଦ୍ଧିତ ଭତ୍ତା ମିଳିପାରିନାହିଁ।

ବାରମ୍ବାର ଆବେଦନ ସତ୍ତ୍ୱେ କାହିଁକି ତାଙ୍କୁ ଏହି ସହାୟତା ମିଳୁନାହିଁ, ତାହା ଏବେ ବଡ଼ ପ୍ରଶ୍ନ ହୋଇ ଠିଆ ହୋଇଛି। ୮୦ ବର୍ଷରୁ ଊର୍ଦ୍ଧ୍ୱ ଜଣେ ବୃଦ୍ଧଙ୍କ ପାଇଁ ଏହି ଅର୍ଥରାଶି କେତେ ଯେ ଗୁରୁତ୍ୱପୂର୍ଣ୍ଣ, ତାହା ସହଜରେ ଅନୁମାନ କରାଯାଇପାରେ। ଯଦି ସମସ୍ତ କାଗଜପତ୍ର ଦାଖଲ ପରେ ମଧ୍ୟ ଜଣେ ବୃଦ୍ଧଙ୍କୁ ବର୍ଷେ ହେଲା ଭତ୍ତା ମିଳୁନାହିଁ, ତେବେ ସରକାରୀ ଯୋଜନାର ସୁଫଳ କାହା ପାଇଁ? ସରକାର କହୁଛନ୍ତି, ଲୋକଙ୍କ ସରକାର,ସବୁ ସରକାରୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚୁଛି। ହେଲେ ଭାଗୀରଥିଙ୍କ କ୍ଷେତ୍ରରେ ଏହାର ବ୍ୟତିକ୍ରମ କାହିଁକି ଦେଖା ଦେଇଛି। ତାଙ୍କ ଆବେଦନ କେଉଁଠି ଅଟକିଛି ଏବଂ କେବେ ତାଙ୍କୁ ବର୍ଦ୍ଧିତ ଭତ୍ତା ମିଳିବ, ସେ ନେଇ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ପ୍ରତିକ୍ରିୟାର ସହ ଦାବି ପ୍ରକାଶ ପାଇଛି।

ଷ୍ଟାଡିୟମର ସମ୍ପୂର୍ଣ୍ଣ ନିର୍ମାଣ ଓ ସାମଗ୍ରିକ ଉନ୍ନତିକରଣ ପାଇଁ କ୍ରୀଡ଼ା ମନ୍ତ୍ରୀଙ୍କୁ ଦାବିପତ୍ର

ଜଳେଶ୍ୱର,(ନିପ୍ର): ଶାନ୍ତିଆ ସ୍ଥିତ ଆଉଟଡୋର ଷ୍ଟାଡିୟମର ଅସମ୍ପୂର୍ଣ୍ଣ ନିର୍ମାଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ସହ ଏହାର ସାମଗ୍ରିକ ଉନ୍ନତିକରଣ ନିମନ୍ତେ ବିଜେପିର ନଗର ଟିମ ପକ୍ଷରୁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସରକାରୀ ବାସଭବନରେ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ ଷ୍ଟାଡିୟମଟି ଜଳେଶ୍ୱର ତଥା ଏହାର ଆଖପାଖ ଅଞ୍ଚଳର କ୍ରୀଡ଼ାପ୍ରେମୀଙ୍କ ପାଇଁ ଏକମାତ୍ର ଗୁରୁତ୍ୱପୂର୍ଣ୍ଣ କ୍ରୀଡ଼ା ପଡ଼ିଆ ରୂପେ ପରିଚିତ । ଏଠାରେ ବିଭିନ୍ନ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ସହ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ସ୍ଥାନୀୟ କ୍ଲବ୍‌ଗୁଡ଼ିକ ଦ୍ୱାରା କ୍ରିକେଟ୍ ଓ ଫୁଟବଲ୍ ପ୍ରତିଯୋଗିତା ଆୟୋଜିତ ହୋଇଥାଏ। ବହୁ ସଂଖ୍ୟକ ଯୁବ କ୍ରୀଡ଼ାବିତ୍ ଏହି ପଡ଼ିଆ ଉପରେ ନିଜର ଅଭ୍ୟାସ ଓ ପ୍ରତିଯୋଗିତା ପାଇଁ ନିର୍ଭର କରିଥାନ୍ତି। ବହୁ ବର୍ଷ ଧରି ଏହି ଷ୍ଟାଡିୟମର ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଛି। ଆବଶ୍ୟକ କ୍ଲବ୍ ହାଉସ୍, ପାଭିଲିୟନ୍, ପାନୀୟ ଜଳ ବ୍ୟବସ୍ଥା, ପର୍ଯ୍ୟାପ୍ତ ଆଲୋକୀକରଣ ଏବଂ ଅନ୍ୟାନ୍ୟ ମୌଳିକ କ୍ରୀଡ଼ା ଭିତ୍ତିଭୂମିର ଅଭାବ ରହିଛି। ଫଳରେ କ୍ରୀଡ଼ାବିତ୍, ଛାତ୍ରଛାତ୍ରୀ ଓ ସ୍ଥାନୀୟ କ୍ରୀଡ଼ା ସଂଗଠନଗୁଡ଼ିକ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଦୃଷ୍ଟି ଆକର୍ଷଣ କରାଯାଇଛି । ଦାବିପତ୍ରରେ ଜଳେଶ୍ୱର ପୌରବାସୀଙ୍କ ପକ୍ଷରୁ ଆଧୁନିକ କ୍ଲବ୍ ହାଉସ୍ ନିର୍ମାଣ। ଖେଳାଳି ଓ ଦର୍ଶକଙ୍କ ପାଇଁ ପାଭିଲିୟନ୍ ନିର୍ମାଣ। ପର୍ଯ୍ୟାପ୍ତ ପାନୀୟ ଜଳ ବ୍ୟବସ୍ଥା। ଷ୍ଟାଡିୟମରେ ଉନ୍ନତ ଆଲୋକୀକରଣ ବ୍ୟବସ୍ଥା। ଅନ୍ୟାନ୍ୟ ଆବଶ୍ୟକ କ୍ରୀଡ଼ା ଭିତ୍ତିଭୂମିର ବିକାଶଗୁଡ଼ିକ ଉପରେ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ବିଜେପି ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଫାଲ୍ଗୁନି ପାଣିଗ୍ରାହୀ , ନଗର ଯୁବମୋର୍ଚ୍ଚା ସଭାପତି ଅଞ୍ଜନ କୁମାର ଦାସ, ଜିଲ୍ଲା ଯୁବମୋର୍ଚ୍ଚା ଉପସଭାପତି ମନମୋହନ ଆଚାର୍ଯ୍ୟ, ଜିଲ୍ଲା ସାଧାରଣ ସଂପାଦକ ତପନ କୁମାର ପାତ୍ର, ଅଘୋରତୋଷ ପଣ୍ଡା, ଶୁଭଙ୍କର ଦେ ପ୍ରମୁଖ ଉପସ୍ଥିତ ଥିଲେ।



ପୁରୀରେ ବିଜେଡି ପକ୍ଷରୁ ବିକ୍ଷୋଭ

ପୁରୀ,(ନିପ୍ର): ପୁରୀରେ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଧାୟକ ସୁନୀଲ ମହାନ୍ତିଙ୍କ ନେତୃତ୍ୱରେ ହଜାର ହଜାର ସଂଖ୍ୟାରେ ସମର୍ଥକମାନେ ବିକ୍ଷୋଭରେ ସାମିଲ ହୋଇଥିଲେ। ପୁରୀ ମହାନଗର ନିଗମ କାର୍ଯ୍ୟାଳୟ ଘେରାଉ କରିଥିବାବେଳେ କାର୍ଯ୍ୟାଳୟ ସମ୍ମୁଖରେ ନୋଟିସ ଲଗାଯାଇଅଛି। ପର୍ଯ୍ୟଟନ ଓ ଧାର୍ମିକ ସହର ପୁରୀରେ ବିକାଶ କାର୍ଯ୍ୟ ଠପ୍ ହୋଇଯାଇଥିବା ବେଳେ ହରିଲୁଟ ହେଉଥିବା ଅଭିଯୋଗ ହୋଇଅଛି। କୋଟି କୋଟି ଟଙ୍କା ବିନିଯୋଗ ନ ହୋଇ ପଡି ରହିଥିବା ବେଳେ ସାଧାରଣ ଲୋକେ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଅଛନ୍ତି। ମହାନଗର ନିଗମରେ ସ୍ୱଚ୍ଛତା ଠାରୁ ଆରମ୍ଭ କରି ରାସ୍ତା ଘାଟ ମରାମତି, ବର୍ଷା ଜଳ ନିଷ୍କାସନ ସମସ୍ୟା ସହ ଉଠା ଦୋକାନୀ ମାନଙ୍କର ସମସ୍ୟା ବୃଦ୍ଧି ପାଇବାରେ ଲାଗିଅଛି। ମହାନଗର ନିଗମ ଅଧିକାରୀମାନେ ଅଫିସରେ ବସି ରହି କିଛି କାର୍ଯ୍ୟ କରୁ ନ ଥିବା ଅଭିଯୋଗ ଆଣିଛନ୍ତି ପୁରୀ ବିଧାୟକ। ଅନ୍ୟ ପକ୍ଷରେ ପୁରୀରେ ଗତ କିଛି ମାସ ମଧ୍ୟରେ ମହାନଗର ନିଗମରେ ବିକାଶମୂଳକ କାର୍ଯ୍ୟ ନେଇ ସମୀକ୍ଷା କରାଯାଉଅଛି। ବିଶେଷ କରି ଡ୍ରେନେଜ ସମସ୍ୟା ଦୂର ନେଇ ସର୍ଭେ କରାଯାଉଥିବା ବେଳେ ସୁନ୍ଦର ସ୍ୱଚ୍ଛ ପୁରୀ ଗଠନ ନେଇ ମହାନଗର ନିଗମ ପକ୍ଷରୁ କାର୍ଯ୍ୟ କରାଯାଉଥିବା କମିଶନର ମତ ରଖିଛନ୍ତି। ବିଜେଡି ପକ୍ଷରୁ ଦିଆଯାଇଥିବା ଦାବୀ ଗୁଡ଼ିକ ଉପରେ ଅନୁଧ୍ୟାନ କରାଯାଇ ପଦକ୍ଷେପ ନିଆଯିବ ବୋଲି କମିଶନର ସୂଚନା ଦେଇଛନ୍ତି।

ବିଦ୍ୟାଳୟରବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ଭବାନୀପାଟଣା,(ନି.ପ୍ର)- ସ୍ଥାନୀୟ ଲାଲ୍ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍‌ଠାରେ ପି.ଏମ୍. ଶ୍ରୀ ମ୍ୟୁନିସିପାଲ୍ ସରକାରୀ ଉଚ୍ଚ ବିଦ୍ୟାଳୟ, ଭବାନୀପାଟଣାର ୫୪ତମ ବାର୍ଷିକ କ୍ରୀଡ଼ା ଉତ୍ସବ ୪ ଓ ୫ ନଭେମ୍ବର ୨୦୨୬ ଦୁଇଦିନ ଧରି ଉତ୍ସାହ, ଉଦ୍ଦୀପନା ଓ ଆନନ୍ଦମୟ ପରିବେଶରେ ଅନୁଷ୍ଠିତ ହୋଇ ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି। ଦୁଇଦିନ ଧରି ବିଭିନ୍ନ ବର୍ଗରେ ଦୌଡ଼, ଲମ୍ବ ଡିଆଁ, ଉଚ୍ଚ ଡିଆଁ ସମେତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅତ୍ୟନ୍ତ ଉତ୍ସାହ ଓ କ୍ରୀଡ଼ା ମନୋଭାବର ସହ ଏଥିରେ ଅଂଶଗ୍ରହଣ କରିଥିଲେ। ଜୁନିୟର ବିଭାଗରେ ଜସସ୍ମିତା ଶବର ଏବଂ ସିନିୟର ବିଭାଗରେ ହିତେଶ ନାଏକ ଶ୍ରେଷ୍ଠ କ୍ରୀଡ଼ାବିତ୍ ଭାବେ ଚାମ୍ପିୟନ ହୋଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ସମସ୍ତ ବିଜେତାମାନଙ୍କୁ ମଞ୍ଚାସୀନ ସମସ୍ତ ଅତିଥି ପୁରସ୍କାର ପ୍ରଦାନ କରି ଉତ୍ସାହିତ କରିଥିଲେ।

ତିଥି :(ତ୍ରୟୋଦଶୀ): (ଚିତ୍ରା କନ୍ୟା)
ଅମୃତ ବେଳା: ଦିବା ଘ ୬।୪୨ ମଧ୍ୟେ ଘ୭।୩୦ ଗତେ

ଆଜିର ଅନୁଚିନ୍ତନ

 କ୍ଷେତ୍ର-କ୍ଷେତ୍ରଜ୍ଞ ବିଷୟକ ଜ୍ଞାନ ହିଁ ମୋ ମତରେ ଜ୍ଞାନ।।
- ଶ୍ରୀମଦ୍ ଭଗବଦ୍ ଗୀତା

କିଏ ଆଗ, ଜୀବନ କି ଉତ୍ସବ ?

କିଏ ଆଗ, ଜୀବନ କି ଉତ୍ସବ ? ଉତ୍ସବ ବା ପର୍ବର ଲକ୍ଷ୍ୟ ଆନନ୍ଦ। ଏହି ଆନନ୍ଦ ଅନ୍ୟକୁ କଷ୍ଟ ଦେବା, ରୋଗୀ, ଶିଶୁ ଓ ବୟସ୍କଙ୍କ ଜୀବନ ପ୍ରତି ବିପଦ ଆଣିବା, ସର୍ବୋପରି ପଞ୍ଚମହାଭୂତର ଏକ ବା ଏକାଧିକ ତତ୍ତ୍ୱ ପ୍ରତି ଅନିଷ୍ଟ ପହଞ୍ଚାଇବା ଲାଗି କଦାପି ଉଦ୍ଦିଷ୍ଟ ନୁହେଁ। ମାତ୍ର ଆମ ଦେଶରେ ଏହା କେତେ ଦୂର କାର୍ଯ୍ୟକାରୀ ହେଉଛି ? ବିଶେଷକରି ଦୀପାବଳି ପର୍ବ ପାଳନ ବେଳେ ତାହା ପରଖି ହୋଇଯାଏ। ସହଜେ ଆମ ଦେଶରେ ବାୟୁ ପ୍ରଦୂଷଣର ସାଂଘାତିକ ସ୍ଥିତି କିଭଳି 'ଷ୍ଟେଟ ଅଫ୍ ଗ୍ଲୋବାଲ ଏୟାର ୨୦୨୫' ରିପୋର୍ଟ କହେ। ଏହି ଅନୁଯାୟୀ ବାୟୁ ପ୍ରଦୂଷଣ କାରଣରୁ ଭାରତରେ ପ୍ରତି ମୂହୁର୍ତ୍ତରେ ଅତି କମ୍‌ରେ ୪ ଜଣଙ୍କ ଜୀବନ ଯାଉଛି। ପ୍ରଦୂଷିତ ବାୟୁ ବିଶେଷ କରି ପିଏମ୍-୨.୫ ଫୁସ୍‌ଫୁସରେ ପହଞ୍ଚି ରକ୍ତପ୍ରବାହରେ ମିଶୁଛି। ଏହା ଜାରି ରହିଲେ ଫୁସଫୁସ କର୍କଟ, ଷ୍ଟ୍ରୋକ, ହୃଦ୍‌ରୋଗ ଆଦି ଗୁରୁତର ସ୍ୱାସ୍ଥ୍ୟସମସ୍ୟା ଉପୁଜିବା ଆଶଙ୍କା ବରାବର ରହିଥାଏ। ପ୍ରଦୂଷିତ ବାୟୁ ଯୋଗୁଁ ବୟସ୍କ, ଶିଶୁ, ଗୁରୁତର ରୋଗରେ ପୀଡ଼ିତ ମାନେ ଅଧିକ ପ୍ରଭାବିତ ହେବା ଥୟ। ପ୍ରଦୂଷିତ ବାୟୁ କେବଳ ବିଭିନ୍ନ ରୋଗ ଆମନ୍ତ୍ରଣ କରିଥାଏ ତାହା ନୁହେଁ, ଏହା ଯୋଗୁଁ ଆୟୁଷ କମେ, ଅସୁସ୍ଥତା ବଢ଼େ। ଏହି ହେତୁ ଆର୍ଥିକ ବୋଝ ପରିବାର ଉପରେ ପଡ଼େ। ପରିବାର ଉପରେ ପଡ଼ି ତାହା ବ୍ୟାପକ ହେଲେ ସମାଜ ପ୍ରଭାବିତ ହେବ କି ନାହିଁ, ତାହା ବିଚାରିବାର ବେଳ ଆସିଛି। ବାୟୁ ପ୍ରଦୂଷଣ ପଛରେ ନାନା କାରଣ ଥିବା ଏବଂ ଏହା ବାବଦେ ଶାସନ ତନ୍ତ୍ର କେତେଦୂର ସମାଧାନ କରୁଛି, ତାହା ସର୍ବଦା ଆହ୍ୱାନ ଥିବାବେଳେ ଦୀପାବଳିରେ ଏହାର ସ୍ଥିତି ଅତ୍ୟନ୍ତ ଗମ୍ଭୀର ହୁଏ, ଏହା ଜଣାଶୁଣା। ଦିଲ୍ଲୀ ଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ସବୁ ସହର ଓ ଅଞ୍ଚଳରେ ଏକ୍ୟୁଆଇର ବର୍ଦ୍ଧିତ ସଂଖ୍ୟା ପ୍ରଦୂଷଣର ଗମ୍ଭୀରତାକୁ ଦର୍ଶାଇଥାଏ। ଯେଉଁଠି ନିୟମ ଉଲ୍ଲଂଘନ ହେଉଛି ସେଠାରେ ଦ୍ରୁତ୍ ଯାଞ୍ଚ ଓ ଆଇନ ସମ୍ମତ ପଦକ୍ଷେପ ନେବା ଜରୁରୀ। ଏପରି ପଦକ୍ଷେପ ତଥା ଦଣ୍ଡବିଧାନ ହୁଏତ ନିୟନ୍ତ୍ରଣରେ କିଛି ସହାୟତା କରିପାରେ ମାତ୍ର ସବୁଠୁ ବଡ଼ ଆବଶ୍ୟକତା ହେଉଛି ସାମାଜିକ ଦାୟିତ୍ୱବୋଧ। ଏ ଦାୟିତ୍ୱବୋଧ ସାମାଜିକ ବିବେକ ଉପରେ ନିର୍ଭରଶୀଳ।

ବାଣଫୁଟାଜନିତ ବିପଦ ଓ ପ୍ରଦୂଷଣ ତୁଳନାରେ ଦୀପ ବା ସାମାନ୍ୟ ସବୁଜ ବାଣରେ ଦୀପାବଳି ପ୍ରତୀକାତ୍ମକ ଭାବରେ ପାଳିତ ହେବ। ମାତ୍ର ତାହାକୁ ଉଲ୍ଲଂଘନ କରି ଅଧିକ ପ୍ରଦୂଷଣର କାରଣ ହେଉଥିବା ବାଣଫୁଟାକୁ ଯଦି ଗୁରୁତ୍ୱ ଦିଆଯାଏ, ତାହା ଦାୟିତ୍ୱ ଅପେକ୍ଷା ଅହଂକାରର ସାବ୍ୟସ୍ତି ହେଉଛି ବୋଲି ବୁଝିବାକୁ ହେବ। ଯଦି ବାଣଫୁଟା ନିଶ୍ଚୟ ତେବେ ସବୁଜ ବାଣ ହିଁ ଏକମାତ୍ର ରାସ୍ତା ହେଉ। ମାତ୍ର ଏପରି ବାଣର ବିକ୍ରୟ ଓ ଉପଲବ୍ଧି କେତେ ତାହା ପ୍ରତିବର୍ଷ ଖୋଲିଥିବା ବାଣ ଦୋକାନଗୁଡ଼ିକରେ ବେଶ୍ ଲକ୍ଷ୍ୟ ହୁଏ। ଏହା ପଛରେ ପ୍ରଶାସନିକ ଉଦାସୀନତା ରହିଛି କି ନାହିଁ ତାହା ବୁଝାଇ କହିବା ଲୋଡ଼ାନାହିଁ। ଧ୍ୱନି ସୃଷ୍ଟିକାରୀ ତଥା ଅଧିକ ପ୍ରଦୂଷଣକାରୀ ବାଣ କାରବାର ଦୀପାବଳିରେ ହେବା ପଛରେ କାହାର ହାତ ? ଯେବେ ବାଣର ଉପଲବ୍ଧତା ଉପରେ ବା ଖୋଲାଖୋଲି ମିଳିବା ଉପରେ କଡ଼ା କଟକଣା ଜାରି କରାଯାଏ, ତାହା ସାଙ୍ଗକୁ ପ୍ରଶାସନକୁ ଯଥେଷ୍ଟ ଅଗ୍ରିମ ଦେୟ ବ୍ୟବସ୍ଥା ଏପରି ଦୋକାନ ଖୋଲିବା ବାବଦରେ ରୁହନ୍ତା, ତେବେ ମାଳ ମାଳ ଦୋକାନ ଖୋଲନ୍ତା ନାହିଁ। ସେମିତି ନିର୍ଦ୍ଧାରିତ ସମୟରେ ବାଣଫୁଟା ଲାଗି ସବୁ ବର୍ଷ କୁହାଯାଉଛି, ମାତ୍ର ତାହାର ଉଲ୍ଲଂଘନ ଘଟୁଛି କି ନାହିଁ ସରକାର ଭଲ ଭାବେ ଜାଣି ନିରବ ସାଜିବା ନେଇ କାହାକୁ ଦାୟୀ କରାଯିବ ? ବାଣଫୁଟାରେ ଆନନ୍ଦ ଅପେକ୍ଷା ଅଧିକ କ୍ଷତି, ଜୀବନ ଓ ସ୍ୱାସ୍ଥ୍ୟ ସୁରକ୍ଷା ମୌଳିକ ଅଧିକାର; ଏହାକୁ ବୁଝି ପ୍ରଶାସନିକ ସ୍ତରରେ ଆବଶ୍ୟକ ପଦକ୍ଷେପ ନିଆ ନ ଗଲେ, ପ୍ରତିବର୍ଷ ପ୍ରଦୂଷଣର ଜହର ଆମ ସମସ୍ତେ ଭୋଗିବା ଅନିବାର୍ଯ୍ୟ।

ସ୍ମୃତିରେ ନଭେମ୍ବରର ଋଷ ବିପ୍ଳବ

ହେମନ୍ତ କୁମାର କର

ଆଜିକୁ ଠିକ୍ ୧୦୯ ବର୍ଷ ପୂର୍ବେ ମଣିଷ ସେହି ଅସାଧ୍ୟକୁ ସାଧନ କରିଥିଲା। ଏହି ଐତିହାସିକ ଦିବସଟି ଜୁଲିଆନ ପଞ୍ଜିକା ଅନୁସାରେ ୨୫ ଅକ୍ଟୋବର ଥିଲା, ଯାହା ଆମ ପ୍ରଚଳିତ ଗ୍ରେଗୋରିଆନ ପଞ୍ଜିକା ଅନୁସାରେ ୭ ନଭେମ୍ବର ଅଟେ। ଏହି ବିପ୍ଳବ ପୂର୍ବର ଋଷକୁ ନ ଜାଣିଲେ ବିପ୍ଳବର ମହତ୍ତ୍ୱ ଉପଲବ୍ଧି ହୁଏ ନାହିଁ। ସେ ସମୟର ଋଷ ଥିଲା ବିଶ୍ୱର ସବୁଠୁ ବିଶାଳ ଦେଶ, କିନ୍ତୁ ସବୁଠୁ ପଛୁଆ ଦେଶ ମଧ୍ୟ। ଶୀର୍ଷରେ ଥିଲେ ଜାର୍ ନିକୋଲାସ୍ ଦ୍ୱିତୀୟ, ରୋମାନଭ୍ ବଂଶର ଶେଷ ସମ୍ରାଟ। ତିନିଶହ ବର୍ଷର ରାଜଦଣ୍ଡ ତଳେ ସାଧାରଣ ମଣିଷ ପାଇଁ ଋଷ ଥିଲା ଏକ ଖୋଲା କାରାଗାର, ଯାହାର ଦୃଶ୍ୟ ଥିଲା ହୃଦୟ ବିଦାରକ। ଦେଶର ପଞ୍ଚାଅଶୀ ଭାଗ ମଣିଷ ଗ୍ରାମର ବାସିନ୍ଦା, ହେଲେ ଜମି ଖଣ୍ଡିକ ଜମିଦାର ଓ ଚର୍ଚ୍ଚର ମୁଠାରେ ବନ୍ଦୀ। ୧୮୬୧ରେ ଭୂଦାସ ପ୍ରଥା କାଗଜ କଲମରେ ଉଚ୍ଛେଦ ହେଲା ସତ, କିନ୍ତୁ କୃଷକ କାନ୍ଧରେ ଏତେ କ୍ଷତିପୂରଣର ପାହାଡ଼ ଲଦି ଦିଆଗଲା ଯେ ସେ ଋଣର ଶିକୁଳିରେ ପୁଣି ସେହି ଜମିଦାରର ନୂଆ ଦାସ ହୋଇଗଲା। ଗୋଟିଏ ପଟେ ଶୀତ ପ୍ରାସାଦର ସ୍ଫଟିକ ଝଡ଼ ତଳେ ମଦର ବନ୍ୟା ଓ ବାଲେ ନୃତ୍ୟର ଉନ୍ମତ୍ତ ବିଳାସ, ଅନ୍ୟ ପଟେ ଧୂଆଁଭରା କାରଖାନାରେ ଶ୍ରମିକଙ୍କ ଚଉଦରୁ ଷୋହଳ ଘଣ୍ଟା ହାଡ଼ ଭଙ୍ଗା ଖଟଣି। ମଜୁରିରେ ଶୁଖିଲା ରୁଟି ବି ଜୁଟୁ ନ ଥିଲା। ଅନ୍ଧାର ସିନ୍ଦୁକ ଭଳି ଗୋଟିଏ କୋଠରିରେ ଦଶଜଣର ଶ୍ୱାସରୁଦ୍ଧ ଜୀବନ, ଶିଶୁ ମୃତ୍ୟୁ ପଚିଶ ଭାଗ। ତା ଉପରେ ଓଖ୍ରାନାର ଛାଇ ଭଳି ଆତଙ୍କ ସବୁବେଳେ ଘୋଡ଼ାଇ ରହିଥିଲା।

ସମଗ୍ର ଦେଶ ସେତେବେଳେ ବାରୁଦ ଗୋଦାମ ପାଲଟିଥିଲା। ନିଆଁ ଝୁଲ ଆସିଲା ମହାଯୁଦ୍ଧ ରୂପରେ। ଜାର୍ ଗଲେ ସାମ୍ରାଜ୍ୟ ବଢାଇବାକୁ, ଯୁଦ୍ଧ ତାଙ୍କୁ ହିଁ ଗିଳି ଦେଲା। ଚାରି ବର୍ଷରେ ପନ୍ଦର ଲକ୍ଷ ଶବ, ପଚାଶ ଲକ୍ଷ ଆହତ। ବନ୍ଧୁକ ଅଛି ତ ଗୁଳି ନାହିଁ, ଗୁଳି ଅଛି ତ ଜୋତା ନାହିଁ। ଗାଁ ପୁରୁଷଶୂନ୍ୟ, କାରଖାନା ରୁଟିଶୂନ୍ୟ, ହୃଦୟ ଆଶାଶୂନ୍ୟ ହେଲା। ୧୯୧୭ ଶୀତରେ ପେଟ୍ରୋଗ୍ରାଡରେ ରୁଟି ପାଇଁ ଲମ୍ବା ଧାଡି, ମାଆର କୋଳର ଶିଶୁ ଭୋକରେ କାନ୍ଦୁଥିଲା, ସେହି କାନ୍ଦରେ ସିଂହାସନ ଥରୁଥିଲା।ଫେବୃଆରୀ ୨୩, ମହିଳା ଦିବସରେ ବସ୍ତ୍ର କାରଖାନାର ମହିଳାମାନେ ରୁଟି ପାଇଁ ରାସ୍ତାକୁ ଓହ୍ଲାଇଲେ, ପଛରେ ପୂରା ସହର ଜୁଆର ହୋଇ ଓହ୍ଲାଇଲା। ସୈନ୍ୟ ବନ୍ଧୁକ ତଳେ ପକାଇ ଜନତାର କୋଳକୁ ଫେରିଲେ। ପାଞ୍ଚ ଦିନରେ ତିନିଶହ ବର୍ଷର ରୋମାନଭ୍ ବଂଶ ଧୂଳିରେ ମିଶିଗଲା। କିନ୍ତୁ ଏହା ଅଧା ମୁକ୍ତି ଥିଲା। କ୍ଷମତା ଗଲା କେରେନସ୍କିଙ୍କ ଅସ୍ଥାୟୀ ସରକାର ହାତକୁ। ସେମାନେ ମଧୁର ବଚନ କହିଲେ, ହେଲେ ଯୁଦ୍ଧ ଜାରି ରଖିଲେ, ଜମି ଦେଲେ ନାହିଁ। ଲୋକ ଭାଷାରେ ସେ ଥିଲା ଅସରାଏ ବରଷା, କେବଳ ଗର୍ଜନ, ବର୍ଷଣ ନାହିଁ। ଲିଭି ଲିଭି ଜଳୁଥିବା ନିଆଁ ପବନ ପାଇ ଦାବାନଳ ହେଲା ଓ ଜନତାର ଧୈର୍ଯ୍ୟ ସମ୍ପୂର୍ଣ୍ଣ ଭାଙ୍ଗିଗଲା।

ଅନ୍ୟ ପଟେ ନୀରବରେ ଗଢ଼ି ଉଠୁଥିଲା ଆଉ ଏକ ସରକାର, ସୋଭିଏତ୍, ଶ୍ରମିକ, କୃଷକ ଓ ସୈନିକଙ୍କ ପରିଷଦ। ଫେବୃଆରୀ ପରେ ପ୍ରତି କାରଖାନା, ପ୍ରତି ଛାଉଣୀରେ ସୋଭିଏତ୍ ଗଜା ହେଲା। ଏହି ଘନ ଅନ୍ଧାରରେ ମଞ୍ଚକୁ ଆସିଲେ ଭ୍ଲାଦିମିର ଲେନିନ୍, ଯିଏ ମଣିଷ ନୁହେଁ, ଯେପରି ଏକ ଜୀବନ୍ତ ବିଚାର। ସୁଇଜରଲ୍ୟାଣ୍ଡର ବରଫ ଭାଙ୍ଗି ଏପ୍ରିଲ ୧୬ରେ ଫିନଲ୍ୟାଣ୍ଡ ଷ୍ଟେସନର ବାଷ୍ପ ଭିତରୁ ପାଦ ଥାପି ସେ କହିଲେ, 'ଏ ଅଧା ବିପ୍ଳବରେ କିଛି ହେବ ନାହିଁ, ଆମକୁ ଦରକାର ସର୍ବହରାର ପୂର୍ଣ୍ଣ ବିପ୍ଳବ'। ତିନୋଟି ଶବ୍ଦ ବେଦମନ୍ତ୍ର ପାଲଟିଲା - 'ଶାନ୍ତି, ଜମି, ରୁଟି'। ଏହା କୋଟି ଭୋକିଲା ମଣିଷର ହୃଦୟର ଅନ୍ତିମ ସତ୍ୟ ଥିଲା, ଯାହାକୁ କୌଣସି ବନ୍ଧୁକ ଦମନ କରିପାରୁ ନଥିଲା।ତାଙ୍କ ପଡୋଶୀରେ ଥିଲେ ଟ୍ରଟସ୍କି, ଯାହାଙ୍କ ଜିଭରେ ଝଡ଼ ବାନ୍ଧି ହୋଇଥିଲା, ଯିଏ ଲାଲ୍ ରକ୍ଷୀବାହିନୀକୁ ଶୃଙ୍ଖଳିତ କଲେ। ଆଉ ଥିଲେ ପୁଟିଲଭ୍‌ର କଳା ହାତ ଶ୍ରମିକ, ହାତରେ ହାତୁଡ଼ିର କାଳି, ଛାତିରେ ଆଗାମୀ ଦୁନିଆର ନକ୍ସା। ସେତେବେଳେ ପ୍ରତି କାନ୍ଥ ଖବରକାଗଜ, ପ୍ରତି ଗଳି ବିଶ୍ୱବିଦ୍ୟାଳୟ ପାଲଟିଥିଲା। ଶେଷରେ ଆସିଲା ସେହି ମହାରାତ୍ରି। ନେଭାର ଜଳ କଳା ପଥର ପରି ଜମାଟ, ଆକାଶ ତାରାଶୂନ୍ୟ। ନଭେମ୍ବର ୭ ରାତି ୯ଟା ୪୦ରେ ଅରୋରା ରଣତରୀ ଗର୍ଜି ଉଠିଲା। ସେ ତୋପ ଶବ୍ଦ ନୁହେଁ, ସେ ଥିଲା ଏକ ଯୁଗର ଶେଷ ନିଶ୍ୱାସ ଓ ଆଉ ଏକ ଯୁଗର ପ୍ରଥମ କ୍ରନ୍ଦନ। ଲାଲ୍ ରକ୍ଷୀବାହିନୀ ଶୃଙ୍ଖଳିତ ପାଦରେ ନଗରୀର ଶିରାକୁ ଅକ୍ତିଆର କଲେ, ରକ୍ତର ନଦୀ ନୁହେଁ, ସଂକଳ୍ପର ବନ୍ୟା ବହିଲା।

ମୋ: ୯୮୬୧୫୬୨୧୧୦

ବାଣ ନୁହେଁ, ଜଳୁ ମାନବିକତାର ଦୀପ

ସୌଭାଗ୍ୟ ରଞ୍ଜନ ମହାନ୍ତି

> **ଦୀପାବଳିର ପ୍ରକୃତ ମହତ୍ତ୍ୱ ହେଉଛି ନିଜ ଭିତରେ ଥିବା ମଣିଷପଣିଆକୁ ଜାଗ୍ରତ କରିବା। ଜଣେ ଦୁଃଖୀ ମଣିଷର ମୁହଁରେ ହସ ଫୁଟାଇବା, ଜଣେ ଅସହାୟଙ୍କୁ ସାହାଯ୍ୟ କରିବା, ଜଣେ ଅନାଥ ଶିଶୁକୁ ନୂଆ ପୋଷାକ ଦେବା, ଜଣେ ବୃଦ୍ଧଙ୍କୁ ସ୍ନେହର ଦୁଇପଦ କଥା କହିବା, ଜଣେ ଗରିବ ପରିବାର ସହିତ ଖୁସି ବାଣ୍ଟିବା—ଏସବୁ ହେଉଛି ଏମିତି ଦୀପ, ଯାହାର ଆଲୋକ ଦୀର୍ଘଦିନ ପର୍ଯ୍ୟନ୍ତ ଜଳି ରହେ। ମାଟିର ଦୀପର ଆଲୋକ ପବନରେ ଲିଭିଯାଇପାରେ, କିନ୍ତୁ ମାନବିକତାର ଦୀପର ଆଲୋକ ଅନ୍ୟ ଜଣଙ୍କ ଜୀବନରେ ଚିରଦିନ ପାଇଁ ରହିଯାଏ।**

ଦୀପାବଳି ଆସିଲେ ଘର ଆଲୋକିତ ହୁଏ, ରାସ୍ତା ଝଲସି ଉଠେ, ମନ୍ଦିରରେ ଦୀପ ଜଳେ, ଆକାଶରେ ଆଲୋକର ଝଲକ ଦେଖାଯାଏ। ଚାରିଆଡ଼େ ଉତ୍ସବର ଆସର, ଆନନ୍ଦର ମାହୋଲ ଏବଂ ଶୁଭେଚ୍ଛାର ଆଦାନପ୍ରଦାନ। କିନ୍ତୁ ଏହି ଆଲୋକର ଉତ୍ସବ ଭିତରେ ଆଜି ମଣିଷ ନିଜକୁ ଥରେ ପ୍ରଶ୍ନ କରିବାର ସମୟ ଆସିଛି—ଆମେ କେବଳ ଘରର ଅନ୍ଧାର ଦୂର କରୁଛୁ ନା ନିଜ ମନ ଭିତରେ ଜମା ହୋଇ ରହିଥିବା ଅନ୍ଧକାରକୁ ମଧ୍ୟ ଦୂର କରିପାରୁଛୁ ? ଆମ ହାତରେ ଦୀପ ଅଛି, କିନ୍ତୁ ହୃଦୟରେ ଦୟା ଅଛି କି ? ଆମ ଘରେ ଆଲୋକ ଅଛି, କିନ୍ତୁ ଆମ ଚିନ୍ତାଧାରାରେ ଉଦାରତା ଅଛି କି ? ଆମେ ଲକ୍ଷ୍ମୀଙ୍କ ଆଗମନ ପାଇଁ ଘର ସଜାଉଛୁ, କିନ୍ତୁ ଆମ ଆଚରଣରେ ସତ୍ୟ, ଶ୍ରମ, ନିଷ୍ଠା ଓ ମାନବିକତାକୁ ସ୍ଥାନ ଦେଇଛୁ କି ? ଏହି ପ୍ରଶ୍ନଗୁଡ଼ିକ ହିଁ ଦୀପାବଳିର ପ୍ରକୃତ ଆତ୍ମାକୁ ବୁଝିବାର ଚାବିକାଠି।

ଦୀପାବଳି କେବଳ ଏକ ପର୍ବ ନୁହେଁ, ଏହା ମଣିଷ ଜୀବନର ଏକ ମହାନ ଦର୍ଶନ। ଅନ୍ଧକାର ଉପରେ ଆଲୋକର, ଅସତ୍ୟ ଉପରେ ସତ୍ୟର, ଅନ୍ୟାୟ ଉପରେ ନ୍ୟାୟର ଏବଂ ଅହଂକାର ଉପରେ ବିନମ୍ରତାର ବିଜୟର ବାର୍ତ୍ତା ଦିଏ ଏହି ପବିତ୍ର ପର୍ବ। କିନ୍ତୁ ଆଜିର ସମାଜରେ ଅନ୍ଧକାରର ସଂଜ୍ଞା ବଦଳି ଯାଇଛି। ଅନ୍ଧକାର କେବଳ ଆଲୋକ ନଥିବା ଏକ ଘରର ଚାରିକାନ୍ଥ ମଧ୍ୟରେ ସୀମିତ ନାହିଁ। ଅନ୍ଧକାର ଆଜି ମଣିଷର ମନରେ, ସମ୍ପର୍କରେ, ସାମାଜିକ ଜୀବନରେ, ରାଜନୈତିକ ଚିନ୍ତାଧାରାରେ, ପ୍ରଶାସନିକ ବ୍ୟବସ୍ଥାରେ ଏବଂ ଆମ ଦୈନନ୍ଦିନ ଆଚରଣରେ ମଧ୍ୟ ଦେଖାଯାଉଛି।

ଆଜି ଆମେ ଏମିତି ଏକ ସମୟରେ ବଞ୍ଚୁଛୁ, ଯେଉଁଠି ମଣିଷ ପାଖରେ ମୋବାଇଲ୍ ଅଛି, ମହଙ୍ଗା ଗାଡ଼ି ଅଛି, ବିଳାସପୂର୍ଣ୍ଣ ଘର ଅଛି, ସାମାଜିକ ପ୍ରତିଷ୍ଠା ଅଛି; କିନ୍ତୁ ପଡ଼ୋଶୀ ଘରେ କେହି ଭୋକରେ ଶୋଇଛି କି ନାହିଁ, ସେଥିପାଇଁ ସମୟ ନାହିଁ। ଆମେ ହଜାର ହଜାର ଟଙ୍କାର ଆଲୋକ ସଜାଉଛୁ, କିନ୍ତୁ ଜଣେ ଅସହାୟ ବୃଦ୍ଧଙ୍କ ଜୀବନରେ ଆଶାର ଆଲୋକ ଜଳାଇବାକୁ ଭୁଲିଯାଉଛୁ। ଆମେ ନିଜ ପରିବାରର ସୁଖ ପାଇଁ ଅନେକ ଯୋଜନା କରୁଛୁ, କିନ୍ତୁ ଏକାକୀ ଜୀବନ କାଟୁଥିବା ବୃଦ୍ଧ ମାଆବାପାଙ୍କ ଲୁହ ପୋଛିବାକୁ ଭୁଲିଯାଉଛୁ। ଏହା କି ଆଲୋକର ପର୍ବ ? ଯେଉଁ ଘରେ ଧନ ଅଛି କିନ୍ତୁ ଦୟା ନାହିଁ, ଯେଉଁ ପରିବାରରେ ସମୃଦ୍ଧି ଅଛି କିନ୍ତୁ ସମ୍ପର୍କରେ ଉଷ୍ମତା ନାହିଁ, ଯେଉଁ ସମାଜରେ ଶିକ୍ଷା ଅଛି କିନ୍ତୁ ସଂସ୍କାର ନାହିଁ, ସେଠାରେ ଦୀପ ଜଳିଲେ ମଧ୍ୟ ଅନ୍ଧକାର ଦୂର ହୁଏ ନାହିଁ। ଦୀପାବଳିର ପ୍ରକୃତ ମହତ୍ତ୍ୱ ହେଉଛି ନିଜ ଭିତରେ ଥିବା ମଣିଷପଣିଆକୁ ଜାଗ୍ରତ କରିବା। ଜଣେ ଦୁଃଖୀ ମଣିଷର ମୁହଁରେ ହସ ଫୁଟାଇବା, ଜଣେ ଅସହାୟଙ୍କୁ ସାହାଯ୍ୟ କରିବା, ଜଣେ ଅନାଥ ଶିଶୁକୁ ନୂଆ ପୋଷାକ ଦେବା, ଜଣେ ବୃଦ୍ଧଙ୍କୁ ସ୍ନେହର ଦୁଇପଦ କଥା କହିବା, ଜଣେ ଗରିବ ପରିବାର ସହିତ ଖୁସି ବାଣ୍ଟିବା—ଏସବୁ ହେଉଛି ଏମିତି ଦୀପ, ଯାହାର ଆଲୋକ ଦୀର୍ଘଦିନ ପର୍ଯ୍ୟନ୍ତ ଜଳି ରହେ। ମାଟିର ଦୀପର ଆଲୋକ ପବନରେ ଲିଭିଯାଇପାରେ, କିନ୍ତୁ ମାନବିକତାର ଦୀପର ଆଲୋକ ଅନ୍ୟ ଜଣଙ୍କ ଜୀବନରେ ଚିରଦିନ ପାଇଁ ରହିଯାଏ।

ଏହି ପର୍ବରେ ଆମକୁ ଆଉ ଏକ ଗମ୍ଭୀର ବିଷୟ ପ୍ରତି ସଚେତନ ହେବାକୁ ପଡ଼ିବ। ତାହା ହେଉଛି ବାଣ ଫୁଟାଇବାର ପ୍ରଥା ଏବଂ ଏହାଦ୍ୱାରା ସୃଷ୍ଟି ହେଉଥିବା ପରିବେଶ ପ୍ରଦୂଷଣ। ଉତ୍ସବ ଆନନ୍ଦ ପାଇଁ, ଜୀବନକୁ ବିପଦରେ ପକାଇବା ପାଇଁ ନୁହେଁ। କେତେକ ମିନିଟ୍‌ର ଶବ୍ଦ ଓ ଆଲୋକ ପାଇଁ ଆମେ କାହିଁକି ନିଜ ଶ୍ୱାସକ୍ରିୟାକୁ ବିଷାକ୍ତ କରିବା ? କାହିଁକି ଶିଶୁ, ବୃଦ୍ଧ, ରୋଗୀ ଏବଂ ଧ୍ୱନି ପ୍ରତି ସମ୍ବେଦନଶୀଳ ଲୋକଙ୍କ ଶାନ୍ତି ଛଡ଼ାଇ ନେବା ? କାହିଁକି ପକ୍ଷୀ ଓ ପଶୁପକ୍ଷୀଙ୍କୁ ଭୟଭୀତ କରିବା ? ଆମର ଆନନ୍ଦ ଯଦି ଅନ୍ୟର ଯନ୍ତ୍ରଣାର କାରଣ ହୁଏ, ତେବେ ସେହି ଆନନ୍ଦର ମୂଲ୍ୟ କ'ଣ ?

ବାଣର ଧ୍ୱନି କିଛି ସମୟ ପାଇଁ ଆକାଶକୁ କମ୍ପାଇ ଦିଏ, କିନ୍ତୁ ଜଣେ ମଣିଷର ଭଲ କାମ ସମଗ୍ର ସମାଜର ହୃଦୟକୁ



ଛୁଇଁପାରେ। ବାଣର ଧୂଆଁ ବାୟୁକୁ ପ୍ରଦୂଷିତ କରେ, କିନ୍ତୁ ମଣିଷର ମନରେ ଜଳୁଥିବା ଘୃଣାର ନିଆଁ ସମ୍ପର୍କକୁ ପ୍ରଦୂଷିତ କରେ। ତେଣୁ ଏଥର ଆମେ ଏକ ନୂଆ ସଂକଳ୍ପ ନେବା—ବାଣ ନୁହେଁ, ଦୀପ ଜଳାଇବା; ଧୂଆଁ ନୁହେଁ, ଶୁଦ୍ଧ ପବନ ଉପହାର ଦେବା; କର୍ଣ୍ଣକୁ ବଧିର କରୁଥିବା ଧ୍ୱନି ନୁହେଁ, ହୃଦୟକୁ ଆନନ୍ଦିତ କରୁଥିବା ସ୍ନେହର ସ୍ୱର ବାଣ୍ଟିବା। ପରିବେଶ ଅନୁକୂଳ ଦୀପାବଳି ପାଳନ କରିବା କେବଳ ଏକ ନୂଆ ପ୍ରଥା ନୁହେଁ, ଏହା ଆମର ଭବିଷ୍ୟତ ପିଢ଼ି ପ୍ରତି ଏକ ନୈତିକ ଦାୟିତ୍ୱ।

ଆମେ ଭୁଲିବା ଉଚିତ ନୁହେଁ ଯେ ପ୍ରକୃତି ଆମର ଜୀବନର ଆଧାର। ନିର୍ମଳ ବାୟୁ, ବିଶୁଦ୍ଧ ଜଳ, ସବୁଜ ଗଛଲତା ଏବଂ ନିରାପଦ ପରିବେଶ ବିନା ମାନବ ସଭ୍ୟତାର ଅସ୍ତିତ୍ୱ ଅସମ୍ଭବ। ଆମେ ଯଦି ଗୋଟିଏ ରାତିର ଉତ୍ସବ ପାଇଁ ପ୍ରକୃତିକୁ କ୍ଷତି ପହଞ୍ଚାଉ, ତେବେ ଆଗାମୀ ପିଢ଼ିକୁ କେଉଁ ପୃଥିବୀ ଉପହାର ଦେବା ? ଶିଶୁମାନଙ୍କୁ ଆମେ କେବଳ ଦୀପାବଳିର ଆଲୋକ ଦେଖାଇବା ନୁହେଁ, ପରିବେଶ ସୁରକ୍ଷାର ସଂସ୍କାର ମଧ୍ୟ ଶିଖାଇବା ଆବଶ୍ୟକ। ସେମାନେ ବୁଝନ୍ତୁ ଯେ ଆନନ୍ଦମାନେ ଅପଚୟ ନୁହେଁ, ଉତ୍ସବ ମାନେ ପ୍ରଦୂଷଣ ନୁହେଁ ଏବଂ ପରମ୍ପରାମାନେ ପ୍ରକୃତି ପ୍ରତି ଅବହେଳା ନୁହେଁ।

ଆଜି ଆମ ସାମାଜିକ ଜୀବନରେ ମଧ୍ୟ ଅନେକ ଅନ୍ଧକାର ରହିଛି। ଦୁର୍ନୀତି ଯେତେବେଳେ ନ୍ୟାୟକୁ ଗ୍ରାସ କରେ, ଅନ୍ୟାୟ ଯେତେବେଳେ ନିରୀହ ମଣିଷର ଅଧିକାର ଛଡ଼ାଇ ନିଏ, ମିଥ୍ୟା ଯେତେବେଳେ ସତ୍ୟକୁ ଦବାଇ ଦିଏ, ସେତେବେଳେ ସମାଜରେ ଅନ୍ଧକାର ବଢ଼ିଥାଏ। ଜଣେ ସାଧାରଣ ନାଗରିକ ଯେତେବେଳେ ନିଜ ନ୍ୟାୟସଙ୍ଗତ ଅଧିକାର ପାଇଁ ଦ୍ୱାରଦ୍ୱାର ବୁଲେ, ଜଣେ ଗରିବ ଯେତେବେଳେ ନ୍ୟାୟ ପାଇବାକୁ ଅସମର୍ଥ ହୁଏ, ନିଯୁକ୍ତ ପାଇଁ ଜଣେ ଯୋଗ୍ୟ ଯୁବକ ଯେତେବେଳେ ସୁଯୋଗ ଅଭାବରୁ ନିରାଶ ହୁଏ, ସେତେବେଳେ ଆମର ଉତ୍ସବର ଆଲୋକ ଅସମ୍ପୂର୍ଣ୍ଣ ରହିଯାଏ। ଦୀପାବଳି ଆମକୁ ଶିଖାଉ ଯେ ସମାଜର ପ୍ରକୃତ ଆଲୋକ ହେଉଛି ନ୍ୟାୟ, ସ୍ୱଚ୍ଛତା, ସମାନତା ଓ ସୁଯୋଗର ସମାନ ଅଧିକାର।

ଆମ ଜୀବନଶୈଳୀରେ ମଧ୍ୟ ପରିବର୍ତ୍ତନ ଆବଶ୍ୟକ। ଆଜି ଦେଖାଦେଖି, ଆଡ଼ମ୍ବର, ଅନାବଶ୍ୟକ ଖର୍ଚ୍ଚ ଏବଂ ସାମାଜିକ ପ୍ରତିଯୋଗିତା ଆମ ଉତ୍ସବର ସରଳତାକୁ ନଷ୍ଟ କରୁଛି। କାହାର ଘରେ କେତେ ଆଲୋକ, କିଏ କେତେ ଟଙ୍କା ଖର୍ଚ୍ଚ କଲା, କିଏ କେତେ ବଡ଼ ଆୟୋଜନ କଲା ଏହି ପ୍ରତିଯୋଗିତା ଭିତରେ ପର୍ବର ଆଧାତ୍ମିକ ମହତ୍ତ୍ୱ ହଜିଯାଉଛି। ଦୀପାବଳି ଧନ ପ୍ରଦର୍ଶନର ଉତ୍ସବ ନୁହେଁ, ଏହା ଆନ୍ତରିକ ଶୁଦ୍ଧତାର ଉତ୍ସବ। ଏକ ସାଧାରଣ ମାଟିଦୀପରେ ମଧ୍ୟ ଯେଉଁ ଭକ୍ତି, ସ୍ନେହ ଓ ଶାନ୍ତି ରହିଛି, ତାହା ହଜାର ଆଲୋକର ଆଡ଼ମ୍ବରଠାରୁ ଅଧିକ ମୂଲ୍ୟବାନ ହୋଇପାରେ।

ବିଶେଷକରି ଯୁବପିଢ଼ି ଏହି ପର୍ବରୁ ଏକ ବଡ଼ ଶିକ୍ଷା ଗ୍ରହଣ କରିବା ଆବଶ୍ୟକ। ଜୀବନରେ ସଫଳତା ପାଇବା ପାଇଁ କେବଳ ଉଚ୍ଚ ଶିକ୍ଷା, ଉଚ୍ଚ ପଦବୀ ଓ ଅର୍ଥ ଯଥେଷ୍ଟ ନୁହେଁ। ଆବଶ୍ୟକ ଚରିତ୍ର, ଶୃଙ୍ଖଳା, ସତ୍ୟନିଷ୍ଠା ଏବଂ ଅନ୍ୟର ମର୍ଯ୍ୟାଦା ପ୍ରତି ସମ୍ମାନ। ନିଜ ଜୀବନରେ ଆଲୋକ ଆଣିବାକୁ ହେଲେ ପ୍ରଥମେ ନିଜ ଚିନ୍ତାଧାରାକୁ ଆଲୋକିତ କରିବାକୁ ପଡ଼ିବ। ଅନ୍ୟକୁ ହରାଇ ନୁହେଁ, ନିଜକୁ ଉନ୍ନତ କରି ସଫଳତା ହାସଲ କରିବାକୁ ହେବ। ଅନ୍ୟର ସଫଳତାରେ ଈର୍ଷା ନୁହେଁ, ଅଭିନନ୍ଦନ ଜଣାଇବାର ମନୋଭାବ ଗଢ଼ିବାକୁ ହେବ। ଏହି ଦୀପାବଳିରେ ଆମେ ନିଜ ମନର ଗୋଟିଏ ଅନ୍ଧକାରକୁ ଦୂର କରିବାର ସଂକଳ୍ପ ନେଇପାରିବା। କେହି ନିଜର ଅହଂକାର ତ୍ୟାଗ କରନ୍ତୁ, କେହି ଘୃଣା ଛାଡ଼ନ୍ତୁ, କେହି ମିଥ୍ୟା କହିବା ବନ୍ଦ କରନ୍ତୁ, କେହି ନିଜ ପରିବାରକୁ ସମୟ ଦିଅନ୍ତୁ, କେହି ଅସହାୟଙ୍କ ସାହାଯ୍ୟ କରନ୍ତୁ, ଆଉ କେହି ପ୍ରକୃତି ସୁରକ୍ଷାର ଦାୟିତ୍ୱ ନିଅନ୍ତୁ। ଏପରି ଛୋଟ ଛୋଟ ସଂକଳ୍ପ ହିଁ ଏକ ବଡ଼ ସାମାଜିକ ପରିବର୍ତ୍ତନର ଆରମ୍ଭ କରିପାରିବ। ଆମେ ଆଜି ମାଟିର ଦୀପ ଜଳାଇବା ସହିତ ମନରେ ମଧ୍ୟ ଏକ ଦୀପ ଜଳାଇବା। ସେହି ଦୀପର ନାମ ହେଉ ଦୟା, ଅନ୍ୟ ଏକ ଦୀପର ନାମ ହେଉ ସତ୍ୟ, ଆଉ ଏକ ଦୀପର ନାମ ହେଉ ମାନବିକତା। ଏହି ଦୀପଗୁଡ଼ିକ ଜଳି ଉଠିଲେ ପରିବାରରେ ଶାନ୍ତି ଆସିବ, ସମାଜରେ ସଦ୍‌ଭାବ ବଢ଼ିବ ଏବଂ ଦେଶରେ ନୈତିକତାର ନୂଆ ଅଧ୍ୟାୟ ଆରମ୍ଭ ହେବ। ଦୀପାବଳିର ସାର୍ଥକତା ଆକାଶରେ ଫୁଟୁଥିବା ବାଣରେ ନୁହେଁ, ମଣିଷର ହୃଦୟରେ ଫୁଟୁଥିବା ଆଶାରେ ରହିଛି। ଏହାର ସୌନ୍ଦର୍ଯ୍ୟ ଧୂଆଁରେ ନୁହେଁ, ନିର୍ମଳ ପରିବେଶରେ ରହିଛି। ଏହାର ମହତ୍ତ୍ୱ ଆଡ଼ମ୍ବରରେ ନୁହେଁ, ସରଳତା ଓ ସେବାରେ ରହିଛି। ଏହାର ପ୍ରକୃତ ଆଲୋକ ଘରର କାନ୍ଥରେ ନୁହେଁ, ମଣିଷର ଚରିତ୍ରରେ ପ୍ରତିଫଳିତ ହେବା ଉଚିତ।

ଭୁବନେଶ୍ୱର,
ମୋ-୯୪୩୭୯୯୪୩୭୯

ସରକାରଙ୍କ ନିୟମ କ'ଣ ସତରେ କାର୍ଯ୍ୟକାରୀ ହେବ ?

ବିଷ୍ଣୁ ପ୍ରସାଦ ଦାସ

> **ପର୍ବ ପାଳନର ଆନନ୍ଦ ଯଦି ଅନ୍ୟର ସ୍ୱାସ୍ଥ୍ୟ ପାଇଁ ବିପଦ ସୃଷ୍ଟି କରେ, ତେବେ ସେହି ଆନନ୍ଦର ମୂଲ୍ୟ କ'ଣ ? ସରକାର ଏବଂ ପ୍ରଶାସନର ନୀରବତା ଯଦି ଅମାନିଆଙ୍କୁ ଉତ୍ସାହିତ କରେ, ତେବେ ଆଇନ ପ୍ରତି ସାଧାରଣ ଲୋକଙ୍କ ବିଶ୍ୱାସ ଦୁର୍ବଳ ହେବା ସ୍ୱାଭାବିକ। କେବଳ ସଚେତନତାର ବାର୍ତ୍ତା ଦେଲେ ହେବ ନାହିଁ, ନିୟମିତ ନିରୀକ୍ଷଣ, ଅଭିଯୋଗର ଦ୍ରୁତ୍ ସମାଧାନ ଏବଂ ଆଇନ ଅନୁଯାୟୀ ନିରପେକ୍ଷ କାର୍ଯ୍ୟାନୁଷ୍ଠାନ ମଧ୍ୟ ଆବଶ୍ୟକ।**

ଦୀପାବଳି ଆଲୋକର ପର୍ବ। ମା' କାଳୀଙ୍କ ପୂଜା ଶକ୍ତି, ଭକ୍ତି ଓ ଆଧ୍ୟାତ୍ମିକତାର ପ୍ରତୀକ। କିନ୍ତୁ ଏହି ପବିତ୍ର ପର୍ବ ପାଳନ ନାମରେ ଯଦି ଉଚ୍ଚ ଧ୍ୱନି ସୃଷ୍ଟିକାରୀ ବାଣ ଫୁଟାଇବା, ବାୟୁ ପ୍ରଦୂଷଣ ବଢ଼ାଇବା ଏବଂ ଅନ୍ୟମାନଙ୍କ ଶାନ୍ତି ଭଙ୍ଗ କରିବା ଜାରି ରହେ, ତେବେ ଆମ ପର୍ବପର୍ବାଣିର ପ୍ରକୃତ ଉଦ୍ଦେଶ୍ୟ କେଉଁଠି ରହିଲା ? ସରକାରଙ୍କ ନିୟମ ଏବଂ କଟକଣା କେବଳ କାଗଜପତ୍ରରେ ସୀମିତ ରହିବ, ନା ସେଗୁଡ଼ିକ ବାସ୍ତବରେ କାର୍ଯ୍ୟକାରୀ ହେବ ?

କଟକ ହେଉଛି ଭାଇଚାରାର ସହର । ଏହାର ଗୌରବମୟ ପରମ୍ପରା ଏବଂ ସାମ୍ପ୍ରଦାୟିକ ସଦ୍‌ଭାବନା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ । କିନ୍ତୁ ଭାଇଚାରାର ଅର୍ଥ କ'ଣ ଆଇନକୁ ଅଣଦେଖା କରିବା ? ଭୋଟ୍ ରାଜନୀତିର ସ୍ୱାର୍ଥରେ ନିୟମକୁ ଶିଥିଳ କରିଦେବା ? ଯଦି ଏପରି ହୁଏ, ତେବେ ଭାଇଚାରାର ମହତ୍ତ୍ୱ ଆଉ କେତେଦିନ ଅକ୍ଷୁଣ୍ଣ ରହିବ ? ଆଇନ ସମସ୍ତଙ୍କ ପାଇଁ ସମାନ। ଧର୍ମ, ପରମ୍ପରା, ସାମାଜିକ ପ୍ରତିଷ୍ଠା କିମ୍ବା ରାଜନୈତିକ ପ୍ରଭାବ ଆଧାରରେ ଆଇନର ପ୍ରୟୋଗରେ ପାତର ଅନ୍ତର ହେବା ଉଚିତ ନୁହେଁ । ନିର୍ଦ୍ଦିଷ୍ଟ ଧ୍ୱନି କମ୍ପନ ସୀମା ଏବଂ ନିୟମ ଉଲ୍ଲଂଘନ



କରୁଥିବା ବାଣ ଉପରେ ଯଦି କଟକଣା ରହିଛି, ତେବେ ତାହାର ଉଲ୍ଲଂଘନକୁ ରୋକିବ କିଏ ? ପ୍ରଶାସନ, ସ୍ଥାନୀୟ କର୍ତ୍ତୃପକ୍ଷ ନା ଆଇନ ପ୍ରଣୟନକାରୀ ସଂସ୍ଥା ? ନିୟମ ଥିବ, କିନ୍ତୁ ତାହାର ଉଲ୍ଲଂଘନ ହେଲେ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ନାହିଁ...ଏପରି ବ୍ୟବସ୍ଥାର ଅର୍ଥ କ'ଣ ?

ସବୁଠାରୁ ଦୁଃଖଦ କଥା ହେଉଛି, ଏହି ଅସହନୀୟ ଧ୍ୱନି ପ୍ରଦୂଷଣର ଶିକାର ହେଉଛନ୍ତି ନିରୀହ ଶିଶୁ, ବରିଷ୍ଠ ନାଗରିକ, ହୃଦ୍‌ରୋଗୀ ଓ ଅନ୍ୟାନ୍ୟ ଅସୁସ୍ଥ ବ୍ୟକ୍ତି । ଯେଉଁ ଶିଶୁଟି ଭୟରେ କାନ୍ଦୁଛି, ଯେଉଁ ବୃଦ୍ଧଟି ନିଦ୍ରାହୀନ ରାତି କାଟୁଛି, ଯେଉଁ ରୋଗୀଟି ଅସହ୍ୟ ଯନ୍ତ୍ରଣା ମଧ୍ୟରେ ଶାନ୍ତି ଖୋଜୁଛି, ସେମାନଙ୍କ କଷ୍ଟ କ'ଣ ଆମ ଭାଇଚାରାର ପରିଧି ବାହାରେ ? ଅନ୍ୟର ଯନ୍ତ୍ରଣାକୁ ଅଣଦେଖା କରି ଆମେ କେଉଁ ପ୍ରକାରର ଆନନ୍ଦ ଉପଭୋଗ କରୁଛୁ ?

ଧ୍ୱନି ଏକପ୍ରକାର ଶକ୍ତି ଏହା କମ୍ପନରୁ ସୃଷ୍ଟି , ଯେତେବେଳେ କୌଣସି ଜିନିଷ ଉପରେ କମ୍ପନ ସୃଷ୍ଟି ହୁଏ ତାହା ନିକଟରେ ଥିବା ବାୟୁ କଣିକା ଉପରେ ପ୍ରଭାବ ପକାଇ ଥାଏ । କମ୍ପିତ ବାୟୁ କଣିକା ତାହା ପାର୍ଶ୍ୱବର୍ତ୍ତୀ କଣିକା ଉପରେ ପ୍ରଭାବ ପକାଏ ଏମିତି ଭାବେ ଧ୍ୱନି ତରଙ୍ଗ ସୃଷ୍ଟିକରି ଚତୁପାର୍ଶ୍ୱକୁ ବ୍ୟାପି ଥାଏ । କମ୍ପନର ତୀବ୍ରତା ଅନୁସାରେ ବାୟୁ କଣିକା ନିର୍ଦ୍ଦିଷ୍ଟ ଏକ ଦୂରତା ପର୍ଯ୍ୟନ୍ତ ଯାଇ ଧୀରେ ଧୀରେ ଦୁର୍ବଳ ହୋଇ ଶକ୍ତିହୀନ ହୋଇଯାଏ । ଧ୍ୱନିର ତୀବ୍ରତା ଆମେ 'ଡେସିବିଲ'ରେ ମାପ କରି ଥାଉ । ସାଧାରଣତଃ ଆମ ମସ୍ତିଷ୍କ ଏବଂ କର୍ଣ୍ଣ ଗହ୍ୱର ୭୦ ଡେସିବିଲ୍ ଧ୍ୱନିକୁ ସହଜରେ ଗ୍ରହଣ କରିଥାଏ , ଅତି ବେଶିରେ ଏହା ୮୫ ଡେସିବିଲ୍ ପର୍ଯ୍ୟନ୍ତ ସହ୍ୟ କରି ପାରିବ ତାହା ମଧ୍ୟ ବେଶି ସମୟ ପାଇଁ ନୁହେଁ । ସରକାରୀ ନିୟମ ଅନୁସାରେ କେହି ୬୫ ଡେସି ବିଲ୍‌ରୁ ଅଧିକ ତୀବ୍ରତାର ଧ୍ୱନି ଉତ୍ପନ୍ନ କରୁଥିବା ଯନ୍ତ୍ର ବ୍ୟବହାର କରି ପାରିବେନାହିଁ । ଆମେ ଶୁଣିବା ପାଇଁ ଧ୍ୱନି ତରଙ୍ଗ ୨୦ ହର୍ଜରୁ ୨୦ ହଜାର ହର୍ଜ ଭିତରେ ରହିବା ଦରକାର , ତାହାଠାରୁ ବେଶି ବା କମ୍ ହେଲେ ଆମେ ଶୁଣି ପାରିବା ନାହିଁ । ଧ୍ୱନି ଅନେକ ପ୍ରକାର ଯଥା ୧. ଇନ୍ଫ୍ରା ସୋନିକ(୨୦ ହର୍ଜ ରୁ କମ୍), ୨. ସୋନିକ(୨୦ ରୁ ୨୦ ହଜାର ହର୍ଜ ମଧ୍ୟରେ) , ୩. ଅଲଟ୍ରା ସୋନିକ୍ (୨୦ ହଜାର ହର୍ଜ ରୁ ଅଧିକ) ।

ବାଣରୁ ନିର୍ଗତ ଧୂଆଁ ଏବଂ ସୂକ୍ଷ୍ମ କଣିକା ବାୟୁକୁ ଦୂଷିତ କରି ଶ୍ୱାସକ୍ରିୟା ଜନିତ ସମସ୍ୟା ତଥା ଅନ୍ୟାନ୍ୟ ସ୍ୱାସ୍ଥ୍ୟଜନିତ ବିପଦ ବଢ଼ାଇ ପାରେ । ତେଣୁ ଏହା କେବଳ ଧ୍ୱନିର ସମସ୍ୟା ନୁହେଁ, ଏହା ଜନସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷା ସହିତ ଜଡ଼ିତ ଏକ ଗୁରୁତର ପ୍ରସଙ୍ଗ । ପର୍ବ ପାଳନର ଆନନ୍ଦ ଯଦି ଅନ୍ୟର ସ୍ୱାସ୍ଥ୍ୟ ପାଇଁ ବିପଦ ସୃଷ୍ଟି କରେ, ତେବେ ସେହି ଆନନ୍ଦର ମୂଲ୍ୟ କ'ଣ ? ସରକାର ଏବଂ ପ୍ରଶାସନର ନୀରବତା ଯଦି ଅମାନିଆଙ୍କୁ ଉତ୍ସାହିତ କରେ, ତେବେ ଆଇନ ପ୍ରତି ସାଧାରଣ ଲୋକଙ୍କ ବିଶ୍ୱାସ ଦୁର୍ବଳ ହେବା ସ୍ୱାଭାବିକ। କେବଳ ସଚେତନତାର ବାର୍ତ୍ତା ଦେଲେ ହେବ ନାହିଁ, ନିୟମିତ ନିରୀକ୍ଷଣ, ଅଭିଯୋଗର ଦ୍ରୁତ୍ ସମାଧାନ ଏବଂ ଆଇନ ଅନୁଯାୟୀ ନିରପେକ୍ଷ କାର୍ଯ୍ୟାନୁଷ୍ଠାନ ମଧ୍ୟ ଆବଶ୍ୟକ।

ଧର୍ମ ଆମକୁ ଦୟା, ସଂଯମ ତଥା ପରୋପକାର ଶିଖାଏ । ଅନ୍ୟର ଦୁଃଖ ବଢ଼ାଇବା କ'ଣ ଧର୍ମ ଶିକ୍ଷା ଦିଏ ? ମା' କାଳୀଙ୍କ ପୂଜା ଓ ଦୀପାବଳିର ପ୍ରକୃତ ସନ୍ଦେଶ ହେଉଛି ଅନ୍ଧକାର ଉପରେ ଆଲୋକର ବିଜୟ । ତେଣୁ ଆମ ମନର ଅଜ୍ଞାନ, ଅହଂକାର ଏବଂ ଅସମ୍ବେଦନଶୀଳତାର ଅନ୍ଧକାରକୁ ମଧ୍ୟ ଦୂର କରିବା ଆବଶ୍ୟକ। ବର୍ତ୍ତମାନ ସମୟ ଆସିଛି, ସରକାର ଓ ପ୍ରଶାସନ ନିଜ ଦାୟିତ୍ୱ ନିରପେକ୍ଷ ଭବେ ପାଳନ କରନ୍ତୁ । ଆଇନର ରକ୍ଷକ ସମାଜର ସୁରକ୍ଷା ନିଶ୍ଚିତ କରନ୍ତୁ । ନାଗରିକମାନେ ମଧ୍ୟ ନିଜ କର୍ତ୍ତବ୍ୟ ପ୍ରତି ସଚେତନ ହୁଅନ୍ତୁ । ପର୍ବ ପାଳନର ଅଧିକାର ସହିତ ଅନ୍ୟର ଶାନ୍ତି, ସ୍ୱାସ୍ଥ୍ୟ, ସୁରକ୍ଷା ପ୍ରତି ସମ୍ମାନ ଦେବାର ଦାୟିତ୍ୱ ମଧ୍ୟ ରହିଛି।

ବିନମ୍ର ଅନୁରୋଧ...କଟକର ଭାଇଚାରା କ'ଣ କେବଳ ଉତ୍ସବ ଏବଂ ଭୋଟ ରାଜନୀତିରେ ସୀମିତ ରହିବ, ନା ଅସହାୟ ମଣିଷର ଯନ୍ତ୍ରଣାକୁ ବୁଝିବାରେ ମଧ୍ୟ ପ୍ରତିଫଳିତ ହେବ ? ନିୟମ କେବଳ ଘୋଷଣାରେ ରହିବ, ନା ବାସ୍ତବରେ କାର୍ଯ୍ୟକାରୀ ହେବ ? ନେତୃବୃନ୍ଦ, ଜ୍ଞାନୀ ଗୁଣୀ, ମୁରବିମାନେ ଅମାନିଆଙ୍କୁ ମାନବିକତାର ଶିକ୍ଷାରେ ଦୀକ୍ଷିତ କରନ୍ତୁ । ଭାଇଚାରାର ପ୍ରକୃତ ପରିଚୟ ଶବ୍ଦରେ ନୁହେଁ, ମାନବିକତାରେ ନିହିତ ରହିଛି । ଧର୍ମର ପ୍ରକୃତ ମହତ୍ତ୍ୱ କେବଳ ଆଡ଼ମ୍ବରରେ ନୁହେଁ, ଅନ୍ୟର ଯନ୍ତ୍ରଣା ବୁଝିବାରେ ଥାଏ । ଆସନ୍ତୁ ସମସ୍ତେ ମିଶି ପର୍ବପର୍ବାଣି ପାଳନ କରିବା ସହିତ ଅନ୍ୟମାନଙ୍କ ସୁଖ ଦୁଃଖରେ ସାମିଲ ହେବା । ମାନବ ସେବା ହିଁ ମାଧବ ସେବା ।

କଟକ
ମୋ: ୯୯୩୭୧୭୪୦୯୭

CMYK

କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

ରମ୍ଭା,୬।୧୧ (ନିପ୍ର): ସ୍ଥାନୀୟ ପି. ଏମ. ସି ରମ୍ଭା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ କ୍ଲଷ୍ଟର ସ୍ତରୀୟ ଶିଶୁମହୋତ୍ସବ ସୁରଭି - ୨୦୨୬ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଉଦଯାପିତ୍ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରାଙ୍କ ସଭାପତିତ୍ୱ ସହ ଆର. ନୁଆଁ ଗାଁ ସିଆଇସିସି ରବୀନ୍ଦ୍ର କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହାର ଲକ୍ଷ୍ୟ ଓ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ। ଉପସ୍ଥାପକ /ଉପସ୍ଥାପିକା ଭାବେ ରୋଜାଲିନ ମହାପାତ୍ର ଓ ଆଶିଷ କୁମାର ମହାପାତ୍ର ରହିଥିଲେ। ଛାତ୍ରଛାତ୍ରୀମାନଙ୍କର ଲୁକ୍କାୟିତ ପ୍ରତିଭା, ସମୃଦ୍ଧ ଭାଷା, ସମୃଦ୍ଧ ଓଡିଶା ସହିତ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ତର୍କ,ବକ୍ତୃତା, ପ୍ରବନ୍ଧ ,ସୃଜନଶୀଳ ଲିଖନ, ଶ୍ରୁତଲିଖନ,ଚିତ୍ରାଙ୍କନ, ଚିତ୍ରକଳା,ଲୋକନୃତ୍ୟ (ସାଂସ୍କୃତିକ)ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କ୍ଲଷ୍ଟର ସ୍ତରୀୟ ପ୍ରାଥମିକ ବିଦ୍ୟାଳୟ ଠାରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପର୍ଯ୍ୟନ୍ତ ୧୪ ଗୋଟି ଶିକ୍ଷାନୁଷ୍ଠାନର ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ।ବିଭିନ୍ନ ବିଭାଗରେ ବିଚାରକମାନଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ଚୟନ କରାଯାଇଥିଲା। ଉଦ୍‌ଯାପନୀ ସଭାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ସିଲ ପ୍ରଦାନ କରାଯାଇଥିଲା।

କୁଚିଣ୍ଡାରେ ବିଜେଡିର ଜନସଂପର୍କ ପଦଯାତ୍ରା

କୁଚିଣ୍ଡା,୬।୧୧ (ନିପ୍ର); ସମ୍ବଲପୁର ଜିଲ୍ଲା କୁଚିଣ୍ଡାରେ ବିଜେଡି ପକ୍ଷରୁ ଏକ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୁଚିଣ୍ଡା କୁଣ୍ଡେଶ୍ୱର ଶିବ ମନ୍ଦିର ନିକଟସ୍ଥ ମିନ୍ଦାଜାର ପଡ଼ିଆରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। କୁଚିଣ୍ଡା ବ୍ଲକ ସଭାପତି ତଥା ଜିଲ୍ଲାପରିଷଦ ସଭ୍ୟ ଅଜିତ ମହାପାତ୍ରଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ନାଏକ, ସମ୍ବଲପୁର ଜିଲ୍ଲା ବିଜେଡି ସଭାପତି ରୋହିତ ପୂଜାରୀ, ଜିଲ୍ଲା ପରିଷଦ ଅଧକ୍ଷା କୁମୁଦିନୀ ନାୟକ,ଜିଲ୍ଲା ମହିଳା ସଭାନେତ୍ରୀ ସଞ୍ଜୁକ୍ତା ମେହେର,ଜିଲ୍ଲାପରିଷଦ ସଭ୍ୟ ତଥା ବାମରା ବ୍ଲକ ସଭାପତି କୃଷ୍ଣଚନ୍ଦ୍ର ଟପୋ, ଜମନକିରା ବ୍ଲକ୍ ଅଧକ୍ଷା ଆଶ୍ରିତା ଭୋଇ, ଜମନକିରା ବ୍ଲକ୍ ସଭାପତି ରାଜେଶ ନାୟକ, କୁଚିଣ୍ଡା ଏନଏସି ସଭାପତି ନବୀନ ହୋତା,ବାମରା ଏନଏସି ସଭାପତି ଅରବିନ୍ଦ ସାହୁ, ଜିଲ୍ଲାପରିଷଦ ସଭ୍ୟା ତନୟା ଧୁରୁଆ, କୁଚିଣ୍ଡା ବ୍ଲକ ମହିଳା ସଭାନେତ୍ରୀ ସଞ୍ଜୁକ୍ତା ପଟେଲ, କୁଚିଣ୍ଡା ଏନଏସି ମହିଳା ସଭାନେତ୍ରୀ ସୁଜାତା ନାଏକ,ବାମରା ବ୍ଲକ ମହିଳା ସଭାନେତ୍ରୀ ଖୋଜି ନାଏକ,ବାମରା ଏନଏସି ମହିଳା ସଭାନେତ୍ରୀ ମଙ୍ଗଳି ନାଏକ, ଗୋବିନ୍ଦପୁର ସରପଞ୍ଚ ବିମଳ ଲାକ୍ରା,ସଞ୍ଜୟ ବେହେରା ପ୍ରମୁଖ ଯୋଗଦେଇ ରାଜ୍ୟ ଓ କେନ୍ଦ୍ରରେ ଥିବା ଭାଜପା ଡବଲ ଇଞ୍ଜିନ ସରକାର ବିରୋଧରେ ବିର୍ଷିଥିଲେ।

କେନ୍ଦ୍ରାପଡ଼ାରେ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ

ମାଣ୍ଡିଆ ଚାଷ ଓ ଏହାର ଉପକାରିତା ଉପରେ ଗୁରୁତ୍ୱ

କେନ୍ଦ୍ରାପଡ଼ା,୬।୧୧ (ନିପ୍ର); ସୁସ୍ଥ ଜୀବନ ପାଇଁ ପୁଷ୍ଟିକର ଖାଦ୍ୟର ରହିଛି ବିଶେଷ ଗୁରୁତ୍ୱ। ଆଉ ପୁଷ୍ଟିକର ଖାଦ୍ୟ ମଧ୍ୟରେ ମାଣ୍ଡିଆର ସ୍ଥାନ ସ୍ୱତନ୍ତ୍ର। ମାଣ୍ଡିଆ ଚାଷର ପ୍ରୋତ୍ସାହନ, ଏହାର ଉପକାରିତା ଏବଂ ଦୈନନ୍ଦିନ ଖାଦ୍ୟରେ ମାଣ୍ଡିଆର ବ୍ୟବହାର ବୃଦ୍ଧି ନିମନ୍ତେ କେନ୍ଦ୍ରାପଡ଼ା ଜିଲ୍ଲା କୃଷି ବିଭାଗ ପରିସରରେ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ପାଳିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲା କୃଷି ବିଭାଗ ପରିସରରେ ଆୟୋଜିତ ଏହି ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ କାର୍ଯ୍ୟକ୍ରମରେ କୃଷି ବିଭାଗର ଅଧିକାରୀ, କୃଷି ବିଶେଷଜ୍ଞ, ଚାଷୀ ଓ ଅନ୍ୟାନ୍ୟ ଅତିଥିମାନେ ଯୋଗଦେଇଥିଲେ ଓ କାର୍ଯ୍ୟକ୍ରମରେ ମାଣ୍ଡିଆ ଚାଷର ଗୁରୁତ୍ୱ, ଏହାର ପୁଷ୍ଟିକର ଗୁଣ ଏବଂ ଚାଷୀମାନଙ୍କ ଆର୍ଥିକ ଉନ୍ନତିରେ ମାଣ୍ଡିଆ ଚାଷର ଭୂମିକା ସମ୍ପର୍କରେ ଆଲୋକପାତ କରାଯାଇଥିଲା। ମାଣ୍ଡିଆ ଏକ ପୁଷ୍ଟିସମୃଦ୍ଧ ଶସ୍ୟ। ଏଥିରେ କ୍ୟାଲସିୟମ, ଲୌହ ଓ ତନ୍ତୁଜାତୀୟ ଉପାଦାନ ରହିଥିବାରୁ ଏହାକୁ ଦୈନନ୍ଦିନ ଖାଦ୍ୟରେ ସାମିଲ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହିତ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ପୁଷ୍ଟିକର ଖାଦ୍ୟ ସମ୍ପର୍କରେ ମଧ୍ୟ ଲୋକମାନଙ୍କୁ ସଚେତନ କରାଯାଇଥିଲା। ମାଣ୍ଡିଆ ଚାଷ ପ୍ରତି ଚାଷୀମାନଙ୍କ ଆଗ୍ରହ ବୃଦ୍ଧି ସହ ଏହାର ବଜାର ଚାହିଦା ବଢ଼ାଇବା ଦିଗରେ ଏଭଳି କାର୍ଯ୍ୟକ୍ରମ ସହାୟକ ହେବ ବୋଲି ମତ ପ୍ରକାଶ ପାଇଥିଲା। ତେବେ ପାରମ୍ପରିକ ଖାଦ୍ୟଶସ୍ୟ ମାଣ୍ଡିଆର ଚାଷ ଓ ବ୍ୟବହାରକୁ ଅଧିକ ଲୋକପ୍ରିୟ କରିବା ସହ ଚାଷୀଙ୍କୁ ଏହାର ଚାଷ ପାଇଁ ଉତ୍ସାହିତ କରିବା ହିଁ ଏହି ମାଣ୍ଡିଆ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ।

ସାଂସଦ ପ୍ରତିନିଧି ରାଜେନ୍ଦ୍ର ବିଷୋୟୀଙ୍କୁ ସ୍ୱାଗତ

ଡାବୁଗାଁ,୬।୧୧ (ନିପ୍ର); ବ୍ଲକରେ ବଡ଼ଓଲମା ଗ୍ରାମର ରାଜେନ୍ଦ୍ର ବିଷୋୟୀଙ୍କୁ ସାଂସଦ ବଳଭଦ୍ର ମାଝୀ ପ୍ରତିନିଧି ଭାବେ ମନୋନୀତ କରିଛନ୍ତି।ଆଜି ସେ ବିଡ଼ିଓଙ୍କୁ ସାଂସଦଙ୍କ ଚିଠି ପ୍ରଦାନ କରିଛନ୍ତି। ଏହି ଅବସରରେ ବିଡ଼ିଓ କାର୍ଯ୍ୟାଳୟ ପରିସର ଲୋକାରଣ୍ୟ ହୋଇଥିଲା। ପଞ୍ଚାୟତ ସମିତି ଗୃହରେ ସ୍ୱାଗତ ସମ୍ବର୍ଦ୍ଧନା ସଭା କରାଯାଇଥିଲା। ଏଥିରେ ଡାବୁଗାଁ ମଣ୍ଡଳ ସଭାପତି ମନୋଜ ପାତ୍ର, ବୋରିଗାଁ ମଣ୍ଡଳ ସଭାପତି ଜଗଦୀଶ ଭତ୍ରା, ଡାବୁଗାଁ ମଣ୍ଡଳ ସଭାପତି ମନୋଜ ପାତ୍ର, ବୋରିଗାଁ ମଣ୍ଡଳ ସଭାପତି ଜଗଦୀଶ ଭତ୍ରା, ଜି କିରଣ କୁମାର, ସମିତିସଭ୍ୟ ଲକି ଚନ୍ଦ୍ ଭତ୍ରା, ବଡ ଓଲମା ଗ୍ରାମ ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଡମ୍ବରୁ ଭତ୍ରକ୍ଷ, ବିଶ୍ୱନାଥ ମାଝୀ, ଦଶମୁ କଲାର,ସତମନ ପୂଜାରୀ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ। ଶ୍ରୀ ବିଷୋୟୀ କହିଛନ୍ତି, ସରକାରଙ୍କ ଯୋଜନା ଘରେ ଘରେ ପହଞ୍ଚାଇବେ ଓ ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଜେପି ପ୍ରାର୍ଥୀଙ୍କୁ ଜିତାଇବାକୁ କାମ କରିବେ।

ସାଲେପୁର ଓ ଟାଙ୍ଗୀ ବ୍ଲକରେ ୬ ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର

ସାଲେପୁର,୬।୧୧(ନିପ୍ର); ଗ୍ରାମାଞ୍ଚଳରେ ପ୍ରାଥମିକ ଶିକ୍ଷାରମାନ ବୃଦ୍ଧି ସହ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଓ ବିଶ୍ୱସ୍ତରୀୟ ଶିକ୍ଷା ପ୍ରଦାନ ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଛି 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ଯୋଜନା। ଏହି ଯୋଜନା ଅଧୀନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡିଓ କନଫରେନ୍ସିଂ ଜରିଆରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆଦର୍ଶ ବିଦ୍ୟାଳୟଗୁଡ଼ିକର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କ୍ରମରେ କଟକ ଜିଲ୍ଲା ସାଲେପୁର ନିର୍ବାଚନମଣ୍ଡଳୀର ସାଲେପୁର ଓ ଟାଙ୍ଗୀ ବ୍ଲକରେ ୬ଟି ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ସାଲେପୁର ବ୍ଲକର ରଟିଲୋ, ମହାଜନପୁର ଓ ମିର୍ଜାପୁର ପଞ୍ଚାୟତ ସମେତ ଟାଙ୍ଗୀ ବ୍ଲକର ତିନୋଟି ସ୍ଥାନରେ ଏହି ବିଦ୍ୟାଳୟ ନିର୍ମାଣ କରାଯିବ। ଏହି ଅବସରରେ ସ୍ଥାନୀୟ ବିଧାୟକ ପ୍ରଶାନ୍ତ ବେହେରାଙ୍କ ସମେତ ବିଭାଗୀୟ ଅଧିକାରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ବିଭିନ୍ନ ରାଜନୈତିକ ଦଳର ନେତାମାନେ ଯୋଗଦେଇଥିଲେ। ଗ୍ରାମାଞ୍ଚଳର ପିଲାମାନଙ୍କୁ ସହରାଞ୍ଚଳର ଶିକ୍ଷା ସୁବିଧା ସହ ସମକକ୍ଷ କରିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ। ଆଗାମୀ ଦିନରେ ପ୍ରତ୍ୟେକ ପଞ୍ଚାୟତରେ ଏଭଳି ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିବାକୁ ସରକାରଙ୍କ ଲକ୍ଷ୍ୟ ରହିଛି। ଏହା ଦ୍ୱାରା ଗ୍ରାମାଞ୍ଚଳରେ ଶିକ୍ଷାର ଭିତ୍ତିଭୂମି ମଜଭୁତ ହେବା ସହ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନରେ ନୂଆ ଦିଗ ଉନ୍ମୋଚିତ ହେବ ବୋଲି ଆଶା କରାଯାଉଛି।

ବୌଦ୍ଧରେ ସଖୀ ୱାନ୍ ଷ୍ଟପ୍ ସେଣ୍ଟରର ଅଷ୍ଟମ ପ୍ରତିଷ୍ଠା ଦିବସ

ମହିଳାଙ୍କୁ ସୁରକ୍ଷା, ସମ୍ମାନ ଓ ନ୍ୟାୟ ପ୍ରଦାନରେ ସଖୀ କେନ୍ଦ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ

ବୌଦ୍ଧ,୬।୧୧ (ନିପ୍ର): ବୌଦ୍ଧ ଜିଲ୍ଲାର ସଖୀ ୱାନ୍ ଷ୍ଟପ୍ ସେଣ୍ଟରର ଅଷ୍ଟମ ପ୍ରତିଷ୍ଠା ଦିବସ ସଖୀ ସଭାଗୃହଠାରେ ଉତ୍ସାହ ସହ ପାଳିତ ହୋଇଯାଇଛି। ମହିଳା ଓ ବାଳିକାମାନଙ୍କ ସୁରକ୍ଷା, ସମ୍ମାନ, ଅଧିକାର ଓ ନ୍ୟାୟ ପ୍ରଦାନ ଦିଗରେ ସଖୀ ୱାନ୍ ଷ୍ଟପ୍ ସେଣ୍ଟର ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ଅନୁଷ୍ଠାନ ଭାବେ ଜିଲ୍ଲାରେ ନିଜର ସାମାଜିକ ଦାୟିତ୍ୱ ନିର୍ବାହ କରିଆସୁଛି। ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ ପରିଚାଳିତ ଏହି କେନ୍ଦ୍ର ଘରୋଇ ହିଂସା, ଶାରୀରିକ ଓ ମାନସିକ ନିର୍ଯାତନା, ଯୌନ ହିଂସା ତଥା ଅନ୍ୟାନ୍ୟ ସମସ୍ୟାର ଶିକାର ହୋଇଥିବା ମହିଳାମାନଙ୍କୁ ଏକ ସ୍ଥାନରେ ଆଶ୍ରୟ, ଚିକିତ୍ସା, ମାନସିକ ପରାମର୍ଶ, ଆଇନଗତ ସହାୟତା ଓ ଆବଶ୍ୟକ ସୁରକ୍ଷା ଯୋଗାଇ ଦେଉଛି। ଏହା ମହିଳାମାନଙ୍କୁ ଭୟ



ଓ ନିର୍ଯାତନାରୁ ମୁକ୍ତ କରି ଆତ୍ମବିଶ୍ୱାସର ସହ ନୂତନ ଜୀବନ ଆରମ୍ଭ କରିବାରେ ସହାୟକ ହେଉଛି।ଏହି ଅବସରରେ ଡେପୁଟି କଲେକ୍ଟର ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ଅଙ୍କିତା ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସାଗରିକା ଦତ୍ତ, ଜିଲ୍ଲା ସୁରକ୍ଷା ଓ ପରିଯୋଜନା ଅଧିକାରୀ ସନ୍ତୋଷିନୀ ଭୋଇ, ଜିଲ୍ଲା ପ୍ରୋଗ୍ରାମ ଅଫିସର ରୀନା ମହାନ୍ତି, ଗୀତାଞ୍ଜଳି ଦଲାଲ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧକ୍ଷ ପ୍ରମୋଦ କୁମାର ସାହୁ ଏବଂ ସଦସ୍ୟ ଶଶିକାନ୍ତ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

ସଖୀ କେନ୍ଦ୍ରର ପରିଚାଳିକା ସୋନୁଜା ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ କେନ୍ଦ୍ରର ଆଠ ବର୍ଷର କାର୍ଯ୍ୟଧାରା, ସଫଳତା ଓ କାର୍ଯ୍ୟକାରିତା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ଏହି ଅବସରରେ ଅତିଥିମାନେ ମହିଳାଙ୍କ ସୁରକ୍ଷା ଓ ସଶକ୍ତୀକରଣ ପାଇଁ ସଖୀ କେନ୍ଦ୍ରର ନିରନ୍ତର ପ୍ରୟାସକୁ ପ୍ରଶଂସା କରିବା ସହିତ ନିର୍ଯାତିତ ଓ ଅସହାୟ ମହିଳାମାନଙ୍କୁ ସମୟୋଚିତ ସହାୟତା ପ୍ରଦାନ ଏବଂ ସେମାନଙ୍କ ଅଧିକାର ସମ୍ପର୍କରେ ଅଧିକ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମର ସଫଳ ପରିଚାଳନାରେ ଜିଲ୍ଲା ହବ୍ ଷ୍ଟାଫ୍ ସୁମନ ମହାକୁଡ଼, କିରଣ ପ୍ରିୟଦର୍ଶିନୀ, ଜିଲ୍ଲା ସଂଯୋଜିକା ସୁଜାତା ପାଣିଗ୍ରାହୀ ଏବଂ ସଖୀ କେନ୍ଦ୍ରର ସମସ୍ତ ସଦସ୍ୟ ସଦସ୍ୟା ସହଯୋଗ କରିଥିଲେ। ଶେଷରେ ସଖୀ କେନ୍ଦ୍ରର ହିସାବରକ୍ଷକ ତୋଫାନ ମହାରଥୀ ଧନ୍ୟବାଦ ଅର୍ପଣ କରିଥିଲେ। ମହିଳାଙ୍କ ସୁରକ୍ଷା ଓ ସମ୍ମାନ ଏକ ସଭ୍ୟ ସମାଜର ପରିଚୟ। ତେଣୁ ମହିଳା ନିର୍ଯାତନା ବିରୋଧରେ ସ୍ୱର ଉତ୍ତୋଳନ କରିବା ସହିତ ଆବଶ୍ୟକ ସମୟରେ ସଖୀ ୱାନ୍ ଷ୍ଟପ୍ ସେଣ୍ଟରର ସହାୟତା ନେବାକୁ ଜିଲ୍ଲାବାସୀଙ୍କୁ ଆହ୍ୱାନ କରାଯାଇଛି।

ଖବର ପ୍ରକାଶନ ପରେ ବଳଙ୍ଗା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ ଡାକ୍ତର ନିଯୁକ୍ତି

ପିପିଲି ,୬।୧୧(ନିପ୍ର); ପୁରୀ ଜିଲ୍ଲା ବଳଙ୍ଗା ବଜାର ମଧ୍ୟରେ ଥିବା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ ଦୀର୍ଘ ୮ ମାସ ଧରି ଡାକ୍ତର ନଥିବା ନେଇ ଦୈନିକ 'ଦିନଲିପି'ରେ ଗତ ମାସ ୨୬ ତାରିଖ ସଂସ୍କରଣରେ ଖବର ପ୍ରକାଶନ ପରେ ଉପ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଚୁକ୍ତି ଭିତ୍ତିକ ଡାକ୍ତର ସୁକୁମାର ବରାଳ ମଙ୍ଗଳବାର କାର୍ଯ୍ୟରେ ଯୋଗ

'ଦିନଲିପି'ର ପ୍ରଭାବ

ଦେଇଛନ୍ତି । ଶ୍ରୀ ବରାଳ ଯୋଗ ଦେବା ପରେ ଗତ କାଲି ଠାରୁ ବଳଙ୍ଗା ଅଞ୍ଚଳରେ ସ୍ୱାସ୍ଥ୍ୟ ସେବାରେ ସୁଧାର ଆସି ଥିବା ବେଳେ ଏଠାରେ ଜଣେ ଷ୍ଟାପ ନର୍ସ ନଥିବା ଜଣାଯାଇଛି। ତେଣୁ ଯଥାଶୀଘ୍ର ଜଣେ ଷ୍ଟାପ ନର୍ସ ଯୋଗାଇ ଦେବାକୁ ବଳଙ୍ଗା ଅଞ୍ଚବାସୀ ଉପ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ରଖି ଛନ୍ତି। ଜଣେ ହୋମିଓପ୍ୟାଥିକ ଡାକ୍ତର, ଜଣେ ଫାର୍ମାସିଷ୍ଟ ଏବଂ ଜଣେ ସ୍ୱଚ୍ଛତା କର୍ମୀ ନିଯୁକ୍ତ ରହି ଛନ୍ତି । ତେବେ ପୂର୍ବରୁ ଜଣେ ନର୍ସ ଥିଲେ ତାଙ୍କୁ ଗ୍ରାମାଞ୍ଚଳକୁ ବଦଳି କରାଯାଇଛି। ସେପଟେ ଆରୋଗ୍ୟ କେନ୍ଦ୍ର ଉପରେ ବଳଙ୍ଗା ଅଞ୍ଚଳର ୧୭ଟି ପଞ୍ଚାୟତର ଜନସାଧାରଣ ସେମାନଙ୍କ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରୁ ଅଛନ୍ତି । ଗତ ମାର୍ଚ୍ଚ ମାସ ୧ ତାରିଖରୁ ବଦଳି ହେଲା ପରେ ଆଉ କାହାରିକୁ ନିଯୁକ୍ତି ଦିଆଯାଇ ନଥିଲା । ଏ ନେଇ ସ୍ଥାନୀୟ ଜନସାଧାରଣ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଆସୁ ଥିଲେ। ସ୍ଥାନୀୟ ଅଞ୍ଚଳର ରୋଗୀ, ଗର୍ଭବତୀ, ନବଜାତ ଶିଶୁ ଏବଂ ଦୁର୍ଘଟଣାରେ ଆହତ ଲୋକମାନେ ବାଧ ହୋଇ ପିପିଲି, ପୁରୀ, ମଙ୍ଗଳପୁର ଓ ଭୁବନେଶ୍ୱରକୁ ଯାଇ ଚିକିତ୍ସିତ ହେବାକୁ ପଡୁ ଥିଲା। ଏଠାରେ ସୂଚନାଯୋଗ୍ୟ ନିମାପଡ଼ା ନିର୍ବାଚନ ମଣ୍ଡଳୀର ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗତ ଜୁନ୍ ୧୩ ତାରିଖରେ ଆରୋଗ୍ୟ କେନ୍ଦ୍ର ପରିଦର୍ଶନରେ ଆସିଥିଲେ । ସେହି ସମୟରେ ବଳଙ୍ଗା ଅଞ୍ଚଳର ବୁଦ୍ଧିଜୀବୀମାନେ ଆରୋଗ୍ୟ କେନ୍ଦ୍ର ଉନ୍ନତୀକରଣ ସହ ସ୍ଥାୟୀ ଡାକ୍ତର ନିଯୁକ୍ତି ଏବଂ ଆରୋଗ୍ୟ କେନ୍ଦ୍ର ସୁରକ୍ଷା ପାଚେରି ସମ୍ପର୍କରେ ଦାବି ରଖିଥିଲେ । ଏସବୁ ସମସ୍ୟା ଯୁଦ୍ଧକାଳୀନ ଭିତରେ ସମାଧାନ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ । ପରବର୍ତ୍ତୀ ସମୟରେ ଏହି ଆରୋଗ୍ୟ କେନ୍ଦ୍ରକୁ ଦୁଇ ତିନିଜଣ ଡାକ୍ତର ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେବେ ସେମାନେ କାର୍ଯ୍ୟରେ ଯୋଗଦେଇ ନଥିଲେ।

ଧାନ ଚାଷ ସହ ମାଛ ଚାଷ ପାଇଁ ସଚେତନତା

ଭବାନୀପାଟଣା, ୬।୧୧ (ନିପ୍ର): କୃଷକମାନଙ୍କ ଆୟ ବୃଦ୍ଧି ସହିତ ଜମି ଓ ଜଳସମ୍ପଦର ସର୍ବୋତ୍ତମ ଉପଯୋଗ ଲକ୍ଷ୍ୟରେ ଧାନ ଚାଷ ସହ ମାଛ ଚାଷ ପଦ୍ଧତିର ପ୍ରଚାର ଓ ପ୍ରସାର ନିମନ୍ତେ କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ ବ୍ଲକ ଅନ୍ତର୍ଗତ ତେନ୍ତୁଳିଖୁଣ୍ଟି ଗ୍ରାମଠାରେ ଏକ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଜୁନାଗଡ଼, ଜୟପାଟଣା, କୋକସରା ଓ କଳମପୁର ବ୍ଲକର କେନାଲ ଜଳସେଚିତ ଅଞ୍ଚଳରୁ ପ୍ରାୟ ୧୦୦ ଜଣ ଚାଷୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମତ୍ସ୍ୟ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଜଗଦୀଶ ଚନ୍ଦ୍ର ପଣ୍ଡା, ସହକାରୀ ମତ୍ସ୍ୟ ନିର୍ଦ୍ଦେଶକ କୁମାରୀ ସ୍ୱୟଂପ୍ରଭା ବଳ, କେନ୍ଦ୍ରୀୟ ଧାନ ଗବେଷଣା ସଂସ୍ଥାର ପ୍ରମୁଖ ବୈଜ୍ଞାନିକ ଡ. ଆନି ପୁନମ, ଅକ୍ଷୟ କୁମାର ମହାରଣା, ବୈଷୟିକ ଅଧିକାରୀ, ପ୍ରକଳ୍ପର ମତ୍ସ୍ୟଚାଷ ବିଶେଷଜ୍ଞ ଅମର ଗାଏକୱାଡ଼ ଓ ଭେଙ୍କଟେଶ ନାରାୟଣ,ମୁଖ୍ୟ ଜିଲ୍ଲା ମତ୍ସ୍ୟ ଅଧିକାରୀ, କଳାହାଣ୍ଡି ଜ୍ଞାନରଞ୍ଜନ ସେଠୀ, ସହକାରୀ ମତ୍ସ୍ୟ ଅଧିକାରୀ ଭବାନୀ ଶଙ୍କର ପଣ୍ଡା ଏବଂ ପ୍ରଶାନ୍ତି ନାୟକ, ଜୁନାଗଡ଼, ଜୟପାଟଣା, କୋକସରା ଓ କଳମପୁର ବ୍ଲକର ସହକାରୀ ମତ୍ସ୍ୟ ଅଧିକାରୀମାନେ ଯୋଗଦେଇଥିଲେ। ଧାନ ଚାଷ ସହ ମାଛ ଚାଷର ଉପାଦେୟତା, ବୈଜ୍ଞାନିକ ପଦ୍ଧତିରେ ଏହାର ପରିଚାଳନା, ଜଳର ସୁବିନିଯୋଗ ଏବଂ ଚାଷୀଙ୍କ ଅତିରିକ୍ତ ଆୟ ବୃଦ୍ଧି ସମ୍ପର୍କରେ ଆଲୋକପାତ କରିଥିଲେ।

ଶିକ୍ଷକ ନିଯୁକ୍ତି ଦାବିରେ ଗେଟ୍‌ରେ ତାଲା ପକାଇଲେ ଅଭିଭାବକ

ସୋନପୁର ,୬।୧୧ (ନିପ୍ର) : ସ୍କୁଲରେ ଶିକ୍ଷକ ଅଭାବ ଯୋଗୁଁ ପାଠପଢ଼ା ବାଧାପ୍ରାପ୍ତ ହୋଇଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଶିକ୍ଷକ ନିଯୁକ୍ତି ହେଉ ନ ଥିବାରୁ ଶେଷରେ ସ୍କୁଲ ଫାଟକରେ ତାଲା ପକାଇ ପ୍ରତିବାଦକୁ ଓହ୍ଲାଇଛନ୍ତି ଅଭିଭାବକ ଓ ଗ୍ରାମବାସୀ।



ଏଭଳି ଅଭାବନୀୟ ଘଟଣା ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କର୍ଡାପାଲ କ୍ଲଷ୍ଟର ଅନ୍ତର୍ଗତ ତେଲିପାଲି ସରକାରୀ ୟୁପି ସ୍କୁଲରେ ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟରେ ବାଲବାଟିକାଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୯୪ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ମାତ୍ର ଆବଶ୍ୟକ ଶିକ୍ଷକ ନ ଥିବାରୁ ନିୟମିତ ପାଠପଢ଼ାରେ ନାନା ସମସ୍ୟା ଉପୁଜୁଛି। ଏନେଇ ଅଭିଭାବକ ଓ ଗ୍ରାମବାସୀ ପୂର୍ବରୁ ଶିକ୍ଷା ବିଭାଗର ବିଭିନ୍ନ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିବା ସହ ଶିକ୍ଷକ ନିଯୁକ୍ତି ପାଇଁ ଦାବି ଜଣାଇ ଆସୁଥିଲେ। ହେଲେ ଏଯାଏଁ ଦାବି ପୂରଣ ହୋଇନାହିଁ। ଏହାର ପ୍ରତିବାଦରେ ଶୁକ୍ରବାର ସ୍କୁଲ ପରିଚାଳନା କମିଟିର ସଭ୍ୟାସଭ୍ୟ, ଅଭିଭାବକ ଓ ଛାତ୍ରୀଛାତ୍ର ଏକତ୍ର ହୋଇ ବିଦ୍ୟାଳୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ତୁରନ୍ତ ଆବଶ୍ୟକ ଶିକ୍ଷକ ନିଯୁକ୍ତି କରାଯାଇ ପାଠପଢ଼ା ସ୍ୱାଭାବିକ କରିବାକୁ ସେମାନେ ଦାବି କରିଛନ୍ତି। ତେବେ ଖବର ଲେଖା ହେବା ସୁଦ୍ଧା ଘଟଣାସ୍ଥଳରେ ଶିକ୍ଷା ବିଭାଗର କୌଣସି ଅଧିକାରୀ ପହଞ୍ଚି ନ ଥିବା ଜଣାପଡ଼ିଛି। ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନକୁ ନେଇ ଚିନ୍ତିତ ଅଭିଭାବକଙ୍କ ଦାବି ପ୍ରତି ଶିକ୍ଷା ବିଭାଗ କେବେ ଗୁରୁତ୍ୱ ଦେଉଛି, ତାହା ଏବେ ଅପେକ୍ଷାର ବିଷୟ।

ଝୁମଡାଙ୍ଗଙ୍କୁ ମୌଳିକ ସୁବିଧା ପହଞ୍ଚାଇବା ଆମର ପ୍ରାଥମିକତା: ଜିଲ୍ଲାପାଳ

ମାଲକାନଗିରି,୬।୧୧(ନିପ୍ର); ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶ କ୍ରମେ ଚିତ୍ରକୋଣ୍ଡା ବ୍ଲକ ଅଧୀନସ୍ଥ ଧୂଳିପୁଟ ପଞ୍ଚାୟତର ଆନ୍ଧ୍ର ସୀମାବର୍ତ୍ତୀ ଝୁମଡାଙ୍ଗ ଗ୍ରାମରେ ଏକ ସ୍ୱତନ୍ତ୍ର ଜନଶୁଣାଣି ତଥା ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ସୀମାନ୍ତ ଅଞ୍ଚଳର ନାଗରିକଙ୍କ ନିକଟରେ ଓଡ଼ିଶା ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଓ ମୌଳିକ ସେବା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ, ପୋଲିସ, ସ୍ଥାନୀୟ ଜନପ୍ରତିନିଧି, ଆଦିବାସୀ ସମାଜ ଏବଂ ଗଣମାଧ୍ୟମର ମିଳିତ ସହଯୋଗରେ ଏହି ବୃହତ ପ୍ରଶାସନିକ ପ୍ରୟାସ କରାଯାଇଛି। ଝୁମଡାଙ୍ଗ ଓଡ଼ିଶାର ଏକ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଅଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କୁ ଆଶ୍ୱାସନା ଦିଆଯାଇଛି। ଆୟୋଜିତ ଏହି ସ୍ୱତନ୍ତ୍ର ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ସୋମନାଥ ପ୍ରଧାନ ଅଧକ୍ଷତା କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ, ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ବିଡିଓ ପ୍ରୀତା କୁମାର୍ ଏବଂ ଚିତ୍ରକୋଣ୍ଡା ତହସିଲଦାର ନଟବର ଗରଡା ପ୍ରମୁଖ ଉପସ୍ଥିତ ଥିଲେ।

ଶିବିର ପରିସରରେ ଗ୍ରାମବାସୀଙ୍କ ପାଇଁ ସାମାଜିକ ସୁରକ୍ଷା, ଆଧାର ପଞ୍ଜୀକରଣ, ଶ୍ରମ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ସ୍ୱାସ୍ଥ୍ୟ ବିଭାଗ ତରଫରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବଣ୍ଟନ ଭଳି ବିଭିନ୍ନ ସେବା କ୍ୟାମ୍ପ ଆୟୋଜନ କରାଯାଇଥିଲା। ଶିବିରରେ ୫୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଯୋଗଦେଇ ନିଜ ନିଜର ସମସ୍ୟା ଉପସ୍ଥାପନ କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ସର୍ବମୋଟ ୧୩୭ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଛି, ଯେଉଁଥିରେ ୪ଟି ସାମୂହିକ ସମସ୍ୟା ଏବଂ ଅବଶିଷ୍ଟ ଜବ କାର୍ଡ, ରାସନ କାର୍ଡ ଓ ଆବାସ ଯୋଜନା ସମ୍ବନ୍ଧୀୟ ବ୍ୟକ୍ତିଗତ ଅଭିଯୋଗ ଅନ୍ତର୍ଭୁକ୍ତ। ପ୍ରଶାସନ ପକ୍ଷରୁ ସମସ୍ତ ଉପସ୍ଥିତ ଗ୍ରାମବାସୀଙ୍କ ପାଇଁ ମଧ୍ୟାହ୍ନ ଭୋଜନର ସୁବ୍ୟବସ୍ଥା କରାଯାଇଥିଲା। ଏହି



ଅବସରରେ ଜିଲ୍ଲାପାଳ କହିଛନ୍ତି, ସୀମାନ୍ତ ଗ୍ରାମ ଝୁମଡାଙ୍ଗ ଓଡ଼ିଶାର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଗ୍ରାମବାସୀଙ୍କ ପାଖରେ ଓଡ଼ିଶା ସରକାରଙ୍କ ପ୍ରତ୍ୟେକ କଲ୍ୟାଣକାରୀ ଯୋଜନା ଓ ମୌଳିକ ସୁବିଧା ପହଞ୍ଚାଇବା ଆମର ପ୍ରାଥମିକତା।

ପ୍ରଶାସନ ସବୁସମୟରେ ଲୋକଙ୍କ ସହ ରହିଛି ଏବଂ କୌଣସି ବି ପରିସ୍ଥିତିରେ ଆମର ନିଜ ମାଟି ଓ ଲୋକଙ୍କ ବିକାଶରେ ଅବହେଳା କରାଯିବ ନାହିଁ। ଶାନ୍ତିଶୃଙ୍ଖଳା ଓ ସୁରକ୍ଷା ଦୃଷ୍ଟିରୁ ପୋଲିସ ପ୍ରଶାସନ ପକ୍ଷରୁ ଦୁଇ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବା ସହ ସୀମାନ୍ତ ଅଞ୍ଚଳରେ ବ୍ୟାରିକେଡିଂ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଆନ୍ଧ୍ରପ୍ରଦେଶରେ ନିର୍ବାଚନ ପ୍ରକ୍ରିୟା ଚାଲିଥିବା ବେଳେ ଓଡ଼ିଶାର ସୀମାନ୍ତ ଗ୍ରାମ ଝୁମଡାଙ୍ଗବାସୀ ଭୋଟ ଦେବାକୁ ନ ଯାଇ ଏକ ବଡ଼ ଓ ସକାରାତ୍ମକ ନିଷ୍ପତ୍ତି ନେଇଛନ୍ତି। ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ନିର୍ବାଚନରେ ଗ୍ରାମବାସୀ ସାମିଲ ହେବେ ବୋଲି ପୂର୍ବରୁ ଚର୍ଚ୍ଚା ଜୋର ଧରିଥିବା ବେଳେ, ମାଲକାନଗିରି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନର ତୁରନ୍ତ ହସ୍ତକ୍ଷେପ, ବୁଝାସୁଝା ଓ ସଫଳ ଆଲୋଚନା ପରେ ଗ୍ରାମବାସୀମାନେ ସମ୍ପୂର୍ଣ୍ଣ ଭାବେ ଆନ୍ଧ୍ରକୁ ଭୋଟ ଦେବା ନିଷ୍ପତ୍ତିରୁ ଓହରିଛନ୍ତି। ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପ୍ରଶାସନିକ ସ୍ତରରେ ପ୍ରତିଶ୍ରୁତି ଦିଆଯିବା ପରେ ଗ୍ରାମବାସୀମାନେ ଏହାକୁ ଆଦରର ସହ ଗ୍ରହଣ କରିବା ସହ ଆନ୍ଧ୍ର ନିର୍ବାଚନରେ ସାମିଲ ନ ହେବା ପାଇଁ ସମ୍ମତି ପ୍ରକାଶ କରିଥିଲେ। ମାଲକାନଗିରି ଜିଲ୍ଲାପାଳଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଓ ଜିଲ୍ଲା ପ୍ରଶାସନର ଏହି ନିଷ୍ଠାପର ପ୍ରୟାସ ସୀମାନ୍ତବାସୀଙ୍କ ଆସ୍ଥା ଜିତିବା ସହ ନିଜ ମାଟିକୁ ଫେରାଇ ଆଣିବାରେ ଏକ ବିରାଟ ସଫଳତା ସାବ୍ୟସ୍ତ ହୋଇଛି।

ଦେବାଳିଆ ସ୍ଥିତିରେ ବ୍ଲକ ଶିକ୍ଷା କାର୍ଯ୍ୟାଳୟ, ବାଟବଣା ଶିକ୍ଷାଦାନ !

କୃଷ୍ଣପ୍ରସାଦ,୬।୧୧ (ନିପ୍ର): ସରକାରୀ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଗୁଣାତ୍ମକ ଶିକ୍ଷାଦାନ ଉପରେ ସରକାର ଗୁରୁତ୍ୱ ଦେଉଥିବା ବେଳେ କୃଷ୍ଣପ୍ରସାଦ ବ୍ଲକ ଶିକ୍ଷା କାର୍ଯ୍ୟାଳୟର ଅବ୍ୟବସ୍ଥା ଏବେ ଶିକ୍ଷା ବ୍ୟବସ୍ଥାକୁ ପ୍ରଶ୍ନବାଚୀ ମଧ୍ୟକୁ ଟାଣି ଆଣିଛି। ବର୍ଷ ବର୍ଷ ଧରି ବ୍ଲକ ଶିକ୍ଷାଧିକାରୀ (ବିଇଓ) ପଦବୀ ଖାଲି ପଡ଼ିଥିବାରୁ କାର୍ଯ୍ୟାଳୟର ପ୍ରଶାସନିକ ଓ ଶିକ୍ଷାଗତ କାର୍ଯ୍ୟରେ ସମନ୍ୱୟ ଅଭାବ ଦେଖାଦେଇଥିବା ଅଭିଯୋଗ ହେଉଛି। ସୂଚନା ଅନୁଯାୟୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଏହି ବ୍ଲକର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲେ ମଧ ତାହା କେବଳ କର୍ମଚାରୀଙ୍କ ଦରମା ସମ୍ବନ୍ଧୀୟ କାର୍ଯ୍ୟରେ ସୀମିତ ରହିଥିବା ନେଇ ଅଭିଯୋଗ ଉଠୁଛି। ଫଳରେ ବ୍ଲକର ଶିକ୍ଷାଗତ ସମସ୍ୟା, ବିଦ୍ୟାଳୟ ପରିଚାଳନା ଓ ଶିକ୍ଷକମାନଙ୍କ ବିଭିନ୍ନ ଆବଶ୍ୟକତାର ସମାଧାନ କିଏ କରିବ, ତାହା ଏବେ ବଡ଼ ପ୍ରଶ୍ନ। ଅନ୍ୟପକ୍ଷରେ, କ୍ଲଷ୍ଟର ରିସୋର୍ସ ସେଣ୍ଟର କୋଅର୍ଡିନେଟର (ସିଆରସିସି)ମାନଙ୍କ କାର୍ଯ୍ୟକାଳ ଶେଷ ହୋଇଥିବା ବେଳେ ନୂତନ ସିଆରସିସି ଚୟନ ପାଇଁ ପରୀକ୍ଷା ମଧ ଶେଷ ହୋଇଛି। ଜଣେ ସି ଆର ସି ସି ଙ୍କ କାର୍ଯ୍ୟକାଳ ୫ ବର୍ଷ ଥିବା ବେଳେ ୮ ବର୍ଷ ଧରି କାର୍ଯ୍ୟ କରୁଛନ୍ତି। କିନ୍ତୁ ଏଯାବତ୍ ନୂତନ ନିଯୁକ୍ତି ହୋଇନଥିବାରୁ ଶିକ୍ଷାଗତ ତଦାରଖ, ଶିକ୍ଷକଙ୍କୁ ମାର୍ଗଦର୍ଶନ ଓ ବିଦ୍ୟାଳୟ ସ୍ତରରେ ସମନ୍ୱୟ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି। ପରୀକ୍ଷା ଶେଷ ପରେ ମଧ ନିଯୁକ୍ତିରେ ବିଳମ୍ବ କାହିଁକି, ତାହାକୁ ନେଇ ଶିକ୍ଷକ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଆବଶ୍ୟକ ଅନୁସାରେ ଶିକ୍ଷକ ନଥିବାରୁ ପିଲାଙ୍କ ପାଠପଢ଼ା ଗୁରୁତର ଭାବେ ପ୍ରଭାବିତ ହେଉଛି। କେଉଁଠି ଶିକ୍ଷକ ଅଭାବ ତ କେଉଁଠି ଶିକ୍ଷକଙ୍କ ଅନ୍ୟତ୍ର ନିୟୋଜନ ଯୋଗୁଁ ଶ୍ରେଣୀଗୃହରେ ନିୟମିତ ଶିକ୍ଷାଦାନ ବ୍ୟାହତ ହେଉଛି।

ସରକାରୀ ନିୟମ ଓ ବଦଳି ବ୍ୟବସ୍ଥାକୁ ନେଇ ମଧ୍ୟ ଅନେକ ପ୍ରଶ୍ନ ଉଠୁଛି। ଶିକ୍ଷକ, କର୍ମଚାରୀ ଏପରିକି ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟରତ କେତେକଙ୍କ କାର୍ଯ୍ୟସ୍ଥଳୀ ଓ ନିୟୋଜନ ସମ୍ପର୍କରେ ସ୍ୱଚ୍ଛତା ରହୁନଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସୁଛି। ସବୁଠାରୁ ଗୁରୁତର ଅଭିଯୋଗ ହେଉଛି, ଶିକ୍ଷକମାନଙ୍କ ବିଭିନ୍ନ ସରକାରୀ କାର୍ଯ୍ୟ ପାଇଁ ଅର୍ଥ ଦେବାକୁ ପଡୁଥିବା ଏବଂ ଟଙ୍କା ନଦେଲେ କାମ ହେଉନଥିବା ନେଇ କେତେକ ଶିକ୍ଷକ ଅସନ୍ତୋଷ ପ୍ରକାଶ କରୁଥିବା କୁହାଯାଉଛି। ପ୍ରବୀଣା ଦାସ ନାମକ ଜଣେ ଶିକ୍ଷୟିତ୍ରୀଙ୍କ ଚିକିତ୍ସା ଟଙ୍କା ମଞ୍ଜୁର କରିବା ପାଇଁ ଟଙ୍କା ନେଇଥିଲେ ମଧ ଏଯାବତ ସହାୟତା ମିଳିନାହିଁ।୬ ମାସ ହେବ କାର୍ଯ୍ୟରୁ ଅବସର ନେଇ ବିମଳ ରଣସିଂହ ଏଯାଏଁ ସରକାରୀ ଅର୍ଥ ପାଉ ନ ଥିବା ଅଭିଯୋଗ କରିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି, ବିଇଓ ପଦବୀ ଦୀର୍ଘଦିନ ଧରି ଖାଲି କାହିଁକି ? ସିଆରସିସି ଚୟନ ପରୀକ୍ଷା ପରେ ମଧ ନିଯୁକ୍ତି କରାଯାଉନାହିଁ କାହିଁକି ? ବିଦ୍ୟାଳୟରେ ଶିକ୍ଷକ ଅଭାବ ଦୂର କରିବାକୁ କେବେ ପଦକ୍ଷେପ ନିଆଯିବ ? ସିଆରସିସି ନିଯୁକ୍ତି ନେଇ କୃଷ୍ଣପ୍ରସାଦ ବିଆରସିସିଙ୍କୁ ପଚାରିବାରେ ନିଯୁକ୍ତି ଜିଲ୍ଲା ଶିକ୍ଷାଧିକାରୀଙ୍କ କାମ କହି ଏଡାଇ ଦେଇଥିଲେ। ଫୋନ ଯୋଗେ ଜିଲ୍ଲା ଅଧିକାରୀଙ୍କୁ ଯୋଗାଯୋଗ କରିବାରେ କଲ ଗ୍ରହଣ କରି ଥିଲେ। ଯାହାଦ୍ୱାରା କିଛି ପ୍ରତିକ୍ରିୟା ମିଳିପାରିନାହିଁ। ଶିକ୍ଷକଙ୍କ କାର୍ଯ୍ୟ ସମ୍ପାଦନ ପାଇଁ ଅର୍ଥ ଦାବି ଅଭିଯୋଗର ତଦନ୍ତ କେବେ ହେବ ? ଶିକ୍ଷା ହେଉଛି ଭବିଷ୍ୟତ ପିଢ଼ି ଗଠନର ମୂଳଦୁଆ। ଏହି ମୂଳଦୁଆ ଯଦି ପ୍ରଶାସନିକ ଅବହେଳା, ଅବ୍ୟବସ୍ଥା ଓ ଅନିୟମିତତା ମଧ୍ୟରେ ରହିବ, ତେବେ ଏହାର ସିଧାସଳଖ ପ୍ରଭାବ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉପରେ ପଡ଼ିବ। ତେଣୁ ଜିଲ୍ଲା ଶିକ୍ଷା ବିଭାଗ ଓ ଉଚ୍ଚ କର୍ତ୍ତୃପକ୍ଷ ଏହି ସମସ୍ତ ଅଭିଯୋଗର ନିରପେକ୍ଷ ତଦନ୍ତ କରିବା ସହ ଖାଲି ପଦବୀ ପୂରଣ, ସିଆରସିସି ନିଯୁକ୍ତି ଓ ବିଦ୍ୟାଳୟରେ ଶିକ୍ଷକ ଅଭାବ ଦୂର କରିବାକୁ ତୁରନ୍ତ ପଦକ୍ଷେପ ନେବା ଜରୁରୀ। ନଚେତ୍ 'ଗୁଣାତ୍ମକ ଶିକ୍ଷା' କେବଳ ସରକାରୀ ସ୍ଲୋଗାନରେ ସୀମିତ ରହିଯିବାର ଆଶଙ୍କା ରହିଛି।

CMYK

7.11.2026 P-5.pmd 1 11/6/2026, 4:59 PM

ଦିଲ୍ଲୀରେ ଭୟଙ୍କର ପ୍ରଦୂଷଣ: କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୬/୧୧: ଦିଲ୍ଲୀରେ ବାୟୁ ପ୍ରଦୂଷଣ ସାଂଘାତିକ ସ୍ତରରେ ପହଞ୍ଚିଥିବା ବେଳେ ସ୍କୁଲ ବନ୍ଦ କରିବା କିମ୍ବା ପିଲାଙ୍କ ପାଠପଢ଼ାକୁ ସମ୍ପୂର୍ଣ୍ଣ ଅନ୍‌ଲାଇନ୍ କରିବା ସପକ୍ଷରେ ନାହାନ୍ତି ସୁପ୍ରିମକୋର୍ଟ। ପିଲାମାନଙ୍କୁ ଶ୍ରେଣୀଗୃହରୁ ଦୂରେଇ ରଖିବା ପୂର୍ବରୁ ଏହାର ଶିକ୍ଷାଗତ ପ୍ରଭାବ ଓ ଅନ୍ୟାନ୍ୟ ସମସ୍ୟାକୁ ବିଚାର କରିବା ଆବଶ୍ୟକ ବୋଲି ଅଦାଲତ ମତ ଦେଇଛନ୍ତି। ଦିଲ୍ଲୀର ପ୍ରଦୂଷଣ ବିଷୟରେ ସରକାର କଣ କରୁଛନ୍ତି ବୋଲି ସୁପ୍ରିମକୋର୍ଟକୁ କେନ୍ଦ୍ରଠାରୁ ଜବାବ ଲୋଡ଼ିଛନ୍ତି। ଶୁକ୍ରବାର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ଶ୍ରେଣୀଗୃହରେ ଶିକ୍ଷକ ଓ ସହପାଠୀଙ୍କ ସହ ସିଧାସଳଖ ଯୋଗାଯୋଗ ମାଧ୍ୟମରେ ମିଳୁଥିବା ଶିକ୍ଷାର ଗୁଣବତ୍ତା ଅଧିକ ଭଲ। ସମସ୍ତ ପିଲାଙ୍କ ପାଖରେ ମୋବାଇଲ୍, କମ୍ପ୍ୟୁଟର ଓ ଭଲ ଇଣ୍ଟରନେଟ୍ ସୁବିଧା ନଥିବାରୁ ଅନ୍‌ଲାଇନ୍ ପାଠପଢ଼ା ସେମାନଙ୍କ ମଧ୍ୟରେ ଅସମାନତା ବଢ଼ାଇପାରେ। କେବଳ ଛୋଟ ପିଲାମାନେ ବାୟୁ ପ୍ରଦୂଷଣରେ ଅଧିକ ପ୍ରଭାବିତ ହୁଅନ୍ତି ବୋଲି ଧରିନେବା ପୂର୍ବରୁ ଏ ସମ୍ପର୍କରେ ବିଶ୍ୱସନୀୟ ଡାକ୍ତରୀ ଗବେଷଣା ଓ ଶିଶୁରୋଗ ବିଶେଷଜ୍ଞଙ୍କ ମତ ଆବଶ୍ୟକ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ବିଶେଷଜ୍ଞଙ୍କ ମତ ଓ ବୈଜ୍ଞାନିକ ଗବେଷଣାକୁ ଆଧାର କରି ନିଷ୍ପତ୍ତି ନିଆଯିବ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ଦିଲ୍ଲୀର ବାୟୁମାନ ସୂଚକାଙ୍କ ୩୯୧ ରହିଥିଲା, ଯାହା ଅତି ଖରାପ ବା ଗୁରୁତର ସ୍ତରରେ ପହଞ୍ଚିଥିବା ସୂଚାଉଛି। ଘଣ୍ଟାକୁ ଘଣ୍ଟାର ତଥ୍ୟ ଅନୁଯାୟୀ ଅବସ୍ଥା ଆହୁରି ଚିନ୍ତାଜନକ ଥିଲା। ବିଶେଷଜ୍ଞଙ୍କ ପରାମର୍ଶ ଅନୁସାରେ ପଦକ୍ଷେପ ନେବା ଉପରେ କୋର୍ଟ ଗୁରୁତ୍ୱ ଦେଇଛନ୍ତି। ସ୍କୁଲ ବନ୍ଦ କରିବା ନୁହେଁ, ବରଂ ପିଲାଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ସହ ଶିକ୍ଷାର ଗୁଣବତ୍ତା ରକ୍ଷା କରିବା ଏବେ ମୁଖ୍ୟ ପ୍ରସଙ୍ଗ ହୋଇଛି। ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ବାୟୁ ପ୍ରଦୂଷଣ ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଥିବା ବେଳେ ସୁପ୍ରିମ୍‌କୋର୍ଟ ଏଥିପାଇଁ ଯାନବାହନରୁ ନିର୍ଗତ ଧୂଆଁକୁ ଅନ୍ୟତମ ପ୍ରମୁଖ କାରଣ ବୋଲି କହିଛନ୍ତି। ଶୁକ୍ରବାର ଦିଲ୍ଲୀ-ଏନ୍‌ସିଆରର ବାୟୁ ପ୍ରଦୂଷଣ ସମ୍ପର୍କିତ ଏକ ସ୍ୱତଃପ୍ରବୃତ୍ତ ମାମଲାର ଶୁଣାଣି କରି ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ଭି. ମୋହନାଙ୍କ ଖଣ୍ଡପୀଠ ଏହି ମତ ଦେଇଛନ୍ତି।

ରାମନଗରୀରେ ଜଳିବ ୩୦ ଲକ୍ଷ ଦୀପ, ରାମାୟଣର ସାତ କାଣ୍ଡ ଉପସ୍ଥାପନ କରିବେ ୧୦୦୦ କଳାକାର

ଅଯୋଧ୍ୟା, ୬/୧୧: ଆସ୍ଥା, ଆବେଗ ଏବଂ ଭକ୍ତିର ଉତ୍ସବ 'ଦୀପାବଳି' ଏଥର ଅଯୋଧ୍ୟାରେ ନୂଆ ରେକର୍ଡର ମୁକସାକ୍ଷୀ ହେବାକୁ ଯାଉଛି। ଦୀପୋତ୍ସବର ଦଶମ ସଂସ୍କରଣକୁ ସ୍ମରଣୀୟ ଏବଂ ଐତିହାସିକ କରିବା ପାଇଁ ରାମନଗରୀରେ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଏଥର ସରଯୁ ନଦୀର ୫୬ଟି ଘାଟରେ ୩୦ ଲକ୍ଷରୁ ଅଧିକ ଦୀପ ଜଳିବ। ୨,୧୫୧ ଜଣ ବେଦାଚାର୍ଯ୍ୟ ଏବଂ ଅର୍ଚ୍ଚକ ଏକକାଳୀନ ସରଯୁ କୂଳରେ ମହାଆରତୀ କରିବେ। ଦୀପୋତ୍ସବର ମୁଖ୍ୟ ଅତିଥି ହେବେ ଉପରାଷ୍ଟ୍ରପତି ସିପି ରାଧାକୃଷ୍ଣନ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଉପସ୍ଥିତ ରହିବେ। ଦୀପୋତ୍ସବରେ ପରଂପରା ସହିତ ଆଧୁନିକ ପ୍ରଯୁକ୍ତିବିଦ୍ୟାର ଝଲକ ଦେଖିବାକୁ ମିଳିବ। ଆକାଶରେ ୨,୧୦୦ ସ୍ୱଦେଶୀ ଡ୍ରୋନ୍ ରାମାୟଣର ପ୍ରମୁଖ ଘଟଣାକ୍ରମକୁ ଜୀବନ୍ତ କରିବେ। ଏଥିରେ ବୀର ମୁଦ୍ରାରେ ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ଏବଂ ହନୁମାନ, ରାବଣ ବଧ, ପୁଷ୍ପକ ବିମାନ ଏବଂ ରାମ ଦରବାର ଭଳି ଆକୃତି ଦେଖାଯିବ। ଏହା ବ୍ୟତୀତ ମହର୍ଷି ବାଲ୍ମିକୀ, ଗୋସ୍ୱାମୀ ତୁଳସୀଦାସ ଏବଂ ହନୁମାନଙ୍କର ବିଭିନ୍ନ ସ୍ୱରୂପ ଆକଶରେ ଦୃଶ୍ୟମାନ ହେବ। ରାମାୟଣ ପ୍ରସଙ୍ଗ ଉପରେ ଆଧାରିତ ମେଢ଼ଗୁଡ଼ିକ ମୁସଲିମ କଳାକାର ମଧ୍ୟ ନିର୍ମାଣ କରୁଛନ୍ତି। ଉତ୍ତରପ୍ରଦେଶ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ୩୫ ହଜାର ସ୍ୱୟଂସେବକ ସରଯୁର ୫୬ଟି ଘାଟରେ ଦୀପ ଜଳାଇବେ। ମଲ୍ଟିମିଡିଆ ପ୍ରୋଜେକ୍ଟ, ଲେଜର ସୋ', ୧୦୦ରୁ ଅଧିକ କଳାକାରଙ୍କ ଲାଇଭ୍ ପ୍ରସ୍ତୁତି ଏବଂ ଗୀତ ସହିତ ସବୁଜ ବାଣ ଆକର୍ଷଣର କେନ୍ଦ୍ର ହେବ।

ଡଙ୍ଗା ବୁଡ଼ି ୭ ମତ୍ସ୍ୟଜୀବୀ ମୃତ

ଅମରାବତୀ, ୬/୧୧: ବାତ୍ୟା 'ମୁରାସୁ' ପ୍ରଭାବରେ ଆନ୍ଧ୍ରପ୍ରଦେଶ ଉପକୂଳ ସମୁଦ୍ରରେ ଡଙ୍ଗା ବୁଡ଼ିଯିବାରୁ ୭ ଜଣ ତାମିଲନାଡୁ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ହୋଇଛି। ଡଙ୍ଗାରେ ମୋଟ ୯ ଜଣ ଥିବା ବେଳେ ଅନ୍ୟ ୨ ଜଣ ଏବେ ବି ନିଖୋଜ ଅଛନ୍ତି। ଶୁକ୍ରବାର ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଏହି ସୂଚନା ଦେବା ସହ ନିଖୋଜ ମତ୍ସ୍ୟଜୀବୀଙ୍କ ସନ୍ଧାନ ପାଇଁ ଉଦ୍ଧାର ଅଭିଯାନକୁ ଜୋରଦାର କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶମ୍ ଜିଲ୍ଲାର କୋଥାପଟ୍ଟନମ୍ ସମୁଦ୍ରତଟରେ ଡଙ୍ଗାଟି ଭାସି ଆସି କୂଳରେ ଲାଗିଥିଲା। ଗତ ତିନି ଦିନ ଧରି ଉଦ୍ଧାର ଓ ତଲାସି ଅଭିଯାନ ଚାଲିଥିବା ବେଳେ ଗୁରୁବାର ୫ଟି ମୃତଦେହ ଉଦ୍ଧାର ହୋଇଥିଲା।

କର୍ମଭୂମି ଏକ୍ସପ୍ରେସରେ ଲାଗିଲା ନିଆଁ

ନୂଆଦିଲ୍ଲୀ,୬।୧୧ : ଦୀପାବଳି ପୂର୍ବରୁ ପଞ୍ଜାବର ରାଜପୁରାରେ ଏକ ବଡ଼ ଦୁର୍ଘଟଣା ଘଟିଛି। ରିପୋର୍ଟ ଅନୁଯାୟୀ, ଅମୃତସରରୁ ନ୍ୟୁ ଜଲପାଇଗୁଡ଼ି ଯାଉଥିବା କର୍ମଭୂମି ଏକ୍ସପ୍ରେସ୍ ଟ୍ରେନ୍ (୧୨୫୦୮)ର ଚାରୋଟି ବଗିରେ ନିଆଁ ଲାଗିଯାଇଥିଲା। ନିଆଁ ଲାଗି ଖୁବ୍ ଜୋରରେ ଧୂଆଁ ବାହାରୁଥିବା ଭିଡିଓ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ୍ ମଧ୍ୟ ହେଉଛି। ରିପୋର୍ଟ ଅନୁଯାୟୀ, ଅମୃତସରରୁ ନ୍ୟୁ ଜଲପାଇଗୁଡ଼ି ଯାଉଥିବା କର୍ମଭୂମି ଏକ୍ସପ୍ରେସର ଚାରୋଟି ବଗି ପଞ୍ଜାବର ରାଜପୁରାର ସରାଇ ବଞ୍ଜାରା ଷ୍ଟେସନ ନିକଟରେ ନିଆଁ ଲାଗିଯାଇଥିଲା। ଉତ୍ତର ରେଳବାଇର ମୁଖ୍ୟ ଜନସମ୍ପର୍କ ଅଧିକାରୀ (ସିପିଆରଓ) ହିମାଂଶୁ ଶେଖର ଉପାଧ୍ୟାୟ କହିଛନ୍ତି, ଅମ୍ବାଲା ଡିଭିଜନର ସରାଇ ବଞ୍ଜାରା ଷ୍ଟେସନ ନିକଟରେ ଅମୃତସରରୁ ନ୍ୟୁ ଜଲପାଇଗୁଡ଼ି ଯାଉଥିବା ୧୨୫୦୮ କର୍ମଭୂମି ଏକ୍ସପ୍ରେସର ଚାରୋଟି ବଗିରେ ନିଆଁ ଲାଗିଯାଇଥିଲା।

ପରୀକ୍ଷା ବାତିଲ୍ ନିଷ୍ପତ୍ତି ରଦ୍ଦ କଲେ ଝାଡ଼ଖଣ୍ଡ ହାଇକୋର୍ଟ

ରାଞ୍ଚି, ୬/୧୧: ଝାଡ଼ଖଣ୍ଡର ହେମନ୍ତ ସୋରେନ୍ ସରକାର ୨୦୨୪ର ଝାଡ଼ଖଣ୍ଡ କର୍ମଚାରୀ ଚୟନ ଆୟୋଗ (ଜେଏସ୍‌ଏସ୍‌ସି)ର ମିଳିତ ସ୍ନାତକସ୍ତରୀୟ (ସିଜିଏଲ୍) ପରୀକ୍ଷା ବାତିଲ୍ କରିବା ପାଇଁ ନେଇଥିବା ନିଷ୍ପତ୍ତିକୁ ଶୁକ୍ରବାର ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ଏହି ନିଷ୍ପତ୍ତିକୁ ଅଦାଲତ 'ଅନ୍ୟାୟ ଓ ଅଯୌକ୍ତିକ' ବୋଲି ଦର୍ଶାଇଛନ୍ତି। ଏହାଦ୍ୱାରା ପରୀକ୍ଷାରେ ସଫଳ ହୋଇଥିବା ପ୍ରାର୍ଥୀମାନଙ୍କୁ ଆଶ୍ୱସ୍ତି ମିଳିଛି। ବିଚାରପତି ଦୀପକ ରୋଶନ ବିଭିନ୍ନ ପ୍ରାର୍ଥୀଙ୍କ ପକ୍ଷରୁ ଦାଏର ଆବେଦନର ଶୁଣାଣି କରି ରାଜ୍ୟ ସରକାରଙ୍କ ବାତିଲ ଅଧିସୂଚନାକୁ ଖାରଜ କରିଛନ୍ତି। ଏହି ନିଯୁକ୍ତି ପ୍ରକ୍ରିୟାରେ ଚୟନ ହୋଇଥିବା ପ୍ରାର୍ଥୀଙ୍କ ନିଯୁକ୍ତି ପୁନର୍ବାହାଲ ହେବ ଏବଂ ସେମାନଙ୍କ ସେବାକୁ ନିରବଚ୍ଛିନ୍ନ ଭାବେ ଗଣନା କରାଯିବ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି।

ରାହୁଲ ଗାନ୍ଧୀଙ୍କୁ ଅମିତ ଶାହଙ୍କ ନିଶାଣ



ଡେରାଡୁନ୍, ୬/୧୧: ଉତ୍ତରାଖଣ୍ଡର ଡେରାଡୁନସ୍ଥିତ ପରେଡ୍ ପଡ଼ିଆରେ ଭାର ଅନୁପ୍ରବେଶକାରୀଙ୍କ ପ୍ରସଙ୍ଗକୁ ନେଇ ପୁଣି ଥରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଘେରିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ତାୟ ଜନତା ପାର୍ଟିର କର୍ମୀମାନଙ୍କୁ ସମ୍ବୋଧିତ କରି ସେ ରାହୁଲ ଗାନ୍ଧୀଙ୍କ ଉପରେ ତୀବ୍ର ରାଜନୈତିକ ଆକ୍ରମଣ କରିଛନ୍ତି। ଅନୁପ୍ରବେଶକାରୀଙ୍କୁ ସୁରକ୍ଷା ଦେବା ପାଇଁ ରାହୁଲ ଗାନ୍ଧୀ ଅଭିଯାନ ଚଳାଉଥିବା ଓ ଲୋକଙ୍କ ମଧ୍ୟରେ ଭୁଲ୍ ଧାରଣା ସୃଷ୍ଟି କରୁଥିବା ଶାହ ଅଭିଯୋଗ କରିଛନ୍ତି। ଶାହ କହିଛନ୍ତି, ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା, ତାଲିକାରୁ ସେମାନଙ୍କ ନାମ ବାଦ୍ ଦେବା ଓ ଦେଶରୁ ବାହାର କରିବା ହେଉଛି ବିଜେପିର ଲକ୍ଷ୍ୟ। ଦେଶର ସୀମା ସୁରକ୍ଷା ସହିତ ଭାରତର ସଂସ୍କୃତି ଓ ପରିଚୟକୁ ସୁରକ୍ଷିତ ରଖିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି।

ଜୀବନ ହାରିଦେଲେ ଆଦିବାସୀ ନେତ୍ରୀ

ରାଞ୍ଚି, ୬/୧୧: ଆଦିବାସୀ ନେତ୍ରୀ ନିଶା ଭଗତ ଶେଷରେ ଜୀବନ ହାରିଦେଇଛନ୍ତି। ସାମାଜିକ ଗଣମାଧ୍ୟମ 'ଫେସ୍‌ବୁକ୍'ରେ ଲାଇଭ୍ କରି ସେ ଏଭଳି ଚରମ ପଦକ୍ଷେପ ନେଇଛନ୍ତି। ଏଥି ସହିତ ସେ ଅନେକ ଲୋକଙ୍କ ବିରୋଧରେ ଅଭିଯୋଗ ମଧ୍ୟ ଆଣିଛନ୍ତି। ଥାନା ପ୍ରଭାରୀଙ୍କୁ ଫୋନ୍ କରି କହିଛନ୍ତି, ସେ ନିଜର ଜୀବନ ଲୀଳା ଶେଷ କରୁଛନ୍ତି। ନିଶାଙ୍କର ଫୋନ୍ କଲ ପାଇଁ ଝାଡ଼ଖଣ୍ଡ ପୁଲିସ ଏବଂ ସ୍ଥାନୀୟ ଲୋକଙ୍କର ମଧ୍ୟରେ ଚର୍ଚ୍ଚା ଜୋର ଧରିଛି।

କେପିସିସିର ସମସ୍ତ କର୍ମକର୍ତ୍ତାଙ୍କୁ... ସୁପ୍ରିମକୋର୍ଟଙ୍କ ଅଦାଲତ ଅବମାନନା ନୋଟିସ୍

ନୂଆଦିଲ୍ଲୀ, ୬/୧୧: ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତଙ୍କୁ ଲକ୍ଷ୍ୟ କରି ଗତମାସ ସାମାଜିକ ଗଣମାଧ୍ୟମରେ କରାଯାଇଥିବା ବିବାଦୀୟ ପୋଷ୍ଟ ଘଟଣାରେ ସର୍ବୋଚ୍ଚ ଅଦାଲତ କେରଳ ପ୍ରଦେଶ କଂଗ୍ରେସ କମିଟି (କେପିସିସି)ର ସମସ୍ତ ପଦାଧିକାରୀଙ୍କୁ ଅଦାଲତ ଅବମାନନା ନୋଟିସ୍ ଜାରି କରିଛନ୍ତି। ଶୁକ୍ରବାର ବିଚାରପତି ଅରବିନ୍ଦ କୁମାର ଓ ବିପୁଲ ଏମ୍ ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ଖଣ୍ଡପୀଠ କହିଥିଲେ ଯେ, ସମ୍ବିଧାନ ସର୍ବୋଚ୍ଚ। କୌଣସି ବ୍ୟକ୍ତି କିମ୍ବା ରାଜନୈତିକ ସଂଗଠନ ସମ୍ବିଧାନଠାରୁ ଉପରେ ନୁହନ୍ତି। ଅଦାଲତଙ୍କ ରାୟକୁ ସମାଲୋଚନା କରିବାର ଅଧିକାର ସମସ୍ତଙ୍କର ରହିଛି। କିନ୍ତୁ ଅଭିବ୍ୟକ୍ତିର ସ୍ୱାଧୀନତାକୁ ନ୍ୟାୟ ପ୍ରକ୍ରିୟାରେ ଭୟ ସୃଷ୍ଟି କରିବା କିମ୍ବା ହସ୍ତକ୍ଷେପ କରିବାର ମାଧ୍ୟମ ଭାବେ ବ୍ୟବହାର କରାଯାଇପାରିବ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଥିଲେ। ଏପରିକି ଯେତେ ଉଚ୍ଚ ପଦବିରେ ଥିବା ବ୍ୟକ୍ତି ହୁଅନ୍ତୁ ନା କାହିଁକି, ଅଦାଲତଙ୍କ କ୍ଷମତା ଓ ମର୍ଯ୍ୟାଦାକୁ ଦୁର୍ବଳ କରିବାର ଉଦ୍ୟମକୁ କଠୋର ଭାବେ ଦମନ କରାଯିବା ଆବଶ୍ୟକ। ଏହି ମାମଲାରେ ଅଦାଲତ ଜଣେ ବରିଷ୍ଠ ଆଇନଜୀବୀଙ୍କୁ ଆମିକସ୍ କ୍ୟୁରି ଭାବେ ନିଯୁକ୍ତ କରିଛନ୍ତି। ଏଥିସହ ଆଟର୍ଣ୍ଣି ଜେନେରାଲ ଆର ଭେଙ୍କଟରମଣିଙ୍କ ସହଯୋଗ ମଧ୍ୟ ଲୋଡ଼ିଛନ୍ତି।

ଅଗ୍ନିବୀରମାନଙ୍କ ପାଇଁ ୨ ବର୍ଷର ଅତିରିକ୍ତ ସେବା ଏବଂ ବର୍ଦ୍ଧିତ ବେତନ ଘୋଷଣା




ନୂଆଦିଲ୍ଲୀ, ୬/୧୧: କେନ୍ଦ୍ର ସରକାର ଅଗ୍ନିପଥ ଯୋଜନାରେ ଏକ ବଡ଼ ସଂଶୋଧନ କରି ଦେଶର ଯୁବକମାନଙ୍କୁ ଏବଂ ହଜାର ହଜାର ଅଗ୍ନିବୀରଙ୍କୁ ଏକ ବଡ଼ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ପ୍ରତିରକ୍ଷା କର୍ମଚାରୀ ପ୍ରମୁଖ ଜେନେରାଲ୍ ଏନ୍. ଏସ୍. ରାଜା ସୁବ୍ରମଣିଙ୍କ ଘୋଷଣାନୁଯାୟୀ, କେନ୍ଦ୍ର କ୍ୟାବିନେଟ୍ ପ୍ରଥମ ୪ ବର୍ଷର ପ୍ରାଥମିକ ସେବା ପୂର୍ଣ୍ଣ କରୁଥିବା ଅଗ୍ନିବୀରମାନଙ୍କୁ ଆଉ ୨ ବର୍ଷର ଅତିରିକ୍ତ ସେବା ଦେବାକୁ ନିଷ୍ପତ୍ତି ନେଇଛି। ମୂଳ ଯୋଜନା ଅନୁଯାୟୀ, ୪ ବର୍ଷ ପରେ ମେଧା ଓ ଯୋଗ୍ୟତା ଭିତ୍ତିରେ ମାତ୍ର ୨୫ ପ୍ରତିଶତ ଅଗ୍ନିବୀର ସ୍ଥାୟୀ ସୈନିକ ଭାବେ ନିଯୁକ୍ତି ପାଉଥିବା ବେଳେ ବାକି ୭୫ ପ୍ରତିଶତ କର୍ମଚାରୀ ବିଦା ହେଉଥିଲେ। କିନ୍ତୁ ବର୍ତ୍ତମାନର ସଂଶୋଧିତ ବ୍ୟବସ୍ଥା ଅନୁଯାୟୀ, ପ୍ରଥମେ ଯଥାରୀତି ୨୫% ଅଗ୍ନିବୀର ସ୍ଥାୟୀ ହେବେ ଏବଂ ବାକି ରହିଥିବା ୭୫% ଅଗ୍ନିବୀରଙ୍କୁ ଆଉ ୨ ବର୍ଷର ଅତିରିକ୍ତ କାର୍ଯ୍ୟକାଳ ମିଳିବ। ଏହି ୨ ବର୍ଷର ସେବା ପୂର୍ଣ୍ଣ ହେଲା ପରେ ସେମାନେ ମଧ୍ୟ ନିୟମିତ କ୍ୟାଡରରେ ସାମିଲ ହେବା ପାଇଁ ଅତିରିକ୍ତ ସୁଯୋଗ ପାଇବେ। ଅଗ୍ନିବୀରମାନଙ୍କର ଅତିରିକ୍ତ ସେବାକାଳ ବୃଦ୍ଧି ସାଙ୍ଗେ ସେମାନଙ୍କର ମାସିକ ପ୍ୟାକେଜ୍ ମଧ୍ୟ ବୃଦ୍ଧି ପାଇବ । ପ୍ରଥମ ବର୍ଷ ମାସିକ ପ୍ୟାକେଜ୍ ୩୦,୦୦୦ ଟଙ୍କା ଥିବା ବେଳେ କ୍ରମଶଃ ଏହା ବୃଦ୍ଧି ପାଇଥାଏ। ଚତୁର୍ଥ ବର୍ଷ ଏହା ୪୦,୦୦୦ ଟଙ୍କାକୁ ପହଞ୍ଚିଥାଏ। ପଞ୍ଚମ ବର୍ଷ ମାସିକ ପ୍ୟାକେଜ ବୃଦ୍ଧି ପାଇ ୪୩,୫୦୦ ଟଙ୍କା ହୋଇଯିବ। ଷଷ୍ଠ ବର୍ଷ ଏହି ପ୍ୟାକେଜ୍ ଆହୁରି ବଢ଼ି ୪୭,୫୦୦ ଟଙ୍କା ପର୍ଯ୍ୟନ୍ତ ହେବ। ଏହି ଅତିରିକ୍ତ ୨ ବର୍ଷର ସେବା ଅବଧି ପାଇଁ 'ସେବା ନିଧି' କର୍ପସର ଫର୍ମୁଲାକୁ ମଧ୍ୟ ପରିବର୍ତ୍ତନ କରାଯାଇଛି।

ସରକାରୀ କାର୍ଯ୍ୟାଳୟରୁ ହଟିଲା ୧.୬୩ ଲକ୍ଷ କେଜି ଅଦରକାରୀ ସାମଗ୍ରୀ

ନୂଆଦିଲ୍ଲୀ, ୬/୧୧: କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର ସ୍ୱଚ୍ଛତା ଅଭିଯାନ ୬.୦ରେ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ସଫେଇ, ପୁରୁଣା ରେକର୍ଡ ପରିଚାଳନା ଓ ପଡ଼ି ରହିଥିବା କାମ ଶେଷ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଅଭିଯାନରେ ମୋଟ ୧,୬୩,୨୧୩ କେଜି ଅଦରକାରୀ ସାମଗ୍ରୀହଟାଯାଇଥିଲା। ଫଳରେ କାର୍ଯ୍ୟାଳୟଗୁଡ଼ିକରେ ୪୦,୨୭୮ ବର୍ଗଫୁଟ ସ୍ଥାନ ଖାଲି ହୋଇପାରିଛି। ଏହାସହ ୩୫ଟି ପୁରୁଣା ଗାଡ଼ିକୁ ବ୍ୟବହାର ଅନୁପଯୋଗୀ ଘୋଷଣା କରାଯାଇଛି। ଅଭିଯାନ ସମୟରେ ୧,୩୪୮ଟି ବାହ୍ୟ ସଫେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ଓ ୧,୫୧୯ଟି ସ୍ଥାନ ସଫା କରାଯାଇଥିଲା। ସେହିପରି, କାର୍ଯ୍ୟାଳୟଗୁଡ଼ିକରେ ଥିବା ପୁରୁଣା କାଗଜପତ୍ର ଓ ଫାଇଲ୍ ହଟାଇବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ମୋଟ ୩୯,୫୪୫ଟି କାଗଜ ଫାଇଲ୍ ଯାଞ୍ଚ କରାଯାଇଥିବାବେଳେ ସେଥିରୁ ୮,୮୨୩ଟି ଅଦରକାରୀ ଫାଇଲ ହଟାଯାଇଥିଲା। ଏହାସହ ୧୨,୬୦୯ଟି ଇ-ଫାଇଲ୍ ଯାଞ୍ଚ କରାଯାଇ ୧୧,୧୯୯ଟି ବନ୍ଦ କରାଯାଇଥିଲା। କେନ୍ଦ୍ର ସୂଚନା ଓ ପ୍ରସାରଣ, ରେଳ ଏବଂ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ଅଭିଯାନର ପ୍ରସ୍ତୁତି ପର୍ଯ୍ୟାୟରେ ମନ୍ତ୍ରଣାଳୟର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସବୁ କାର୍ଯ୍ୟାଳୟ, ଏପରିକି ତଳସ୍ତରରେ ଥିବା କାର୍ଯ୍ୟାଳୟଗୁଡ଼ିକୁ ମଧ୍ୟ ଏଥିରେ ସାମିଲ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଅକ୍ଟୋବର ୩୧ ପରେ ମଧ୍ୟ ସଫେଇ କାର୍ଯ୍ୟକୁ ବର୍ଷସାରା ଜାରି ରଖିବାକୁ ସେ କହିଥିଲେ। ଏହି ଅଭିଯାନରେ ଆକାଶବାଣୀର ବିଭିନ୍ନ କେନ୍ଦ୍ର ମଧ୍ୟ ଭାଗ ନେଇଥିଲେ। କଟକରେ ଏକ ଅବହେଳିତ ବରଗଛର ପୁନରୁଦ୍ଧାର କରାଯାଇଥିବାବେଳେ ଭୁବନେଶ୍ୱରସ୍ଥିତ ଏନ୍‌ଏବିଏମ୍‌ରେ ଶିଶୁ ଉଦ୍ୟାନ ସଫେଇ କରାଯାଇଥିଲା।

ଅମିତାଭଙ୍କ ଘରଠାରୁ ହାଇକୋର୍ଟ, ଷ୍ଟକ୍ ଏକ୍ସଚେଞ୍ଜକୁ ବୋମା ଧମକ !

ମୁମ୍ବାଇ, ୬/୧୧: ମାୟାନଗରୀ ମୁମ୍ବାଇରେ ବୋମା ବିସ୍ଫୋରଣ ଧମକକୁ ନେଇ ଚିନ୍ତା ବଢ଼ିଛି। ବଲିଉଡ଼ର ମେଗାଷ୍ଟାର ଅମିତାଭ ବଚ୍ଚନଙ୍କ ବାସଭବନ 'ଜାଲ୍‌ସା', ବମ୍ବେ ହାଇକୋର୍ଟ, ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ୍ (ବିଏସ୍‌ଇ) ଓ ୱର୍ଲି ରେସକୋର୍ସକୁ ବୋମାରେ ଉଡ଼ାଇଦେବାକୁ ଧମକ ମିଳିଛି। ଏକ ଧମକପୂର୍ଣ୍ଣ ଇ-ମେଲ୍ ମିଳିବା ପରେ ସହରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ସୂଚନା ଅନୁଯାୟୀ, ବମ୍ବେ ହାଇକୋର୍ଟକୁ ଏହି ଧମକପୂର୍ଣ୍ଣ ଇ-ମେଲ୍ ମିଳିଥିଲା। ଏଥିରେ ଅମିତାଭ ବଚ୍ଚନଙ୍କ ଘର ସମେତ ସହରର ଅନ୍ୟ ପ୍ରମୁଖ ସ୍ଥାନଗୁଡ଼ିକରେ ବୋମା ବିସ୍ଫୋରଣ କରିବାର ଧମକ ଦିଆଯାଇଥିଲା। ଘଟଣା ପରେ ମୁମ୍ବାଇ ପୁଲିସ ଓ ସୁରକ୍ଷା ସଂସ୍ଥାଗୁଡ଼ିକୁ ସତର୍କ କରାଯାଇଛି। ଧମକ ମିଳିବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଇ-ମେଲ୍ ପଠାଇଥିବା ବ୍ୟକ୍ତି କିଏ ଓ ଏହା ପଛରେ କାହାର ହାତ ରହିଛି, ସେନେଇ ଖୋଳତାଡ଼ ଚାଲିଛି। ଧମକର ସତ୍ୟତା ଯାଞ୍ଚ ସହ ସମ୍ପୃକ୍ତ ସ୍ଥାନଗୁଡ଼ିକର ସୁରକ୍ଷା ଉପରେ ନଜର ରଖାଯାଇଛି। ଉଲ୍ଲେଖଯୋଗ୍ୟ, ଅମିତାଭ ବଚ୍ଚନଙ୍କୁ ଲକ୍ଷ୍ୟ କରି ଏହା ଦ୍ୱିତୀୟ ଧମକ ଘଟଣା। ଗତ ଅକ୍ଟୋବର ୨୨ ତାରିଖରେ ମୁମ୍ବାଇର ଏକ ସ୍କୁଲ୍‌କୁ ମିଳିଥିବା ଧମକପୂର୍ଣ୍ଣ ଇ-ମେଲ୍‌ରେ ମଧ୍ୟ ତାଙ୍କ ନାମ ଉଲ୍ଲେଖ ରହିଥିଲା। ଏବେ ପୁଣି ଏକାଧିକ ପ୍ରମୁଖ ସ୍ଥାନକୁ ଧମକ ମିଳିବା ପରେ ମୁମ୍ବାଇରେ ସୁରକ୍ଷାକୁ ନେଇ ସତର୍କତା ବଢ଼ିଛି। ପ୍ରତି ରବିବାର ଅମିତାଭ ତାଙ୍କ ବାସଭବନ ବାହାରେ ଛିଡ଼ା ହୋଇଥିବା ପ୍ରଶଂସକଙ୍କୁ ନିଜ ବାଲକୋନୀରୁ ହାତ ହଲାଇ ଅଭିନନ୍ଦନ ଜଣାଇଥାନ୍ତି। କିନ୍ତୁ ଏଥର ତାଙ୍କୁ ପୁଅ ଅଭିଷେକ ବଚ୍ଚନଙ୍କ ସହିତ ଏକ ସୁରକ୍ଷା କାଚ ଆବରଣ ପଛରେ ଛିଡ଼ା ହେବାର ଦେଖାଯାଇଥିଲା। ଏହି ଘଟଣା ବଲିଉଡ ତାରକା ଓ ସେମାନଙ୍କ ପରିବାର ନେଇ ଚିନ୍ତା ପ୍ରକାଶ କରିଥିଲା ଏବଂ ଅଲ୍ ଇଣ୍ଡିଆନ୍ ସିନେ ୱାର୍କର୍ସ ଆସୋସିଏସନ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ହସ୍ତକ୍ଷେପ ଲୋଡ଼ିଛି। ୧୮ ଅକ୍ଟୋବରରେ ଅଭିନେତା ଟାଇଗର ଶ୍ରଫଙ୍କ କାର ଉପରେ ଗୁଳିଚାଳନା ପରେ ସେଲିବ୍ରିଟିଙ୍କ ସୁରକ୍ଷା ନେଇ ଉଠିଥିବା ଚିନ୍ତା ମଧ୍ୟରେ ଏହି ସଦ୍ୟତମ ଘଟଣା ଘଟିଛି, ଯାହାର ଦାବି ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ କରିଥିଲା। ଚଳିତ ସପ୍ତାହରେ ବଲିଉଡ ତାରକା ତୁଷାର କପୁର ଓ ଆୟୁଷ୍ମାନ ଖୁରାନାଙ୍କୁ ମଧ୍ୟ ବିଷ୍ଣୋଇ ଗ୍ୟାଙ୍ଗ ନାମରେ ଧମକ ମିଳିଥିଲା। କପୁର ଓ ଖୁରାନାଙ୍କୁ ଧମକ ଦେବା ନେଇ ବୁଧବାର ମୁମ୍ବାଇ କ୍ରାଇମ୍ ବ୍ରାଞ୍ଚ ଜଣେ ୩୦ ବର୍ଷୀୟ ବେଙ୍ଗାଲୁରୁର ଆଇଟି ଇଞ୍ଜିନିୟରଙ୍କୁ ଗିରଫ କରିଥିଲା।





ଭୋଟର ତାଲିକାର ଏସ୍‌ଆଇଆର ନାମରେ ଲକ୍ଷ ଲକ୍ଷ ଲୋକଙ୍କ ନାଁ କଟାଯାଉଛି: ରାହୁଲ



ନୂଆଦିଲ୍ଲୀ, ୬/୧୧: ଭୋଟର ପରିଚୟପତ୍ରକୁ ସରକାରୀ ଜନକଲ୍ୟାଣ ଯୋଜନାର ଲାଭ ପାଇବାର ମାଧ୍ୟମ କରିବାକୁ ନେଇ ରାଜନୈତିକ ବିବାଦ ତେଜିଛି। କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପକୁ ନେଇ କଂଗ୍ରେସ ନେତା ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ତୀବ୍ର ଆପତ୍ତି ଉଠାଇଛନ୍ତି। ଏହାକୁ କେବଳ ଭୋଟ ଚୋରି ନୁହେଁ, ବରଂ ଗରିବ ଲୋକଙ୍କ ଅଧିକାର ଛଡ଼ାଇ ନେବାର ଉଦ୍ୟମ ବୋଲି ସେ କହିଛନ୍ତି। କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ଘୋଷଣା କରିଥିଲେ ଯେ, ପଞ୍ଚାୟତିରାଜ ମନ୍ତ୍ରଣାଳୟର ବିଭିନ୍ନ ଆର୍ଥିକ ସହାୟତା ଓ ଜନକଲ୍ୟାଣ ଯୋଜନାର ହିତାଧିକାରୀଙ୍କୁ ଏଣିକି ଆଧାର ବଦଳରେ ଭୋଟର ପରିଚୟପତ୍ର ନମ୍ବର ଦେବାକୁ ପଡ଼ିବ। ଏଥିସହ ବାୟୋମେଟ୍ରିକ୍ ଯାଞ୍ଚ ମଧ୍ୟ ବାଧ୍ୟତାମୂଳକ ହେବ। ଏହି ଘୋଷଣାକୁ ନେଇ ଶୁକ୍ରବାର ରାହୁଲ ଗାନ୍ଧୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ତୀବ୍ର ପ୍ରତିକ୍ରିୟା ରଖିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର) ନାମରେ ଲକ୍ଷ ଲକ୍ଷ ଲୋକଙ୍କ ନାଁ କଟାଯାଉଛି।

ଜୁନ୍ ୨୦୨୭ ସୁଦ୍ଧା କର୍ଣ୍ଣାଟକର ସମସ୍ତ ସରକାରୀ ସ୍କୁଲରେ ଦ୍ୱିଭାଷୀ ଶିକ୍ଷା ପ୍ରଚଳନ

ବେଙ୍ଗାଲୁରୁ, ୬/୧୧: କର୍ଣ୍ଣାଟକ ସରକାର ଜୁନ୍ ୨୦୨୭ ସୁଦ୍ଧା ରାଜ୍ୟର ସମସ୍ତ ସରକାରୀ ସ୍କୁଲରେ ଦ୍ୱିଭାଷୀ ଶିକ୍ଷା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ ରାଜ୍ୟରେ ୯୫୦୦ ରୁ ଅଧିକ ସ୍କୁଲ ଦ୍ୱିଭାଷୀ ଶିକ୍ଷା ପ୍ରଦାନ କରୁଛନ୍ତି। ରାଜ୍ୟ ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ମନ୍ତ୍ରୀ ମଧୁ ବଙ୍ଗରପ୍ପା କହିଛନ୍ତି, ରାଜ୍ୟ ସରକାର ଚଳିତ ବର୍ଷରୁ ଦ୍ୱିଭାଷିକ ଶିକ୍ଷା ପ୍ରଚଳନ କରିବାକୁ ଚାହୁଁଥିଲେ ମଧ୍ୟ ପ୍ରଶିକ୍ଷିତ ଓ ଯୋଗ୍ୟ ଶିକ୍ଷକଙ୍କ ଅଭାବରୁ ଏହାକୁ ଆସନ୍ତା ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଅଧିକାଂଶ ବିଦ୍ୟାଳୟରେ ପୂର୍ବରୁ ଅତିରିକ୍ତ ଶ୍ରେଣୀଗୃହ ଅଛି ଓ ସରକାରଙ୍କୁ କେବଳ ଶିକ୍ଷକ ଯୋଗାଇବାକୁ ପଡିବ। ସରକାରଙ୍କ ଏହି ପଦକ୍ଷେପ ଘରୋଇ ସ୍କୁଲଗୁଡ଼ିକ ସହିତ ପ୍ରତିଯୋଗିତା କରିବା ଓ ସରକାରୀ ସ୍କୁଲଗୁଡ଼ିକରେ ନାମଲେଖା ବୃଦ୍ଧି କରିବା ପାଇଁ ଉଦ୍ଦିଷ୍ଟ। ପ୍ରଥମ ଶ୍ରେଣୀରୁ ପ୍ରାଥମିକ ସ୍ତରରେ ଦ୍ୱିଭାଷୀ ଶିକ୍ଷା ପ୍ରଦାନ କରାଯିବ। ବିଭାଗ ୧୦,୦୦୦ ରୁ ଅଧିକ ଶିକ୍ଷକଙ୍କୁ ନିଯୁକ୍ତି ଦେବା ପ୍ରକ୍ରିୟା ଆରମ୍ଭ କରିଛି, ଯେଉଁମାନେ ଉଭୟ କନ୍ନଡ ଓ ଇଂରାଜୀ ଶ୍ରେଣୀ ପରିଚାଳନା ପାଇଁ ତାଲିମ ପାଇବେ। ରାଜ୍ୟର ୪୬,୭୫୭ ସରକାରୀ ସ୍କୁଲ ମଧ୍ୟରୁ ୯,୫୨୨ ଟି ଦ୍ୱିଭାଷୀ।

ଝାଡ଼ଖଣ୍ଡରେ ଭିଡ଼ ଉପରେ ମାଡ଼ିଗଲା ଟ୍ରକ୍, ୭ ମୃତ

ରାଞ୍ଚି, ୬/୧୧: ଝାଡ଼ଖଣ୍ଡର ଖୁଣ୍ଟି ଜିଲ୍ଲାରେ ଗୁରୁବାର ରାତିରେ ଏକ ଭୟାବହ ସଡ଼କ ଦୁର୍ଘଟଣାରେ ୭ ଜଣଙ୍କର ମୃତ୍ୟୁ ହୋଇଛି। ଏକ ଦ୍ରୁତଗାମୀ ୧୮ ଚକିଆ ଟ୍ରକ୍ ରାସ୍ତାକଡ଼ରେ ଠିଆ ହୋଇଥିବା ଲୋକଙ୍କ ଉପରେ ମାଡ଼ିଯିବାରୁ ୪ ମହିଳା ଓ ୩ ଶିଶୁଙ୍କ ଜୀବନ ଯାଇଛି। ଏଥିରେ ଜଣେ ଝିଅ ଗୁରୁତର ଆହତ ହୋଇ ଖୁଣ୍ଟି ସଦର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଘଟଣାଟି କର୍ରା ଥାନା ଅନ୍ତର୍ଗତ କର୍ରା-ତୋର୍ପା ମୁଖ୍ୟ ରାସ୍ତାର ଜୋନେ-ଲୁଦ୍ରୁ ମୋଡ଼ ନିକଟରେ ରାତି ପ୍ରାୟ ୯ଟା ୪୫ରେ ଘଟିଛି।

ତେଜପାଲଙ୍କ ଦଣ୍ଡାଦେଶ ସ୍ଥଗିତ ଆବେଦନ ଖାରଜ

ନୂଆଦିଲ୍ଲୀ, ୬/୧୧: ୨୦୧୩ ମସିହାରେ ସହକର୍ମୀ ମହିଳାଙ୍କୁ ଦୁଷ୍କର୍ମ ମାମଲାରେ ''ତେହେଲକା'' ପତ୍ରିକାର ପୂର୍ବତନ ମୁଖ୍ୟ ସମ୍ପାଦକ ତରୁଣ ତେଜପାଲଙ୍କୁ ଉଚ୍ଚତମ ନ୍ୟାୟାଳୟରୁ ଆଶ୍ୱସ୍ତି ମିଳିନାହିଁ। ତେଜପାଲଙ୍କ ୧୦ ବର୍ଷର ଦଣ୍ଡାଦେଶ ଉପରେ ରୋକ୍ ଲଗାଇବା ପାଇଁ ହୋଇଥିବା ଆବେଦନକୁ ସର୍ବୋଚ୍ଚ ଅଦାଲତ ଗୁରୁବାର ଦିନ ଖାରଜ କରିଛନ୍ତି। ଏହି ନିଷ୍ପତ୍ତି ଫଳରେ, ଦଣ୍ଡାଦେଶ ବିରୋଧରେ ତାଙ୍କର ଆବେଦନ ବିଚାରାଧୀନ ଥିବା ସମୟରେ ତେଜପାଲଙ୍କୁ ଜେଲରେ ହିଁ ରହିବାକୁ ପଡ଼ିବ। ଜଷ୍ଟିସ୍ ଏମ୍.ଏମ୍. ସୁନ୍ଦରେଶ ଏବଂ ଜଷ୍ଟିସ୍ ପ୍ରସନ୍ନ ବି. ଭରାଲେଙ୍କୁ ନେଇ ଗଠିତ ଖଣ୍ଡପୀଠ ବମ୍ବେ ହାଇକୋର୍ଟଙ୍କ ଅଗଷ୍ଟ ୬ ତାରିଖର ରାୟ ବିରୋଧରେ ତେଜପାଲଙ୍କ ଯାଚିକାର ଶୁଣାଣି କରୁଥିଲେ।

ଇଥାନଲ୍ ମିଶ୍ରଣକୁ ନେଇ ବିବାଦ

ନୂଆଦିଲ୍ଲୀ,୬।୧୧: ପେଟ୍ରୋଲରେ ଇଥାନଲ୍ ମିଶ୍ରଣକୁ ନେଇ ଦେଶରେ ପୁଣି ଥରେ ବଡ଼ ବିବାଦ ସୃଷ୍ଟି ହୋଇଛି। ସାଧାରଣତଃ ଇ୨୦ ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ୍ ମିଶାଇବାର ନିୟମ ରହିଥିବା ବେଳେ କର୍ଣ୍ଣାଟକରେ ଯାଞ୍ଚ ହୋଇଥିବା କିଛି ନମୁନାରେ ଏହା ୩୧.୨ ପ୍ରତିଶତ ପର୍ଯ୍ୟନ୍ତ ଥିବା ଅଭିଯୋଗ ହୋଇଛି। ଏହି ରିପୋର୍ଟ ସାମ୍ନାକୁ ଆସିବା ପରେ ତୈଳ କମ୍ପାନୀଗୁଡ଼ିକର କାର୍ଯ୍ୟପ୍ରଣାଳୀ ଉପରେ ପ୍ରଶ୍ନ ଉଠାଇଛି କର୍ଣ୍ଣାଟକ ସରକାର। ଏଥିସହ କେନ୍ଦ୍ର ସରକାରଙ୍କୁ ସ୍ପଷ୍ଟୀକରଣ ମାଗିବା ସହ ଦୋଷୀ କମ୍ପାନୀଙ୍କ ବିରୋଧରେ ପଦକ୍ଷେପ ନେବାକୁ ଦାବି କରାଯାଇଛି।

୭ ରାଜ୍ୟରେ ପୁଣି ଦାଖଲ ହେବ ଗଣନା ଫର୍ମ

ନୂଆଦିଲ୍ଲୀ, ୬/୧୧: ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର) ପ୍ରକ୍ରିୟାରେ ଚିଠା ତାଲିକାରୁ ବାଦ୍ ପଡ଼ିଥିବା ଲକ୍ଷ ଲକ୍ଷ ଭୋଟରଙ୍କୁ ଆଉ ଏକ ସୁଯୋଗ ଦେଇଛନ୍ତି ନିର୍ବାଚନ କମିସନ। ଦିଲ୍ଲୀ, ମହାରାଷ୍ଟ୍ର, ହରିୟାଣା, ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡ, ତେଲଙ୍ଗାନା ଓ ନାଗାଲାଣ୍ଡରେ ବାଦ୍ ପଡ଼ିଥିବା ଭୋଟରମାନେ ପୁଣିଥରେ ନିଜ ନାମ ସାମିଲ କରିବାକୁ ଆବେଦନ କରିପାରିବେ। ଏଥିପାଇଁ ସେମାନଙ୍କୁ ନୂଆ ଭୋଟର ଭାବେ ଫର୍ମ-୬ ପୂରଣ କରିବାକୁ ପଡ଼ିବ ନାହିଁ। ପୂର୍ବରୁ ଥିବା ଗଣନା ଫର୍ମକୁ ପୁଣିଥରେ ପୂରଣ କରି ନିର୍ଦ୍ଧାରିତ ଘୋଷଣାପତ୍ର ସହ ଦାଖଲ କରିହେବ ବୋଲି ଶୁକ୍ରବାର କମିସନ ସ୍ପଷ୍ଟ କରିଛନ୍ତି। ଏ ସମ୍ପର୍କରେ କମିସନ ଉକ୍ତ ୭ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଚିଠି ଲେଖିଛନ୍ତି। ଅନୁପସ୍ଥିତ, ସ୍ଥାନାନ୍ତରିତ, ମୃତ କିମ୍ବା ଏକାଧିକ ଥର ନାମ ଥିବା ଦର୍ଶାଇ ଯେଉଁ ଭୋଟରଙ୍କୁ ଚିଠା ତାଲିକାରୁ ବାଦ୍ ଦିଆଯାଇଛି, ସେମାନଙ୍କ ନାମ ପୁଣିଥରେ ସମ୍ପୃକ୍ତ ମତଦାନ କେନ୍ଦ୍ରର ନୋଟିସ୍ ବୋର୍ଡରେ ପ୍ରକାଶ କରାଯିବ। ଏହି ଚାରି ବର୍ଗରେ ପ୍ରାୟ ୧୩ କୋଟି ଭୋଟର ରହିଛନ୍ତି। ଏସ୍‌ଆଇଆରରେ ମୋଟ ୧୩ କୋଟି ୪୦ ଲକ୍ଷ ନାମ ବାଦ୍ ପଡ଼ିଥିବା ବେଳେ ଏଥିରୁ ପ୍ରାୟ ୧୩ କୋଟି ଏହି ବର୍ଗର। କମିସନଙ୍କ ନିର୍ଦ୍ଦେଶ ଅନୁଯାୟୀ, ଜିଲ୍ଲା ଓ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନେ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ଜରିଆରେ ଏହି ଭୋଟରଙ୍କୁ ଯୋଗାଯୋଗ କରିବେ। ଘରକୁ ଯାଇ, ହ୍ୱାଟ୍‌ସଆପ୍, ଇମେଲ୍ କିମ୍ବା ଏସ୍‌ଏମ୍‌ଏସ୍ ମାଧ୍ୟମରେ ସେମାନଙ୍କୁ ଫର୍ମ ଦାଖଲ ପାଇଁ ଜଣାଯିବ। ଭୋଟରମାନେ ପୂର୍ବରୁ ଥିବା ଇପିଆଇସି ନମ୍ବର ବ୍ୟବହାର କରି ଅନ୍‌ଲାଇନ୍‌ରେ ମଧ୍ୟ ଫର୍ମ ଡାଉନ୍‌ଲୋଡ୍ ଓ ଦାଖଲ କରିପାରିବେ। ଆବେଦନ ଗ୍ରହଣ ହେଲେ ସେମାନଙ୍କୁ ପୂର୍ବରୁ ଥିବା ସମାନ ଇପିଆଇସି ନମ୍ବର ମିଳିବ। ଦିଲ୍ଲୀର ଚିଠା ଭୋଟର ତାଲିକାରୁ ଅଗଷ୍ଟ ୩୧ରେ ପ୍ରାୟ ୪୭ ଲକ୍ଷ ନାମ ବାଦ୍ ପଡ଼ିବା ପରେ ଏହି ପ୍ରସଙ୍ଗ ସୁପ୍ରିମ୍‌କୋର୍ଟରେ ଉଠିଥିଲା। ଅକ୍ଟୋବର ୨୮ରେ ଶୁଣାଣି ସମୟରେ ଅଦାଲତ ବାଦ୍ ପଡ଼ିଥିବା ପୁରୁଣା ଭୋଟରଙ୍କୁ ନୂଆ ଭୋଟରଙ୍କ ପାଇଁ ଉଦ୍ଦିଷ୍ଟ ଫର୍ମ-୬ ପୂରଣ କରିବାକୁ କାହିଁକି କୁହାଯାଉଛି ବୋଲି ପ୍ରଶ୍ନ କରିଥିଲେ। ଏବେ ନୂଆ ନିର୍ଦ୍ଦେଶରେ ପୂର୍ବ ଗଣନା ଫର୍ମ ଦାଖଲର ସହଜ ବିକଳ୍ପ ଖୋଲାଯାଇଛି।

ଆଇଜେନକୋଟ୍‌ଙ୍କୁ ଦୁଇ ଆରବ ଦଳର ସମର୍ଥନ



ତେଲ୍‌ଆଭିଭ୍, ୬/୧୧: ଇସ୍ରାଏଲ୍‌ରେ ନୂଆ ସରକାର ଗଠନ ପାଇଁ ବିରୋଧୀ ନେତା ଗାଦି ଆଇଜେନକୋଟ୍‌ଙ୍କୁ ଦୁଇଟି ଆରବ ଦଳ ସମର୍ଥନ ଜଣାଇଛନ୍ତି। ଏହାଦ୍ୱାରା ଦେଶରେ ପରବର୍ତ୍ତୀ ସରକାର ଗଠନ ପାଇଁ ତାଙ୍କ ଦାବି ଦୃଢ଼ ହୋଇଛି। ତେବେ ହମାସ୍‌କୁ ଆତଙ୍କବାଦୀ ସଂଗଠନ ଘୋଷଣା କରିବା ପ୍ରସଙ୍ଗରେ ଆରବ ଦଳଗୁଡ଼ିକ ସହ ତାଙ୍କର ମତଭେଦ ରହିଛି। ଏହା ଆଇଜେନକୋଟ୍‌ଙ୍କ ପାଇଁ ସରକାର ଗଠନରେ ବଡ଼ ବାଧା ସୃଷ୍ଟି କରିପାରେ। ଅକ୍ଟୋବର ୨୭ରେ ଇସ୍ରାଏଲ୍‌ରେ ଅନୁଷ୍ଠିତ ନିର୍ବାଚନରେ କୌଣସି ଦଳ କିମ୍ବା ମେଣ୍ଟକୁ ସ୍ପଷ୍ଟ ସଂଖ୍ୟାଗରିଷ୍ଠତା ମିଳିନଥିଲା। ୧୨୦ ଆସନ ବିଶିଷ୍ଟ ସଂସଦରେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ମେଣ୍ଟ ୫୩ଟି ଆସନ ପାଇଥିବାବେଳେ ଆଇଜେନକୋଟ୍‌ଙ୍କ ବିରୋଧୀ ମେଣ୍ଟ ୪୮ଟି ଆସନ ହାସଲ କରିଛି। ଦୁଇଟି ଆରବ ନେତୃତ୍ୱାଧୀନ ଦଳ ମିଳିତ ଭାବେ ରେକର୍ଡ ୧୯ଟି ଆସନ ଜିତିଛନ୍ତି। ଏଥିରେ ଜଏଣ୍ଟ ଲିଷ୍ଟ୍ ୧୧ଟି ଓ ୟୁନାଇଟେଡ୍ ଆରବ ଲିଷ୍ଟ୍ ବା ରାମ୍ ୮ଟି ଆସନ ପାଇଛି। ଗୁରୁବାର ଉଭୟ ଦଳ ରାଷ୍ଟ୍ରପତି ଆଇଜାକ୍ ହର୍ଜୋଗ୍‌ଙ୍କୁ ଆଇଜେନକୋଟ୍‌ଙ୍କ ନାମ ସୁପାରିସ କରିଛନ୍ତି। ଏହା ପରେ ସରକାର ଗଠନ ପାଇଁ ସଂସଦର ୬୭ ଜଣ ସଦସ୍ୟ ଆଇଜେନକୋଟ୍‌ଙ୍କୁ ସମର୍ଥନ ଜଣାଇଛନ୍ତି। ଅନ୍ୟପକ୍ଷରେ ନେତାନ୍ୟାହୁଙ୍କ ସପକ୍ଷରେ ୪୬ ଜଣ ସଦସ୍ୟ ସୁପାରିସ କରିଛନ୍ତି। ସାତ ଜଣ କୌଣସି ପ୍ରାର୍ଥୀଙ୍କୁ ସମର୍ଥନ ଜଣାଇନାହାନ୍ତି। ତେବେ ଆରବ ଦଳଗୁଡ଼ିକର ସମର୍ଥନ ସତ୍ତ୍ୱେ ଆଇଜେନକୋଟ୍‌ଙ୍କ ପାଇଁ ସମସ୍ୟା ରହିଛି। ରାମ୍ ଦଳର ନେତା ମନସୁର ଆବାସ୍ ହମାସ୍‌କୁ ନିରସ୍ତ୍ର କରିବା ଏବଂ ଗାଜାରୁ ଏହାକୁ କ୍ଷମତାଚ୍ୟୁତ କରିବା ସପକ୍ଷରେ ମତ ଦେଇଛନ୍ତି। କିନ୍ତୁ ହମାସ୍‌କୁ ସ୍ପଷ୍ଟ ଭାବେ ଆତଙ୍କବାଦୀ ସଂଗଠନ କହିବାକୁ ସେ ରାଜି ହୋଇନାହାନ୍ତି। ଅନ୍ୟପକ୍ଷରେ ଆଇଜେନକୋଟ୍ ତାଙ୍କ ସମ୍ଭାବ୍ୟ ମେଣ୍ଟରେ ଥିବା ଦଳଗୁଡ଼ିକ ହମାସ୍‌କୁ ଆତଙ୍କବାଦୀ ସଂଗଠନ ବୋଲି ସ୍ୱୀକାର କରିବା ଉଚିତ ବୋଲି ସର୍ତ୍ତ ରଖିଛନ୍ତି। ଏହାବ୍ୟତୀତ ଆଇଜେନକୋଟ୍‌ଙ୍କ ମେଣ୍ଟର କେତେକ ଦଳ ଆରବ ଦଳଗୁଡ଼ିକ ସହ ମିଶି ସରକାର ଗଠନ କରିବାକୁ ଅନିଚ୍ଛୁକ। ତେଣୁ ୬୭ ଜଣ ସଦସ୍ୟଙ୍କ ସମର୍ଥନ ଥିଲେ ମଧ୍ୟ ସରକାର ଗଠନ ପାଇଁ ଆବଶ୍ୟକ ଏକତା ରହିବ କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ। ଇସ୍ରାଏଲର ରାଷ୍ଟ୍ରପତି ହର୍ଜୋଗ୍ ରବିବାର ସରକାର ଗଠନ ପାଇଁ କାହାକୁ ଦାୟିତ୍ୱ ଦିଆଯିବ, ତାହା ଘୋଷଣା କରିବେ। ମନୋନୀତ ନେତାଙ୍କୁ ସରକାର ଗଠନ ପାଇଁ ୨୮ ଦିନ ସମୟ ମିଳିବ। ଆବଶ୍ୟକ ପଡ଼ିଲେ ଏହି ଅବଧିକୁ ଆଉ ୧୪ ଦିନ ବଢ଼ାଯାଇପାରିବ।

ଦୀପାବଳି ପାଇଁ ଭୁବନେଶ୍ୱର ପୋଲିସର ବ୍ୟାପକ ପ୍ରସ୍ତୁତି

- ■ ୪୪୨ ଅସ୍ଥାୟୀ ବାଣ ଦୋକାନକୁ ମିଳିଲା ଲାଇସେନ୍ସ
- ■ ବେଆଇନ ବାଣ ବିକ୍ରି ରୋକିବାକୁ ୨ଟି ସ୍ୱତନ୍ତ୍ର ଟିମ୍ ଗଠନ
- ■ ୮ଟି ମାମଲା ରୁଜୁ; ୧୫ ଲକ୍ଷ ଟଙ୍କାର ବାଣ ଜବତ

ଭୁବନେଶ୍ୱର(ନି.ପ୍ର) : ଦୀପାବଳି-୨୦୨୬କୁ ଶାନ୍ତିପୂର୍ଣ୍ଣ ଓ ସୁରକ୍ଷିତ ଭାବେ ପାଳନ କରିବା ପାଇଁ ଭୁବନେଶ୍ୱର ଅର୍ବାନ ପୋଲିସ ଜିଲ୍ଲା (ୟୁପିଡି) ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଅସ୍ଥାୟୀ ବାଣ ଦୋକାନଗୁଡ଼ିକର ଆବଶ୍ୟକ ଯାଞ୍ଚ ପରେ ଲାଇସେନ୍ସ ପ୍ରଦାନ କରାଯାଇଛି। ନଭେମ୍ବର ୬ ତାରିଖ ସୁଦ୍ଧା ଭୁବନେଶ୍ୱର ୟୁପିଡି ଅଞ୍ଚଳରେ ମୋଟ ୪୪୨ଟି ଅସ୍ଥାୟୀ ବାଣ ଦୋକାନକୁ ଲାଇସେନ୍ସ ମିଳିଛି। ଏଥିମଧ୍ୟରେ ଜଟଣୀରେ ସର୍ବାଧିକ ୧୨୧ଟି ଦୋକାନକୁ ଲାଇସେନ୍ସ ମିଳିଥିବା ବେଳେ ଖଣ୍ଡଗିରିରେ ୭୫, ବାଲିଅନ୍ତାରେ ୪୮, ଚନ୍ଦ୍ରଶେଖରପୁରରେ ୪୬, ଇନ୍‌ଫୋସିଟିରେ ୪୨, ମଞ୍ଚେଶ୍ୱରରେ ୨୭, ବଡ଼ଗଡ଼ରେ ୨୦, ନୟାପଲ୍ଲୀରେ ୧୮, ପାହାଳରେ ୧୦, ତମାଣ୍ଡୋରେ ୯, ଏୟାରଫିଲ୍ଡରେ ୮, ଧଉଳିରେ ୮, ନନ୍ଦନକାନନରେ ୬ ଏବଂ ଚନ୍ଦକାରେ ୪ଟି ଦୋକାନ ରହିଛି। ବେଆଇନ ବାଣ ବିକ୍ରି, ନିଷିଦ୍ଧ ଉଚ୍ଚ ଶବ୍ଦଯୁକ୍ତ ଓ ବିଦେଶୀ ବାଣର ବ୍ୟବହାର ରୋକିବା ପାଇଁ ଡିସିପିଙ୍କ ନିର୍ଦ୍ଦେଶରେ ନଭେମ୍ବର ୪ରୁ ୮ ତାରିଖ ପର୍ଯ୍ୟନ୍ତ ଦୁଇଟି ସ୍ୱତନ୍ତ୍ର ଯାଞ୍ଚ ଟିମ୍ ଗଠନ କରାଯାଇଛି। ପ୍ରଥମ ଟିମ୍‌ର ନେତୃତ୍ୱ ନେଉଛନ୍ତି ଏସିପି ମୁଖ୍ୟାଳୟ ଶରତ ଚନ୍ଦ୍ର ପାତ୍ର। ଏହି ଟିମ୍‌ରେ ପୋଲିସ ପକ୍ଷରୁ ଇନ୍ସପେକ୍ଟର ଜ୍ୟୋତି ପ୍ରକାଶ ସାହୁ ଓ ଏସ୍‌ଆଇ ପି.କେ. ମହଲା ଏବଂ ଅଗ୍ନିଶମ ବିଭାଗରୁ ବିଷ୍ଣୁ ନାରାୟଣ ସେନାପତି ଓ ପ୍ରମୋଦ କୁମାର ସ୍ୱାଇଁ ସାମିଲ ଅଛନ୍ତି। ଏହି ଟିମ୍ କ୍ୟାପିଟାଲ, ଖାରବେଳନଗର, ଶ୍ରୀଲିଙ୍ଗରାଜ, ଏୟାରପୋର୍ଟ, ଏୟାରଫିଲ୍ଡ, ଧଉଳି, ଲକ୍ଷ୍ମୀସାଗର ଓ ବଡ଼ଗଡ଼ ଅଞ୍ଚଳରେ ଯାଞ୍ଚ କରିବ। ସେହିପରି ଦ୍ୱିତୀୟ ଟିମ୍‌ର ନେତୃତ୍ୱ ନେଉଛନ୍ତି ଏସିପି ମୁଖ୍ୟାଳୟ ମମତା ନାୟକ। ଏହି ଟିମ୍‌ରେ ଇନ୍ସପେକ୍ଟର ଡି. ବଳିଆରସିଂହ, ଏସ୍‌ଆଇ ଏ.କେ. ସି ଏବଂ ଅଗ୍ନିଶମ ବିଭାଗର ସୌମ୍ୟରଞ୍ଜନ ମଲ୍ଲିକ୍, ପ୍ରଶାନ୍ତ କୁମାର ନାୟକ ଓ ନାଗେନ୍ଦ୍ର ଭୋଳ ସାମିଲ ଅଛନ୍ତି। ଏହି ଟିମ୍ ଜଟଣୀ, ଇନ୍‌ଫୋସିଟି, ଖଣ୍ଡଗିରି, ତମାଣ୍ଡୋ, ମଞ୍ଚେଶ୍ୱର, ନୟାପଲ୍ଲୀ, ସହିଦନଗର, ଚନ୍ଦ୍ରଶେଖରପୁର, ଇନ୍‌ଫୋସିଟି, ନନ୍ଦନକାନନ, ଚନ୍ଦକା, ପାହାଳ, ବାଲିଅନ୍ତା ଓ ବାଲିପାଟଣା ଅଞ୍ଚଳରେ ଯାଞ୍ଚ କରିବ। ଉଭୟ ଟିମ୍ ବାଣ ଦୋକାନର ଲାଇସେନ୍ସ ବୈଧତା, ଅଗ୍ନି ନିରାପତ୍ତା ବ୍ୟବସ୍ଥା ଓ ବାଣର ଉତ୍ସ ଯାଞ୍ଚ କରୁଛନ୍ତି। ଏଥିସହ ବେଆଇନ ଓ ବିଦେଶୀ ବାଣ ଜବତ କରାଯାଉଛି।

୧୫ ଲକ୍ଷ ଟଙ୍କାର ବେଆଇନ ବାଣ ଜବତ

ବେଆଇନ ବାଣ ବିକ୍ରି ଓ ଗଚ୍ଛିତ ରଖିବା ବିରୋଧରେ ଅକ୍ଟୋବର ୨୦ରୁ ନଭେମ୍ବର ୬ ତାରିଖ ପର୍ଯ୍ୟନ୍ତ ଚାଲିଥିବା ସ୍ୱତନ୍ତ୍ର ଅଭିଯାନରେ ଭୁବନେଶ୍ୱର ୟୁପିଡି ଅଞ୍ଚଳରେ ମୋଟ ୮ଟି ମାମଲା ରୁଜୁ ହୋଇଛି। ଏଥିମଧ୍ୟରୁ ବାଲିଅନ୍ତା ଥାନାରେ ୨ଟି ଏବଂ ଏୟାରଫିଲ୍ଡ, ବାଲିପାଟଣା, କ୍ୟାପିଟାଲ, ଜଟଣୀ, ନନ୍ଦନକାନନ ଓ ମଞ୍ଚେଶ୍ୱର ଥାନାରେ ଗୋଟିଏ ଲେଖାଏଁ ମାମଲା ରୁଜୁ ହୋଇଛି। ଏହି ମାମଲାଗୁଡ଼ିକରେ ପ୍ରାୟ ୧୫ ଲକ୍ଷ ଟଙ୍କା ମୂଲ୍ୟର ବେଆଇନ ବାଣ ଜବତ କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ବିସ୍ଫୋରକ ଆଇନ ଓ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଅନୁଯାୟୀ ଆଇନଗତ ପଦକ୍ଷେପ ନିଆଯାଉଛି।

ଦୀପାବଳି ରାତିରେ ୨୭ ସେକ୍ସନ ଫୋର୍ସ ମୁତୟନ

ନଭେମ୍ବର ୮ ତାରିଖ ଦୀପାବଳି ଦିନ ଆଇନଶୃଙ୍ଖଳା ରକ୍ଷା ଓ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଛି। ଭୁବନେଶ୍ୱରର ସମସ୍ତ ୨୪ଟି ଥାନା ଅଞ୍ଚଳରେ ମୋଟ ୨୭ ସେକ୍ସନ ଫୋର୍ସ ମୁତୟନ ହେବେ। ଏଥିସହ ୧୪ଟି ପ୍ରମୁଖ ଛକରେ ସ୍ଥାୟୀ ପୋଲିସ ମୁତୟନ ସହ ମୋବାଇଲ ପାଟ୍ରୋଲିଂ ଓ ପିସିଆର୍ ଟିମ୍‌ର ଗାଡ଼ି ପଇଁତରାକୁ ଜୋରଦାର କରାଯିବ। ଅତିରିକ୍ତ ଡିସିପି କଣ୍ଟ୍ରୋଲ ରୁମ୍ ଏହାର ତଦାରଖ କରିବ। ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ରିଜର୍ଭ ଅଫିସରେ ଷ୍ଟ୍ରାଇକିଂ ଫୋର୍ସକୁ ପ୍ରସ୍ତୁତ ରଖାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସନ୍ଧ୍ୟା ୭ଟାରୁ ରାତି ୯ଟା ମଧ୍ୟରେ କେବଳ ବାଣ ଫୁଟାଇବାକୁ ପୋଲିସ ପକ୍ଷରୁ ସମସ୍ତ ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ନିରବ ଅଞ୍ଚଳ ବା ସାଇଲେନ୍ସ ଜୋନ୍‌ରେ ବାଣ ଫୁଟାଇବା ଉପରେ ମଧ୍ୟ କଟକଣା ଲାଗୁ ହେବ। ଭୁବନେଶ୍ୱର ପୋଲିସ ପକ୍ଷରୁ ନାଗରିକମାନଙ୍କୁ କେବଳ ଲାଇସେନ୍ସପ୍ରାପ୍ତ ଦୋକାନରୁ ବାଣ କିଣିବା, କେବଳ ପରିବେଶ ଅନୁକୂଳ ସବୁଜ ବାଣ ବ୍ୟବହାର କରିବା ଏବଂ ନିଷିଦ୍ଧ ବାଣର ବିକ୍ରି କିମ୍ବା ବ୍ୟବହାର ସମ୍ପର୍କରେ ଜାଣିବା ମାତ୍ରେ ୧୧୨ ନମ୍ବରକୁ ଫୋନ୍ କରି ଜଣାଇବାକୁ ଅନୁରୋଧ କରାଯାଇଛି।

କଟକରେ ବଡ଼ଧରଣର ଏଟିଏମ୍ ଲୁଟ୍ ଯୋଜନା ପଣ୍ଡ

ବିହାରର କୁଖ୍ୟାତ ଲୁଟେରା ଅଶ୍ୱିନୀ ସିଂହକୁ କାବୁ କଲା କମିଶନରେଟ୍ ପୋଲିସ

କଟକ(ନିପ୍ର): କଟକରେ ବଡ଼ଧରଣର ଏଟିଏମ୍ ଲୁଟ୍ ଯୋଜନା ପଣ୍ଡ। ବିହାରର କୁଖ୍ୟାତ ଏଟିଏମ୍ ଲୁଟେରା ଅଶ୍ୱିନୀ ସିଂହକୁ କାବୁ କଲା କମିଶନରେଟ୍ ପୋଲିସ। ଏକାଧିକ ରାଜ୍ୟର ଏଟିଏମ ଲୁଟ ସହିତ ସଂପୃକ୍ତ ଥିବାର ସନ୍ଦେହ କରୁଛି ପୋଲିସ। ବାଦାମବାଡ଼ି ଛକରେ ଥିବା ବ୍ୟାଙ୍କ ଅଫ୍ ଇଣ୍ଡିଆ ଏଟିଏମ୍‌କୁ ଟାର୍ଗେଟ୍ କରିଥିଲା ଅଭିଯୁକ୍ତ। ବିଳମ୍ବିତ ରାତିରେ ଏଟିଏମ୍ ମେସିନ୍ କାଟି ଟଙ୍କା ଲୁଟିବା ପାଇଁ ରଚିଥିଲା ଯୋଜନା। ଏଟିଏମ୍ ଲୁଟ୍ ଉଦ୍ୟମ ନେଇ ଦିଲ୍ଲୀସ୍ଥିତ ହେଡ୍ ଅଫିସରେ ଆଲାରାମ ବାଜିବା ପରେ ତୁରନ୍ତ ବାଦାମବାଡ଼ି ଥାନାକୁ ସୂଚନା ଦିଆଯାଇଥିଲା। ଖବରପାଇ ତତ୍ପର ହୋଇଥିଲା ପୋଲିସ। ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ଅଶ୍ୱିନୀ ସିଂହକୁ କାବୁ କରିଥିଲା। ତା' ନିକଟରୁ ଏଟିଏମ୍ ଲୁଟ୍‌ରେ ବ୍ୟବହୃତ ବିଭିନ୍ନ ସରଞ୍ଜାମ ଜବତ ହୋଇଛି। ଏଟିଏମ୍ ଲୁଟ୍ ଟଙ୍କାରେ ଅୟସ କରୁଥିଲା ଅଭିଯୁକ୍ତ। ବିହାରରୁ ଟ୍ରେନରେ ଆସିଥିଲା ପୁରୀ। ପୁରୀରୁ ବାଇକରେ କଟକରେ ପହଞ୍ଚି ଏଟିଏମ୍ ଲୁଟ୍ ପାଇଁ ଯୋଜନା କରୁଥିଲା। ଏଟିଏମ୍ ଲୁଟ୍ ଗ୍ୟାଙ୍ଗ୍ ର ନେଟୱର୍କ, ଅଭିଯୁକ୍ତର ପୂର୍ବ ଅପରାଧିକ ରେକର୍ଡ ଏବଂ ଲୁଟ୍‌ରେ ବ୍ୟବହୃତ ସରଞ୍ଜାମ ସମ୍ପର୍କରେ କଟକ ଡିସିପି ରିଷିକେଶ ଖିଲାରୀ ବିସ୍ତୃତ ସୂଚନା ଦେଇଛନ୍ତି।

ବାର୍ଦ୍ଧକ୍ୟ ଭତ୍ତା ଟଙ୍କା ହେରଫେର

ଚହକା ପିଇଓ ଗିରୀଶ ଚନ୍ଦ୍ର ସାବରଙ୍କୁ ୪ ବର୍ଷ କାରାଦଣ୍ଡ

କଟକ(ନିପ୍ର): ଅସହାୟ ବୁଢ଼ାବୁଢ଼ିଙ୍କୁ ଦିଆଯାଉଥିବା ମାସିକ ଭତ୍ତା ଟଙ୍କା ଆତ୍ମସାତ ମାମଲାରେ କଳାହାଣ୍ଡି ଜିଲ୍ଲା ଗୋଲମୁଣ୍ଡା ବ୍ଲକ ଚହକା ପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ଗିରୀଶ ଚନ୍ଦ୍ର ସାବରଙ୍କୁ ସ୍ୱତନ୍ତ୍ର ଭିଜିଲାନ୍‌ସ କୋର୍ଟ ୪ ବର୍ଷ ସଶ୍ରମ କାରାଦଣ୍ଡ ଓ ଆର୍ଥିକ ଦଣ୍ଡରେ ଦଣ୍ଡିତ କରିଛି। ଆସାମୀ ସାବର ପୂର୍ବରୁ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ୍ ଅନ୍ତର୍ଗତ ସିରୋଲ ଓ ଗୋକୁଳେଶ୍ୱର ଗ୍ରାମ ପଞ୍ଚାୟତରେ ପିଇଓ ଭାବେ କାର୍ଯ୍ୟ କରୁଥିଲେ। ବର୍ତ୍ତମାନ ସେ ଗୋଲାମୁଣ୍ଡା ବ୍ଲକ୍‌ର ଚହକା ଗ୍ରାମ ପଞ୍ଚାୟତରେ ପିଇଓ ଭାବେ କାର୍ଯ୍ୟକରୁଛନ୍ତି। ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ (ଭିଜିଲାନ୍) ପକ୍ଷରୁ ପ୍ରକାଶିତ ପ୍ରେସ୍ ସୂଚନାନୁସାରେ, ସିରୋଲ ଓ ଗୋକୁଳେଶ୍ୱର ପଞ୍ଚାୟତର ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀଙ୍କ ପାଇଁ ଉର୍ଦ୍ଦିଷ୍ଟ ସରକାରୀ ଅର୍ଥ ହଡ଼ପ କରିଥିବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ତାଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ଏହି ମାମଲାରେ ଦୁର୍ନୀତି ନିବାରଣ ଆଇନ, ୨୦୧୮ର ଧାରା ୧୩(୨) ସହ ୧୩(୧)(ମ) ଏବଂ ଭାରତୀୟ ପିଙ୍ଗଳ କୋଡ୍‌ର ଧାରା ୪୦୯ ଅନୁଯାୟୀ ଚାର୍ଜସିଟ୍ ଦାଖଲ ହୋଇଥିଲା। ଏହି ମାମଲାରେ ଭବାନୀପାଟଣା ସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ନଭେମ୍ବର ୬ ତାରିଖରେ ଅଭିଯୁକ୍ତ ସାବରଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୪ ବର୍ଷ ସାଧାରଣ କାରାଦଣ୍ଡ ଓ ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଅନ୍ୟପକ୍ଷରେ, ଦୋଷୀ ସାବ୍ୟସ୍ତ ହୋଇଥିବା ଗିରୀଶ ଚନ୍ଦ୍ର ସାବରଙ୍କୁ ଚାକିରିରୁ ବହିଷ୍କାର କରିବା ପାଇଁ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ସକ୍ଷମ କର୍ତ୍ତୃପକ୍ଷଙ୍କୁ ସୁପାରିସ କରାଯିବ ବୋଲି ଭିଜିଲାନ୍‌ସ ପକ୍ଷରୁ କୁହାଯାଇଛି।

---

୯ ଇନ୍‌ଷ୍ଟ୍ରକ୍ଟରଙ୍କୁ ଧମକ ଦେଇ ଧରାପଡ଼ିଲେ ଅଧକ୍ଷ

ବଲାଙ୍ଗୀର: ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ବଲାଙ୍ଗିର ସରକାରୀ ଆଇଟିଆଇର ଅଧକ୍ଷ ସୁରେଶ କୁମାର ଦଳବେହେରା। ଜଣେ ଅତିଥି ଇନ୍‌ଷ୍ଟ୍ରକ୍ଟରଙ୍କଠାରୁ ୩୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ସେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଏହି ସରକାରୀ ଆଇଟିଆଇର ୯ ଜଣ ଅତିଥି ଇନ୍‌ଷ୍ଟ୍ରକ୍ଟରଙ୍କୁ ମୋଟ ୧ ଲକ୍ଷ ୧୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଅତିଥି ଇନ୍‌ଷ୍ଟ୍ରକ୍ଟର ଭାବେ ଆଗକୁ ସେମାନଙ୍କୁ ନିୟୋଜିତ କରି ରଖିବାକୁ ତଥା ନିୟମିତ ଭାବେ ଦରମା ପ୍ରଦାନ କରିବାକୁ ସେ ଏହି ଲାଞ୍ଚ ମାଗିଥିଲେ। ଲାଞ୍ଚ ନଦେଲେ ସେମାନଙ୍କୁ ଦରମା ନଦେବାକୁ ତଥା ବାହାର କରି ଦେବାକୁ ଅଧକ୍ଷ ଶ୍ରୀ ଦଳବେହେରା ଧମକ ଦେଇଥିଲେ।

ସୋନପୁର-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥରେ ବସ୍-ଟ୍ରାକ୍ଟର ଧକ୍କା

ସୋନପୁର(ନିପ୍ର): ସୋନପୁର-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର କୁଲିପାଲି ଛକ ନିକଟରେ ଏକ ବଡ଼ ଧରଣର ସଡ଼କ ଦୁର୍ଘଟଣା ଘଟିଯାଇଛି। ବଲାଙ୍ଗୀର ପଟୁ ଆସୁଥିବା ଏକ ରାଜ୍ୟ ସରକାରୀ (ଓଏସଆରଟିସି) ଏକ୍ସପ୍ରେସ୍ ବସ୍ ଏବଂ ଏକ ଟ୍ରାକ୍ଟର ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଏହି ଅଘଟଣ ଘଟିଛି। ମିଳିଥିବା ପ୍ରାଥମିକ ସୂଚନା ଅନୁଯାୟୀ, ଶୀତର ପ୍ରକୋପ ବୃଦ୍ଧି ପାଇବା ସହିତ ରାସ୍ତାଘାଟରେ



ପ୍ରବଳ ଘନ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳୁଛି। ଦୁର୍ଘଟଣା ସମୟରେ ମଧ୍ୟ ସମ୍ପୃକ୍ତ ଅଞ୍ଚଳରେ ପ୍ରବଳ କୁହୁଡ଼ି ଥିଲା। ଏହି ଘନ କୁହୁଡ଼ି ଯୋଗୁଁ ସମ୍ମୁଖ ରାସ୍ତା ସ୍ପଷ୍ଟ ଦେଖାଯାଉ ନଥିବାରୁ ଏବଂ ଦୃଶ୍ୟମାନତା ବହୁତ କମ୍ ଥିବାରୁ ଉଭୟ ଗାଡ଼ି ଭାରସାମ୍ୟ ହରାଇ ପରସ୍ପର ସହ ଧକ୍କା ହୋଇଥିବା ଅନୁମାନ କରାଯାଉଛି। ଧକ୍କା ଏତେ ଜୋରଦାର ଥିଲା ଯେ, ଉଭୟ ଯାନର ବ୍ୟାପକ କ୍ଷତି ଘଟିଛି। ଦ୍ରୁତ ଗତି ହିଁ ଏହି ଦୁର୍ଘଟଣାର ଆଉ ଏକ ପ୍ରମୁଖ କାରଣ ପାଲଟିଛି। ପ୍ରଶାସନିକ ସତର୍କ ସୂଚନା: ବର୍ତ୍ତମାନ କୁହୁଡ଼ି ଯୋଗୁଁ ଭିଜିବିଲିଟି କମ୍ ରହୁଥିବାରୁ ରାସ୍ତାରେ ଯାତାୟାତ କରୁଥିବା ଗାଡ଼ି ଚାଳକମାନଙ୍କୁ ସତର୍କ କରାଇ ଦିଆଯାଇଛି। ଗାଡ଼ି ଚଳାଇବା ବେଳେ ବାଧ୍ୟତାମୂଳକ ଭାବରେ ଫଗ୍ ଲାଇଟ୍ ବ୍ୟବହାର କରିବା ସହ ଗାଡ଼ିର ଗତି ନିୟନ୍ତ୍ରଣରେ ରଖିବାକୁ ପରାମର୍ଶ ଦିଆଯାଇଛି।

ଗିରଫ ହେଲା କେୟାର ଟେକର

ଭୁବନେଶ୍ୱର: ଭୁବନେଶ୍ୱର ଲକ୍ଷ୍ମୀସାଗର ବୁଦ୍ଧନଗର ଅଞ୍ଚଳରେ ବୃଦ୍ଧାଙ୍କୁ ହତ୍ୟା ମାମଲାରେ ପୁରୀ, ପାରିକୁଦ ଅଞ୍ଚଳରୁ ଅଭିଯୁକ୍ତ କେୟାର ଟେକରକୁ ଗିରଫ କଲା ପୁଲିସ। ବୁଧବାର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ବୁଦ୍ଧନଗର ଅଞ୍ଚଳରେ ଜଣେ ୭୬ ବର୍ଷୀୟା ବୃଦ୍ଧାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ମାଲିକ କୁଞ୍ଜଲତା ନନ୍ଦଙ୍କୁ ହତ୍ୟା କରି ଫେରାର ହୋଇଯାଇଥିଲା ଘରେ ରହୁଥିବା କେୟାରଟେକର ବଳଭଦ୍ର ମହାରଣା। କେୟାରଟେକର ବଳଭଦ୍ର ମହାରଣା ଖୋର୍ଦ୍ଧା ଟାଙ୍ଗୀ ଅଞ୍ଚଳର। ଗତକାଲି ବିଳମ୍ବିତ ରାତିରେ ଲକ୍ଷ୍ମୀସାଗର ପୁଲିସ ତାଙ୍କୁ ଗିରଫ କରିଛି। ସେପଟେ କୁଞ୍ଜଲତାଙ୍କ ହତ୍ୟା ଘଟଣାକୁ ନେଇ ଦିନକୁ ଦିନ ନୂଆ ତଥ୍ୟ ସାମ୍ନାକୁ। ଅଭିଯୁକ୍ତ ବଳଭଦ୍ରଙ୍କୁ ନେଇ ଚାଞ୍ଚଲ୍ୟକର ଖୁଲାସା କରିଛନ୍ତି ଘରର ପୂଜକ। ସେ କହିଛନ୍ତି ଯେ, କେୟାରଟେକର ବଳଭଦ୍ର ନିଶା ସେବନ କରୁଥିଲେ। ଏହାକୁ ନେଇ କୁଞ୍ଜଲତା ଅସନ୍ତୁଷ୍ଟ ଥିଲେ। ଏପରିକି ବଳଭଦ୍ରଙ୍କୁ ଘରୁ ବିଦା କରିବାକୁ କୁଞ୍ଜଲତା ଯୋଜନା କରିଥିଲେ। ଖୁବଶୀଘ୍ର ତାଙ୍କୁ କାମରୁ ବାହାର କରାଯାଇଥାନ୍ତା ବୋଲି ପୂଜକ ସୂଚନା ଦେଇଛନ୍ତି। ଏହାସହ କିଛି ଦିନ ପୂର୍ବରୁ ବଳଭଦ୍ରଙ୍କ ପତ୍ନୀ ମଧ୍ୟ କୁଞ୍ଜଲତାଙ୍କ ଘରେ ରହିଥିବା କଥା ସେ ପ୍ରକାଶ କରିଛନ୍ତି।

ମା' କାଳୀଙ୍କ ମେଢ଼ ଭସାଣି ଉତ୍ସବ ପାଇଁ କମିସନରେଟ୍ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଟ୍ରାଫିକ୍ କଟକଣା ଜାରି

କଟକ(ନିପ୍ର): ଆସନ୍ତା ୧୧ ନଭେମ୍ବରରେ କଟକ ସହରରେ ମା' କାଳୀଙ୍କ ମେଢ଼ ଭସାଣି ଉତ୍ସବ ପାଇଁ କମିସନରେଟ୍ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଟ୍ରାଫିକ୍ କଟକଣା ଜାରି ହୋଇଛି। ୧୧ ତାରିଖ ସକାଳ ୭ଟାରୁ ଭସାଣି ଶେଷ ହେବା ପର୍ଯ୍ୟନ୍ତ ଏହି ନିୟମ ବଳବତ୍ତର ରହିବ। ଓଏମ୍‌ପି ଛକ, ମାଲଗୋଦାମ, କଲେଜ ଛକ, ମୋଚିସାହି, ରାଣୀହାଟ, ବଜ୍ରକବାଟୀ, ମଙ୍ଗଳାବାଗ, ହାୱଡ଼ା ମୋଟର ଛକ, ବକ୍ସିବଜାର ସମେତ ସହରର ୨୦ରୁ ଅଧିକ ସ୍ଥାନରେ ଯାନବାହନ ଚଳାଚଳ ନିୟନ୍ତ୍ରଣ କରାଯିବ। କେତେକ ରାସ୍ତାରେ ଯାତାୟାତ ବନ୍ଦ ରହିବା ସହ ଗାଡ଼ିଗୁଡ଼ିକୁ ବିକଳ୍ପ ରାସ୍ତାରେ ଯିବାକୁ ପଡ଼ିବ। ଭସାଣି ଦେଖିବାକୁ ଆସୁଥିବା ଲୋକଙ୍କ ପାଇଁ ସହରର ପ୍ରାୟ ୨୦ଟି ସ୍ଥାନରେ ପାର୍କିଂ ବ୍ୟବସ୍ଥା ହୋଇଛି। ବେଲଭ୍ୟୁ ଛକ, ରେଭେନ୍ସା କଲେଜିଏଟ୍ ସ୍କୁଲ ପଡ଼ିଆ, ବିଡ଼ାନାସୀ ହାଇସ୍କୁଲ, ଖ୍ରୀଷ୍ଟିଆନ୍ ଗ୍ରାଉଣ୍ଡ, ବାଲିଯାତ୍ରା ପଡ଼ିଆ, ପୁରୁଣା ପୁରୀ ବସଷ୍ଟାଣ୍ଡ, ପୁରୁଣା ବାଦାମବାଡ଼ି ବସଷ୍ଟାଣ୍ଡ ଓ ଅନ୍ୟାନ୍ୟ ସ୍ଥାନରେ ଗାଡ଼ି ପାର୍କିଂ କରିହେବ। କେତେକ ସ୍ଥାନରେ କେବଳ ଦୁଇଚକିଆ ଯାନ ପାଇଁ ବ୍ୟବସ୍ଥା ରହିଛି। ପୋଲିସ, ଅଗ୍ନିଶମ, ଅବକାରୀ ଓ ଆମ୍ବୁଲାନ୍ସ ଭଳି ଜରୁରୀକାଳୀନ ଯାନକୁ କଟକଣାରୁ ବାଦ୍ ଦିଆଯାଇଛି।

ଠକେଇ ଅଭିଯୁକ୍ତକୁ ୬ମାସ ଜେଲ୍ ଦଣ୍ଡାଦେଶ

ଭୁବନେଶ୍ୱର(ନି.ପ୍ର) : ଭୁବନେଶ୍ୱରସ୍ଥିତ ମାନ୍ୟବର ଜେଏମ୍‌ଏଫସି-୫ ମିସ ଇତିଶ୍ରୀ ମହାପାତ୍ରଙ୍କ ଅଦାଲତ ଆଜି ଏକ ଚାକିରି ଠକେଇ ମାମଲାର ବିଚାର କରି ଅଭିଯୁକ୍ତ ସନ୍ତୋଷ ସାହୁକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। କୋର୍ଟ ତାଙ୍କୁ ୬ମାସର କାରାଦଣ୍ଡ ସଜା ଶୁଣାଇଛନ୍ତି। ଘଟଣାର ବିବରଣୀ, ୨୦୨୪ ମସିହାରେ ଅଭିଯୁକ୍ତ ସନ୍ତୋଷ କୁମାର ସାହୁ ଶିଶୁପାଳଗଡ଼ସ୍ଥିତ ଶକ୍ତି ନଗରରେ ଅଭିଯୋଗକାରିଣୀଙ୍କ ଘର ଉପର ମହଲାରେ ଭଡ଼ାଟିଆ ଭାବେ ରହୁଥିଲା। ଏହି ସମୟରେ ପଡ଼ୋଶୀ ଭାବେ ସୁସମ୍ପର୍କର ଫାଇଦା ଉଠାଇ, ସେ ଅଭିଯୋଗକାରିଣୀ ଓ ତାଙ୍କ ଭଉଣୀଙ୍କୁ ଏକ ମେଡିକାଲ୍ ଅନୁଷ୍ଠାନରେ ସରକାରୀ ଚାକିରି କରାଇଦେବ ବୋଲି ମିଥ୍ୟା ପ୍ରତିଶ୍ରୁତି ଦେଇଥିଲା। ତା' କଥାରେ ବିଶ୍ୱାସ କରି ଅଭିଯୋଗକାରିଣୀଙ୍କ ପରିବାର ୧,୦୫,୫୦୦ ଟଙ୍କା ଫୋନ୍ ପେ' ମାଧ୍ୟମରେ ଏବଂ ୭୦,୦୦୦ ନଗଦ ଆକାରରେ ମୋଟ ୧,୭୫,୫୦୦ ଟଙ୍କା ତାକୁ ଦେଇଥିଲେ। ଟଙ୍କା ନେବା ପରେ ଅଭିଯୁକ୍ତ ଜଣକ ଚାକିରି କରାଇନଥିଲା ଏବଂ ମାତ୍ର ୪୫,୦୦୦ ଟଙ୍କା ଫେରାଇ ପରିବାର ଲୋକଙ୍କୁ ଧରାଛୁଆଁ ଦେଇନଥିଲା। ପରେ ସେ ରହଣି ସ୍ଥାନ ବଦଳାଇ ଲକ୍ଷ୍ମୀସାଗର ପଳାଇଥିଲା। ଗତ ଅଗଷ୍ଟ ମାସରେ ଅଭିଯୋଗକାରିଣୀ ଲକ୍ଷ୍ମୀସାଗର ଯାଇ ତାଙ୍କ ବାକି ଟଙ୍କା ଫେରସ୍ତ ମାଗିବାରୁ ଅଭିଯୁକ୍ତ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଧମକ ଦେଇଥିଲା। ଏନେଇ ଗତ ୨୧.୦୮. ୨୦୨୬ ରିଖରେ ଧଉଳି ଥାନାରେ ଏତଲା ଦିଆଯାଇଥିଲା। ଧଉଳି ଥାନାର ଏସଆଇ ବିଦ୍ଭୁନାରାୟଣ ସାହୁ ଏହି ମାମଲାର ତଦନ୍ତ କରିଥିଲେ। ପୋଲିସ ଡିଜିଟାଲ୍ ଆର୍ଥିକ କାରବାରର ପ୍ରମାଣ ସଂଗ୍ରହ କରି ଅଭିଯୁକ୍ତକୁ ଗିରଫ କରିଥିଲା। ତଦନ୍ତରୁ ଜଣାପଡିଥିଲା ଯେ ସେ ଜଣେ ଅଭ୍ୟାସଗତ ଠକ ଏବଂ ସମାନ ଢଙ୍ଗରେ ଠକେଇ କରିଥିବାରୁ ତା' ନାମରେ ଧଉଳି ଥାନା କେସ୍ ନଂ ୨୦୭ ଓ ବଡ଼ଗଡ଼ ଥାନାରେ କେସ୍ ନଂ ୬୩୬ ମଧ୍ୟ ମାମଲା ରହିଛି। ମାମଲାର ବିଚାର ସମୟରେ ସରକାରୀ ଓକିଲ ରାଜଲକ୍ଷ୍ମୀ ନାୟକ ବଳିଷ୍ଠ ପ୍ରମାଣ ଉପସ୍ଥାପନ କରିଥିଲେ। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଅନୁଧ୍ୟାନ କରି ମାନ୍ୟବର ଅଦାଲତ ଆଜି ଅଭିଯୁକ୍ତ ସନ୍ତୋଷ କୁମାର ସାହୁକୁ ବିଏନଏସର ଧାରା ୩୧୮(୪) ଆଧାରରେ ଦୋଷୀ ସାବ୍ୟସ୍ତ କରିଛନ୍ତି। କୋର୍ଟ ଅଭିଯୁକ୍ତକୁ ୬ ମାସର କାରାଦଣ୍ଡ ସହିତ ୨୦,୦୦୦ ଟଙ୍କା ଜୋରିମନା ଆଦେଶ ଶୁଣାଇଛନ୍ତି। ସୂଚନାଯୋଗ୍ୟ ଯେ, ଗତବର୍ଷ ୧୦୦ରୁ ଅଧିକ ମାମଲାରେ ଦୋଷୀମାନଙ୍କୁ ସଜା ଦିଆଯାଇଥିବା ବେଳେ, ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲା ପୁଲିସ ପକ୍ଷରୁ ଚଳିତ ବର୍ଷର ଏହା ହେଉଛି ୧୨୫ ତମ ମାମଲା।

ସ୍ତ୍ରୀକୁ ଆକ୍ରମଣ କରି ସ୍ୱାମୀ ଅଟକ

ପିପିଲି(ନିପ୍ର): ପିପିଲି ବିଜ୍ଞାପିତ ପରିଷଦ ଅଞ୍ଚଳରେ ଜଣେ ବିବାହିତା ମହିଳା ଘରଭଡା କରି ରହିଥିବା ବେଳେ ତାର ସ୍ୱାମୀ ହତ୍ୟା କରିବା ଉଦେଶ୍ୟରେ ଗୁରୁବାର ରାତ୍ରିରେ ମରଣାନ୍ତକ ଆକ୍ରମଣ କରିଥିବା ନେଇ ପିପିଲି ଥାନାରେ ଅଭିଯୋଗ କରିଥିବା ସୂଚନା ମିଳିଛି। ପୋଲିସ ଅଭିଯୋଗ ପାଇ ସ୍ୱାମୀକୁ ଥାନାରେ ଅଟକ ରଖିଛି। ସେପଟେ ମହିଳା ଜଣକ ପୋଲିସ ସହାୟତାରେ ଭୁବନେଶ୍ୱରରେ ଚିକିତ୍ସା ହେଉଛନ୍ତି। ଉକ୍ତ ଅଞ୍ଚଳର ରସ୍ମିତା ମହାପାତ୍ର ନାମକ ମହିଳା ସେହି ଅଞ୍ଚଳର ଜଣେ ଯୁବକଙ୍କୁ ପ୍ରେମ ବିବାହ କରିଥିଲେ। ସ୍ୱାମୀ ତାଙ୍କୁ ନିର୍ଯାତନା ଦେବାରୁ ସେ ଏ ନେଇ ପିପିଲି ଥାନାରେ ଅଭିଯୋଗ କରିବାରେ ପିପିଲି ପୋଲିସ ଅଭିଯୋଗ ଆଧାରରେ ମାମଲା ଆଗତ କରି ପ୍ରାଥମିକ ତଦନ୍ତ ଚଳାଇଛି। ଏହାରି ମଧ୍ୟରେ ରସ୍ମିତା ସ୍ୱାମୀଙ୍କ ନିକଟରେ ନ ରହି ପୁଅକୁ ନେଇ ପିପିଲି ଶାସନରେ ରହୁଥିଲା। ସ୍ୱାମୀ ଗୁରୁବାର ରାତ୍ରିରେ ସେଠାରେ ପହଞ୍ଚି ହତ୍ୟା କରିବା ଉଦେଶ୍ୟ ରଖି ସସ୍ମିତାଙ୍କ ତଣ୍ଟିକୁ ଚିପିଧରି ହତ୍ୟା କରିବା ପାଇଁ ଛୁରି ଭୁଷିବାକୁ ଉଦ୍ୟମ କରିଥିଲା। ଘର ଭିତରେ ଶବ୍ଦ ଶୁଣି ଘର ମାଲିକ ସେଠାରେ ପହଞ୍ଚିଥିଲେ। ଘର ମାଲିକ ସସ୍ମିତାଙ୍କୁ ବେହୋସରୁ ପାଣି ସିଞ୍ଚି ଚେତା ଫେରାଇଥିଲେ। ସସ୍ମିତା ସାମାନ୍ୟ ଆଶ୍ୱସ୍ତି ପାଇବା ପରେ ୧୧୨କୁ ଫୋନ କରିବାରେ ପିପିଲି ପୋଲିସ ପହଞ୍ଚି ଉକ୍ତ ଘରୁ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିବା ସସ୍ମିତା ଅଭିଯୋଗରେ ଦର୍ଶାଇଛନ୍ତି।

୧୨ ବର୍ଷ ପରେ ହତ୍ୟାକାଣ୍ଡର ଅଭିଯୁକ୍ତ ଧରାପଡିଲା

ଭୁବନେଶ୍ୱର(ନି.ପ୍ର): ୨୦୧୪ ମସିହାର ଏକ ବହୁଚର୍ଚ୍ଚିତ ସଂଘବଦ୍ଧ ହତ୍ୟାକାଣ୍ଡ ଓ ମୃତଦେହ ଲୁଚାଇବା ମାମଲାରେ ଦୀର୍ଘ ୧୨ ବର୍ଷ ଧରି ଫେରାର୍ ଥିବା ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ସଞ୍ଜୁ ଓରଫ୍ ସଞ୍ଜୟ ପଲେଇକୁ ନୟାପଲ୍ଲୀ ଥାନା ପୋଲିସ ଗିରଫ କରିବାରେ ସଫଳ ହୋଇଛି। ଶୁକ୍ରବାର ତାକୁ ପୋଲିସ କୋର୍ଟ ଚାଲାଣ କରିଛି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ନୟାପଲ୍ଲୀ ସ୍ଥିତ 'ଇଗଲ୍ ଟେକ୍ନୋଲୋଜି ରିସୋର୍ସେସ୍'ରେ ଅଫିସ୍ ସହାୟକ ଭାବେ କାର୍ଯ୍ୟରତ ବାଲିପାଟଣା ଅଞ୍ଚଳର ଗଦାଧର ବେହେରା କମ୍ପାନୀ ପରିସରର ଏକ କ୍ୱାର୍ଟର୍ସରେ ରହୁଥିଲେ। ସେହି କମ୍ପାନୀରେ ନିୟୋଜିତ ଥିବା ସିକ୍ୟୁରିଟି ଗାର୍ଡ ବିଶ୍ୱକଲ୍ୟାଣ ପଶୁପାଳକ ମୃତକ ଗଦାଧରଙ୍କ ପତ୍ନୀଙ୍କ ପ୍ରତି ଏକତରଫା ଦୁର୍ବଳତା ପ୍ରକାଶ କରିବା ସହ ତାଙ୍କ ଘରକୁ ବାରମ୍ବାର ଯିବାଆସିବା କରୁଥିଲା। ଗଦାଧର ଏହାକୁ ବିରୋଧ କରିବାରୁ ତାଙ୍କୁ ରାସ୍ତାରୁ ହଟାଇବା ପାଇଁ ବିଶ୍ୱକଲ୍ୟାଣ ହତ୍ୟା ଯୋଜନା ପ୍ରସ୍ତୁତ କରିଥିଲା।

ସୁନ୍ଦରଗଡ଼ରେ ଯୁବକଙ୍କୁ ଗୁଳିକରି ହତ୍ୟା ମାମଲା: ୧୧ ଜଣ ଗିରଫ

ସୁନ୍ଦରଗଡ଼: ସୁନ୍ଦରଗଡ଼ ଜିଲ୍ଲାରେ ଗୁଳିକାଣ୍ଡକୁ ନେଇ ଚାଞ୍ଚଲ୍ୟ। ଭଷ୍ମା ଥାନା ଅନ୍ତର୍ଗତ ଦର୍ଲିପାଲି ଅଞ୍ଚଳରେ ଗୁଳିମାଡ଼ରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଆସ୍ ଟ୍ରାନ୍ସପୋର୍ଟ ବ୍ୟବସାୟକୁ କେନ୍ଦ୍ର କରି ଏହି ଗୁଳିକାଣ୍ଡ ହୋଇଥିବା ବେଳେ, ଘଟଣାର ପ୍ରତିବାଦରେ ଫ୍ଲାଏଆସ୍ ଗାଡ଼ିରୁ ଟଙ୍କା ଆଦାୟ କରୁଥିବା ସଂସ୍ଥା କାର୍ଯ୍ୟାଳୟକୁ ନିଆଁ ଲଗାଇବା ସହ ଏକ କାରକୁ ମଧ୍ୟ ନିଆଁ ଲଗାଇ ଦେଇଛନ୍ତି ଉତ୍ତ୍ୟକ୍ତ ଲୋକେ। ଏହା ସହ ରାସ୍ତା ଉପରେ ମୃତ ଦେହ ରଖି ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି। ଅବଶ୍ୟ ଘଟଣାସ୍ଥଳରେ ପୋଲିସ ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନ ଲୋକଙ୍କୁ ବୁଝାସୁଝା କରୁଥିବା ବେଳେ ଲୋକେ ରାସ୍ତାରେ ଆନ୍ଦୋଳନ ଜାରି ରଖିଛନ୍ତି। ସେପଟେ ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡକୁ ଧରିବା ପାଇଁ ପୋଲିସ ଉଦ୍ୟମ ଆରମ୍ଭ କରିଥିବା ବେଳେ, ଏପର୍ଯ୍ୟନ୍ତ ଘଟଣାରେ ୧୧ ଜଣକୁ ଗିରଫ କରାଯାଇଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ବେଆଇନ ବାଣ କାରଖାନା ଠାବ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନି.ପ୍ର): ରାଜଧାନୀ ଉପକଣ୍ଠ ତଥା ଏୟାରଫିଲ୍ଡ ଥାନା ବ୍ରହ୍ମକୁଣ୍ଡଳ ଗାଁରେ ଚାଲିଥିବା ବେଆଇନ ବାଣ କାରଖାନା ଉପରେ ଚଢାଉ କରିଛି। ଚଢାଉ ବେଳେ ପୁଲିସ ବିପୁଳ ପରିମାଣର ବାଣ ଓ ବାଣ ତିଆରି ସାମଗ୍ରୀ ଜବତ କରିଛି। ଏହି ଘଟଣାରେ ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଚିତ୍ତରଂଜନ ଜେନା। ପୁଲିସ ତାକୁ ଆଜି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ, ବେଶ କିଛିଦିନ ହେଲା ବ୍ରହ୍ମକୁଣ୍ଡଳ ଗାଁର ଚିତ୍ତରଂଜନ ଜେନା ତାଙ୍କ ଘରେ ବେଆଇନ ଭାବେ ବିସ୍ଫୋରକ ବାଣ ତିଆରି କରୁଥିଲେ। ଏନେଇ ଜଣାପଡିବା ପରେ ଏୟାରଫିଲ୍ଡ ଥାନା ପୁଲିସ ସେଠାରେ ଚଢାଉ କରିଥିଲେ। ଚଢାଉ ବେଳେ ପୁଲିସ ବିପୁଳ ପରିମାଣର ବାଣ ଓ ବାଣ ତିଆରି ସାମଗ୍ରୀ ଜବତ କରିଥିଲା। ଜବତ ବାଣ ଓ ସାମଗ୍ରୀର ମୂଲ୍ୟ ୫୦ ଲକ୍ଷରୁ ଅଧିକ ହେବ ବୋଲି ଆକଳନ କରାଯାଉଛି। ବିନା ଲାଇସେନ୍ସରେ ଅସୁରକ୍ଷିତ ଭାବେ ବାଣ ବିସ୍ଫୋରକ ବାଣ ତିଆରି କରୁଥିବା ଅଭିଯୋଗରେ ପୁଲିସ ମାଲିକ ଚିତ୍ତରଂଜନକୁ ଗିରଫ କରିଛି।

କାକଟପୁର ବିଜେପିରେ ଗୋଷ୍ଠୀ କନ୍ଦଳ ଦିନକୁ ଦିନ ଉଗ୍ରରୂପ ନେଉଛି !

■ ପରସ୍ପର ବିରୋଧରେ ଥାନାରେ ଏତଲା

କାକଟପୁର(ନିପ୍ର): କାକଟପୁର ନିର୍ବାଚନ ମଣ୍ଡଳୀ କାକଟପୁର ଓ ଅସ୍ତରଙ୍ଗ ବିଜେପିର ଆଭ୍ୟନ୍ତରୀଣ ଗୋଷ୍ଠୀ କନ୍ଦଳ ଦିନକୁ ଦିନ ଉଗ୍ରରୂପ ଧାରଣ କରୁଥିବା ଦେଖିବାକୁ ମିଳିଛି। ଦଳୀୟ ନେତା ଓ କର୍ମୀଙ୍କ ମଧ୍ୟରେ ତିକ୍ତତା ଏବେ ଥାନା ଓ ଆଇନର ଦ୍ୱାରସ୍ଥ ହୋଇଛି। ଗତ ୩ ତାରିଖରେ ଘଟିଥିବା ଦୁଇଟି ପୃଥକ ଘଟଣାକୁ ନେଇ କାକଟପୁର ଥାନାରେ ଅଭିଯୋଗ ହେବା ସହ ଦୁଇଟି ମାମଲା ରୁଜୁ ହୋଇଛି। ଏହାକୁ ନେଇ ଅଞ୍ଚଳର ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ପ୍ରଥମ ଘଟଣାରେ ଅସ୍ତରଙ୍ଗ ଅଞ୍ଚଳର ସାମ୍ବାଦିକ ପର୍ଶୁରାମ ନାୟକଙ୍କ ଅଭିଯୋଗ ଆଧାରରେ ଅସ୍ତରଙ୍ଗ ମଣ୍ଡଳ ସଭାପତି ଇନ୍ଦ୍ରମଣି ଜେନାଙ୍କ ନାମରେ କାକଟପୁର ଥାନାରେ କେସ୍ ନଂ ୪୦୭/୨୦୨୬ ରୁଜୁ ହୋଇଛି। ଏତଲା ଅନୁଯାୟୀ, ଗତ ୩ ତାରିଖ ଅପରାହ୍ନ ପ୍ରାୟ ୪ଟା ସମୟରେ ମୁଳାଗଡ଼ା ପେଟ୍ରୋଲ ପମ୍ପ ନିକଟରେ ତାଙ୍କୁ ଅଟକାଇ ଗାଳିଗୁଲଜ କରିବା, ମାଡ଼ ମାରିବା ଏବଂ ପକେଟରୁ ୧୫୦୦ ଟଙ୍କା ଛଡ଼ାଇ ନେବା ଭଳି ଅଭିଯୋଗ ହୋଇଛି। ଏହାକୁ ଆଧାର କରି ବିଏନ୍‌ଏସ୍‌ର ଧାରା ୧୧୫(୨), ୧୨୬(୨), ୨୯୬, ୩୦୩(୨) ଓ ୩୫୧(୨) ଅନୁଯାୟୀ ପୁଲିସ ମାମଲା ରୁଜୁ କରିଛି। ସେହିପରି ଦ୍ୱିତୀୟ ଘଟଣାରେ ସାଂସଦଙ୍କ ପ୍ରତିନିଧି ରାକେଶ ବିଶ୍ୱାଳ (ରିଙ୍କୁ)ଙ୍କ ପକ୍ଷରୁ ମଧ୍ୟ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ସୋମେଶ୍ୱର ମନ୍ଦିର ନିକଟରେ ତାଙ୍କୁ ଗାଳିଗୁଲଜ, ମାଡ଼ ଓ ଟଙ୍କା ଛଡ଼ାଇ ନେବା ସହ ଜୀବନରୁ ମାରିଦେବାକୁ ଧମକ ଦିଆଯାଇଥିଲା। ଏହି ଘଟଣାରେ ମଧ୍ୟ ଇନ୍ଦ୍ରମଣି ଜେନାଙ୍କ ନାମ ଅଭିଯୋଗରେ ଉଲ୍ଲେଖ ଥିବା ଜଣାପଡ଼ିଛି। ଏନେଇ କାକଟପୁର ଥାନାରେ କେସ୍ ନଂ ୪୦୮/୨୦୨୬ ରୁଜୁ ହୋଇଥିବା ସୂଚନା ମିଳିଛି। ଏହାକୁ ନେଇ ଘଟଣା ଆହୁରି ଜଟିଳ ହୋଇଥିବାବେଳେ ଅଭିଯୋଗକାରୀ ପର୍ଶୁରାମ ନାୟକ ପୁନର୍ବାର ଏକ ଏତଲା ଦାଖଲ କରିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ, ମଣ୍ଡଳ ସଭାପତିଙ୍କ ବିରୋଧରେ ଏତଲା ଦେବା ପରେ ବିଜେପିର ବିଧାୟକ ପ୍ରାର୍ଥୀ ବାଇଧର ମଲ୍ଲିକ ଓ ସାଂସଦ ପ୍ରତିନିଧି ଦିବାକର ଛାଟୋଇ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ସେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗର ସତ୍ୟତା ପୁଲିସ ତଦନ୍ତ ପରେ ସ୍ପଷ୍ଟ ହେବ। ଗୋଟିଏ ପଟେ ଦଳୀୟ ନେତାଙ୍କ ନାମରେ ଆକ୍ରମଣ ଓ ଅର୍ଥ ଛଡ଼ାଇ ନେବା ଭଳି ଅଭିଯୋଗ, ଅନ୍ୟପଟେ ପୁନର୍ବାର ହତ୍ୟା ଧମକ ଅଭିଯୋଗ କାକଟପୁର ଓ ଅସ୍ତରଙ୍ଗ ବିଜେପିର ଆଭ୍ୟନ୍ତରୀଣ ବିବାଦକୁ ସାମ୍ନାକୁ ଆଣିଛି। ଏହି ଘଟଣାକ୍ରମରେ ରିଙ୍କୁଙ୍କ ଲୋକପ୍ରିୟତା ବଢୁଥିବା ନେଇ ମଧ୍ୟ ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଏଥିରେ ଅପର ପକ୍ଷର କିଛି ଦଳ ଡିଆଁ ନେତା ରିଙ୍କୁଙ୍କ ଲୋକପ୍ରିୟତାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ତେବେ ଏହି ବିବାଦ ଦଳର ସାଂଗଠନିକ ଏକତାକୁ କେତେଦୂର ପ୍ରଭାବିତ କରିବ, ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ। ଅନ୍ୟପକ୍ଷରେ, ଉଭୟ ପକ୍ଷର ଅଭିଯୋଗକୁ ନିରପେକ୍ଷ ଭାବେ ତଦନ୍ତ କରି ସତ୍ୟାସତ୍ୟ ଉନ୍ମୋଚନ କରିବା ସହ ଦୋଷୀଙ୍କ ବିରୋଧରେ ଆଇନାନୁଯାୟୀ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

ଭିଜିଲାନ୍ସ ଜାଲରେ ବାଲିଆପାଳ ସବ୍ ରେଜିଷ୍ଟ୍ରାର



ଜଳେଶ୍ୱର/କଟକ(ନିପ୍ର): ଜମି ରେଜିଷ୍ଟ୍ରେସନ କରିବା ପାଇଁ ସବ ରେଜିଷ୍ଟ୍ରାର ୭ ହଜାର ଟଙ୍କା ଲାଞ୍ଚ ନେଉଥିଲା ବେଳେ ମାଡି ବସିଲା ଭିଜିଲାନ୍ସ ବିଭାଗ। ବାରିପଦା ଭିଜିଲାନ୍ସ ବିଭାଗର ୮ ଜଣିଆ ଟିମର ଚଢ଼ାଉ ଜାରି। ସବ ରେଜିଷ୍ଟ୍ରାର ମନୀଷା ମିଶ୍ରଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ବାଲିଆପାଳ ସବ ରେଜିଷ୍ଟ୍ରାର ଅଫିସରେ ସବ ରେଜିଷ୍ଟ୍ରାର ମନୀଷା ମିଶ୍ର ଦୀର୍ଘ ୮ ମାସ ଧରି କାର୍ଯ୍ୟ କରି ଆସୁଛନ୍ତି। ସେ ବିଭିନ୍ନ ସମୟରେ ବିଭନ୍ନ କାମ ପାଇଁ ଲାଞ୍ଚ ନିଅନ୍ତି। ତେବେ ବାଲିଆପାଳ ଅଂଚଳର ଜ୍ଞାନରଞ୍ଜନ ପାତ୍ରଙ୍କର ଜମିର ରେଜିଷ୍ଟ୍ରେସନ କରିବା ପାଇଁ ସବ ରେଜିଷ୍ଟ୍ରାର ମନୀଷା ମିଶ୍ର ୧୦ ହଜାଇ ଟଙ୍କା ଲାଞ୍ଚ ମାଗିଥିଲେ। ପରବର୍ତ୍ତୀ ସମୟରେ ଗୁରୁବାର ୭ ହଜାର ଟଙ୍କାରେ ଡିଲ ଫାଇନାଲ ହୋଇଥିଲା। ଏନେଇ ଜ୍ଞାନରଞ୍ଜନ ପାତ୍ର ବାରିପଦା ଭିଜିଲାନ୍ସ ବିଭାଗକୁ ଜଣାଇଥିଲେ। ଯୋଜନା ଅନୁଯାୟୀ ଶୁକ୍ରବାର ପାଖାପାଖି ୧୨ଟା ସମୟରେ ଜ୍ଞାନରଞ୍ଜନ ୭ ହଜାର ଟଙ୍କା ନେଇ ସବ ରେଜିଷ୍ଟ୍ରାର ମନୀଷା ମିଶ୍ରଙ୍କ ପାଖକୁ ଆସିଥିଲେ ଏବଂ ଟଙ୍କା ଦେଇଥିଲେ। ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ ଭିଜିଲାନ୍ସ ବିଭାଗର ୮ ଜଣିଆ ଟିମ ଚଢ଼ାଉ କରି ୭ ହଜାର ଟଙ୍କା ଜବତ କରିବା ସହ ସବ ରେଜିଷ୍ଟ୍ରାର ମନୀଷା ମିଶ୍ରଙ୍କୁ ଗିରଫ କରିଥିଲେ।

ନୂଆବର୍ଷ ପୂର୍ବରୁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ



ଭୁବନେଶ୍ୱର/ପୁରୀ(ନିପ୍ର), ୬।୧୧: ଆସନ୍ତା ନୂଆବର୍ଷ ପୂର୍ବରୁ ପୁରୀ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବ । ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶୁକ୍ରବାର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ କାର୍ତ୍ତିକ ବ୍ରତ ପରେ ନୂଆବର୍ଷ ପୂର୍ବରୁ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବ। ଏଥିପାଇଁ ସମସ୍ତ ପ୍ରକାର ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏକା ସଙ୍ଗେ ୮ଟି ରାମ୍ପରେ ଦର୍ଶନ କରିବେ ଶ୍ରଦ୍ଧାଳୁ। ରାମ୍ପ ଲାଗିବା ପରେ ଘଣ୍ଟାଏ ଭିତରେ ପ୍ରାୟ ୧୦ ହଜାର ଶ୍ରଦ୍ଧାଳୁ ଦର୍ଶନ କରିପାରିବେ। ସାତ ପାହାଚ ପରେ ଗରୁଡ଼ ସ୍ତମ୍ଭରୁ ବାହାର କାଠ ମଧ୍ୟରେ ଏହି ବ୍ୟବସ୍ଥା ଲାଗୁ ହେବ। ଛତିଶା ନିଯୋଗ ଓ ପରିଚାଳନା କମିଟି ପରିଦର୍ଶନ ପରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଲାଗୁ ହେବ।

୪ ଜେଲରଙ୍କୁ ବଦଳି



ଭୁବନେଶ୍ୱର,୬।୧୧: ରାଜ୍ୟ ଗୃହ ବିଭାଗ ପକ୍ଷରୁ ପ୍ରଶାସନିକ ସ୍ତରରେ ଅଦଳବଦଳ କରାଯାଇଛି। ଏହି କ୍ରମରେ ବିଭିନ୍ନ ଜେଲରେ କାର୍ଯ୍ୟରତ ୪ ଜଣ ଜେଲରଙ୍କୁ ଅନ୍ୟ ଜେଲକୁ ବଦଳି କରାଯାଇଛି। ପୁରୀ ଜିଲ୍ଲା କାରାଗାରର ଜେଲର ଶୁଭସ୍ମିତା ବିଶ୍ୱାଳଙ୍କୁ ଜୟପୁର ସ୍ୱତନ୍ତ୍ର ଜେଲକୁ ବଦଳି କରାଯାଇଛି। ସେହିପରି କଟକ ସର୍କଲ ଜେଲର ଜେଲର ରଘୁନାଥ ମାଝୀଙ୍କୁ ବଣାଇଗଡ଼ ଜେଲକୁ ବଦଳି ହୋଇଛି। ଅନ୍ୟପକ୍ଷରେ ଭୁବନେଶ୍ୱର ଜେଲର ଅବିନାଶ ବେହେରାଙ୍କୁ ନବରଙ୍ଗପୁର ସବ୍‌ଜେଲକୁ ଏବଂ ଫୁଲବାଣୀ ଜେଲର ଲଲାଟେନ୍ଦୁ ଭୂଷଣ ଦାସଙ୍କୁ କଟକ ସର୍କଲ ଜେଲକୁ ବଦଳି କରାଯାଇଛି।

ବିଲରେ ମୁଣ୍ଡବିହୀନ ମୃତଦେହ

ହତ୍ୟା ସନ୍ଦେହ,ଡ୍ରୋନ ଜରିଆରେ ତନାଘନା

ଭବାନୀପାଟଣା,୬।୧୧: ଏକ ଧାନ ବିଲରୁ ମୁଣ୍ଡବିହୀନ ଅଜଣା ମୃତଦେହ କଳାହାଣ୍ଡି ଜିଲ୍ଲା କୋକସରା ଥାନା ଅନ୍ତର୍ଗତ ଲଡୁଗାଁରୁ ସୁପାଡ଼ ଯିବା ରାସ୍ତାରେ ଠାବ ପରେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ମୃତଦେହରେ ଏକାଧିକ କଟା ଦାଗ ରହିଥିବା ବେଳେ ଏହା ମୁଣ୍ଡବିହୀନ ରହିଛି। ଏଣୁ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଇଛି। ପୁଲିସର ସନ୍ଧାନୀ କୁକୁର, ବିଶେଷଜ୍ଞ ଦଳ ଏପରିକି ଡ୍ରୋନ କ୍ୟାମେରାକୁ ନିୟୋଜିତ କରାଯାଇଛି। ସୂଚନା ଅନୁଯାୟୀ, ଅପରାହ୍ନରେ ଲଡୁଗାଁ ବନ୍ଧପଡ଼ାର ଜଣେ ଚାଷୀ ନିଜ ଚାଷ ଜମିକୁ ଯାଇଥିବା ବେଳେ ସେଠାରେ ଏକ ମୃତଦେହ ପଡ଼ିଥିବା ଦେଖିଥିଲେ। ଏନେଇ ଅଞ୍ଚଳରେ ଖବର ପ୍ରସାରିତ ହେବା ପରେ କୋକସରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଶୁକ୍ରବାର ସକାଳେ ମୃତଦେହ ଉଦ୍ଧାର କରାଯାଇଥିଲା।

୮୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେରଫେର ଅଭିଯୋଗ

ଭାସ୍କର ରାଓଙ୍କ ବଢ଼ିଲା ଅଡୁଆ

ରାୟଗଡ଼ା,୬।୧୧(ନିପ୍ର): ରାୟଗଡ଼ା ଟ୍ରକ୍ ମାଲିକ ସଂଘର କୋଟି କୋଟି ଟଙ୍କାର ଆର୍ଥିକ କାରବାରକୁ ନେଇ ଏବେ ତଦନ୍ତ ପରିସରକୁ ଆସିଛନ୍ତି ପୂର୍ବତନ ରାଜ୍ୟସଭା ସାଂସଦ ତଥା ସଂଘର ପୂର୍ବତନ ସଭାପତି ଏନ୍. ଭାସ୍କର ରାଓ। ୮୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆର୍ଥିକ ହେରଫେର, ବେଆଇନ ଅର୍ଥ ଆଦାୟ, ଧମକଚମକ ଓ ସଂଘର ପାଣ୍ଠିର ଅପବ୍ୟବହାର ଭଳି ଗୁରୁତର ଅଭିଯୋଗକୁ ନେଇ ରାଜ୍ୟ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ) ପକ୍ଷରୁ ବଡ଼ଧରଣର ତଲାସି ଅଭିଯାନ ଆରମ୍ଭ ହୋଇଛି। ନଭେମ୍ବର ୬ ତାରିଖରେ ରାୟଗଡ଼ା ଓ ଭୁବନେଶ୍ୱରର ମୋଟ ୧୧ଟି ସ୍ଥାନରେ ୮ଟି ସ୍ୱତନ୍ତ୍ର ଟିମ୍ ଏକକାଳୀନ ଚଢ଼ାଉ କରିବା ଘଟଣା ରାଜନୈତିକ ଓ ପ୍ରଶାସନିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି । ଏହି ଚଢ଼ଉର ଉଦ୍ଦେଶ୍ୟ ହେଉଛି ଟ୍ରକ୍ ମାଲିକ ସଂଘର ଆର୍ଥିକ କାରବାର, ଅର୍ଥ ସଂଗ୍ରହର ଉତ୍ସ, ବିଭିନ୍ନ ବ୍ୟାବସାୟିକ ସଂସ୍ଥା ସହ ସମ୍ପର୍କ ଏବଂ ସଂଗୃହୀତ ଅର୍ଥର ବିନିଯୋଗ ସମ୍ପର୍କରେ ତଥ୍ୟ ଓ ଦସ୍ତାବିଜ୍ ସଂଗ୍ରହ କରିବା । ତଦନ୍ତ ସଂକ୍ରାନ୍ତ ପ୍ରାଥମିକ



ଅଭିଯୋଗ ଅନୁଯାୟୀ, ୨୦୦୫ ମସିହାରୁ ରାୟଗଡ଼ା ଟ୍ରକ୍ ମାଲିକ ସଂଘର ସଦସ୍ୟ ଓ ଟ୍ରକ୍ ମାଲିକମାନଙ୍କଠାରୁ ବିଭିନ୍ନ ଆଳରେ ଅର୍ଥ ଆଦାୟ କରାଯାଉଥିଲା। ହେଲେ ଏହି ଅର୍ଥ ସଂଗ୍ରହର ଉପଯୁକ୍ତ ହିସାବ ରଖାଯାଉନଥିବା କିମ୍ବା ଅର୍ଥ ପ୍ରଦାନ ବଦଳରେ ଆବଶ୍ୟକ ରସିଦ୍ ଦିଆଯାଉନଥିବା ଅଭିଯୋଗ ହୋଇଛି। ଏହା ସହିତ ଜୋରଜବରଦସ୍ତି ଟଙ୍କା ଆଦାୟ ଓ ଧମକଚମକ ଦିଆଯାଉଥିବା ନେଇ ମଧ୍ୟ ଅଭିଯୋଗ ଉଠିଛି। ଅଭିଯୋଗଗୁଡ଼ିକର ସତ୍ୟତା ଓ ଅର୍ଥ କେଉଁଠାକୁ ଯାଇଛି, ତାହା

୧୧ ସ୍ଥାନରେ ଇଓଡବ୍ଲୁ ଚଢ଼ାଉ; ୮ ଟିମ୍‌ର ଏକକାଳୀନ ତଲାସି

ତଦନ୍ତ ପରେ ସ୍ପଷ୍ଟ ହେବ। ଇଓଡବ୍ଲୁର ଚଢ଼ାଉ ତାଲିକାରେ କେବଳ ବ୍ୟକ୍ତିଗତ ବାସଭବନ ନୁହେଁ, ବିଭିନ୍ନ ବ୍ୟାବସାୟିକ ପ୍ରତିଷ୍ଠାନ ମଧ୍ୟ ସାମିଲ ରହିଛି। ରାୟଗଡ଼ାରେ ଏନ୍. ଭାସ୍କର ରାଓଙ୍କ ରାଣୀଗୁଡ଼ା ଫାର୍ମସ୍ଥିତ ବାସଭବନ ସହ ବି. ମନ୍ମଥ ରାଓଙ୍କ ପିତଳା ଷ୍ଟ୍ରିଟ୍ ସ୍ଥିତ ବାସଭବନ, ଜି. କୃଷ୍ଣଙ୍କ ରୟତ କଲୋନୀସ୍ଥିତ ବାସଭବନ, ରାୟଗଡ଼ା ଟ୍ରକ୍ ମାଲିକ ସଂଘର ମୁଖ୍ୟ କାର୍ଯ୍ୟାଳୟ ଏବଂ ଗୌତମ ନଗରସ୍ଥିତ ଶ୍ରୀ ଆଦିତ୍ୟ ଏଚ୍‌ପି ଏଣ୍ଟରପ୍ରାଇଜେସ୍ ଗ୍ୟାସ୍ ଏଜେନ୍ସିରେ ତଲାସି ଚାଲିଛି। ସେହିପରି ଭୁବନେଶ୍ୱରରେ ଫରେଷ୍ଟ ପାର୍କସ୍ଥିତ ଶ୍ରୀ ଆଦିତ୍ୟ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ୍, ବରମୁଣ୍ଡା ଏଚ୍‌ବି କଲୋନୀସ୍ଥିତ ଅରୁଣ ପାୱାର ପ୍ରୋଜେକ୍ଟ ଲିମିଟେଡ୍, ଭୀମପୁରସ୍ଥିତ ଆରି ଆଦିତ୍ୟ ଲଜିଷ୍ଟିକ୍ସ ପ୍ରାଇଭେଟ୍ ଲିମିଟେଡ୍ ଓ ଶ୍ରୀ ଆଦିତ୍ୟ ଟ୍ରେଡିଂ ଆଣ୍ଡ ମାର୍କେଟିଂ ପ୍ରାଇଭେଟ୍ ଲିମିଟେଡ୍‌ରେ ମଧ୍ୟ ଯାଞ୍ଚ କରାଯାଉଛି। ଏହାବ୍ୟତୀତ ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍‌ସ୍ଥିତ ଶ୍ରୀ ବାଲାଜୀ ରିଅଲ୍ ଇଷ୍ଟେଟ୍‌ସ୍ ଆଣ୍ଡ ଏଗ୍ରି ଡେଭଲପର୍ସ ଓ ଶ୍ରୀ ଆଦିତ୍ୟ ରିଅଲ୍ ଇଷ୍ଟେଟ୍ ଆଣ୍ଡ ଏଗ୍ରି ଡେଭଲପର୍ସ ପ୍ରତିଷ୍ଠାନକୁ ମଧ୍ୟ ତଲାସି ପରିସରଭୁକ୍ତ କରାଯାଇଛି।

ଫେବୃଆରୀ ୧୬ରୁ ସିବିଏସଇ ଦଶମ ଓ ଦ୍ୱାଦଶ ପରୀକ୍ଷା

ଭୁବନେଶ୍ୱର,୬।୧୧: ୨୦୨୭ ବୋର୍ଡ ପରୀକ୍ଷା ଲାଗି ଫେବୃଆରୀ ୧୬ରୁ ସିବିଏସଇ ଦଶମ ଏବଂ ଦ୍ୱାଦଶ ପରୀକ୍ଷା ଆରମ୍ଭ ହେବ। ସିବିଏସଇ ପକ୍ଷରୁ ଏନେଇ ତାରିଖ ଘୋଷଣା ହୋଇଛି । ସକାଳ ସାଢେ ୧୦ଟାରୁ ଆରମ୍ଭ ହେବ ପରୀକ୍ଷା। ପରୀକ୍ଷାର ୧୦୧ ଦିନ ପୂର୍ବରୁ ଜାରି ହୋଇଛି ତାରିଖ।



ଦଶମ ପରୀକ୍ଷା ଫେବୃଆରୀ ୧୬ରୁ ଆରମ୍ଭ ହୋଇ ମାର୍ଚ୍ଚ ୯ ତାରିଖ ଯାଏଁ ଚାଲିବ। ସେହିପରି ଦ୍ୱାଦଶ ପରୀକ୍ଷା ଫେବୃଆରୀ ୧୬ରୁ ଆରମ୍ଭ ହୋଇ ଏପ୍ରିଲ ୯ ତାରିଖ ଯାଏଁ ଚାଲିବ। ପ୍ରଥମ ଦିନ ଦଶମ ପିଲା ପେଣ୍ଟିଂ ପରୀକ୍ଷା ଦେବେ। ୧୭ ଫେବୃଆରୀ ରହିଛି ଗଣିତ ପରୀକ୍ଷା। ମୋଟ୍ ୮୩ ଟି ବିଷୟରେ ଦଶମ ପିଲା ଓ ଦ୍ୱାଦଶ ପିଲା ୧୨୧ଟି ବିଷୟରେ ପରୀକ୍ଷା ଦେବେ।

ଶରୀର ଓଡ଼ିଶାରେ, ମନ ଆନ୍ଧ୍ରରେ: ଦ୍ୱୈତ ଭାବ ବିପଦଜନକ !

ଭୁବନେଶ୍ୱର,୬।୧୧: ଆନ୍ଧ୍ର ପଞ୍ଚାୟତ ନିର୍ବାଚନରେ କେବଳ କୋରାପୁଟ କୋଟିଆ ନୁହେଁ,ଅଧିକନ୍ତୁ ଗଂଜାମ ପାତ୍ରପୁର ବ୍ଲକ ଓ ଗଜପତି ଜିଲ୍ଲା ରାୟଗଡ଼ ବ୍ଲକର ସୀମାନ୍ତବର୍ତ୍ତୀ ଗାଁ'ର ଲୋକେ ଭୋଟ ଦେଇଥିବା ନେଇ ବିଭିନ୍ନ ମହଲରେ ଭ୍ରୂକୁଞ୍ଚନ ସୃଷ୍ଟି ହୋଇଛି। ଆମ ରାଜ୍ୟ ସରକାରଙ୍କ ତମାମ କଟକଣା ଓ ପ୍ରସ୍ତୁତି ସତ୍ତ୍ୱେ ସ୍ଥିତି ପରିଶେଷରେ 'ରାତି ଅନିଦ୍ରା ମୁଗୁରା ମୁହଁ ମେଲା' ଭଳି ହେଲା ଏବଂ ଏଯାବତ୍ କେହି ଏନେଇ ନିଜ ମୁଣ୍ଡକୁ ଦୋଷ ନ ନେବା ବିଡ଼ମ୍ବନାର ବିଷୟ। ଅବଶ୍ୟ କୋଟିଆ ଅଞ୍ଚଳରେ ମତଦାନ ଦିନ ଆନ୍ଧ୍ର ପଶି ନ ପାରିବା ପରୋକ୍ଷରେ କୋଟିଆ ଓଡ଼ିଶାର ଏହାକୁ ହିଁ ପ୍ରକାରାନ୍ତେ ପ୍ରମାଣିତ କରିଛି। ତଥାପି ଆନ୍ଧ୍ରର ଆଣ୍ଟ ଭାଙ୍ଗୁନାହିଁ। କୋଟିଆରେ ପ୍ରଶାସନ ୧୬୩ ଧାରା ଲାଗୁ କଲା, ବିଭିନ୍ନ ରାଜନୈତିକ ଦଳର ନେତାଙ୍କ ଯାଏଁ ସଚେତନତା ସୃଷ୍ଟି କଲେ, କୋଟିଆର ଉପରସେମ୍ଲିରୁ ଆନ୍ଧ୍ର ପୋଲିସ ଶିବିର ହଟିଲା, ନେରେଡିବାଲସା ବୁଥ୍‌କୁ ସିଲ୍ କରାଗଲା, ଏପରି ବହୁ ଉଦ୍ୟମ ସତ୍ତ୍ୱେ ଯେଉଁ ଅମାନିଆ ଆନ୍ଧ୍ରରେ ଭୋଟ ଦେଲେ,ସେମାନେ ଏବେ ଓଡ଼ିଶା ମାଟି-ପାଣି-ପବନ ପ୍ରତି କୃତଘ୍ନ ହେଲେ ବୋଲି କହିବାକୁ ହେବ। ଏପରି ଅମାନିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆଗକୁ ସରକାରଙ୍କ ପକ୍ଷରୁ କିଭଳି ରହିବ , ତାହା ଉପରେ ନଜର ନିଶ୍ଚୟ ରହିବ। ଭୋଟ ଘୋ'ଘା ପରେ ଏବେ କୋଟିଆ ଖାଁ ଖାଁ। ଯେଉଁମାନେ ଭୋଟ ଦେଲେ ସେମାନଙ୍କ ଶରୀର ଓଡ଼ିଶାରେ , ମନ ଆନ୍ଧ୍ରରେ, ଏପରି ଦ୍ୱୈତ ଭାବ ବିପଦଜନକ କହିଲେ ଅତ୍ୟୁକ୍ତି ହେବ



ନାହିଁ। ଆନ୍ଧ୍ରର ନିର୍ବାଚନ ବିଜ୍ଞପ୍ତି ପରଠାରୁ କୋଟିଆରେ ପ୍ରଶାସନିକ ଏବଂ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଥିଲା। ହେଲେ କ'ଣ ହେବ ଆନ୍ଧ୍ର ତା'ର ରଣକୌଶଳରେ ଦି'ପାଦ ଆଗରେ ରହିଲା। ବୁଝାପଡୁନାହିଁ ସଂଘୀୟ ବ୍ୟବସ୍ଥାରେ ନ୍ୟାୟ ପାଇଁ ମାମଲା ସୁପ୍ରିମକୋର୍ଟରେ ବିଚାରାଧୀନ ଥିବା ବେଳେ ଆନ୍ଧ୍ର କିପରି ଅପସାହସ ଜୁଟାଇ କୋଟିଆ ବାସୀଙ୍କୁ ଆକର୍ଷିତ କରାଇ ଭୋଟ ନେବାରେ ସଫଳ ହେଲା ଏବଂ କେନ୍ଦ୍ର ସରକାର କିପରି ଚୁପ୍ ରହିଲେ, ତାହା ବଡ଼ ବିସ୍ମୟଜନକ। ନଦୀନାଳ,ପାହାଡ ଅଞ୍ଚଳ ଟପି ଆନ୍ଧ୍ରମୁହାଁ ହୋଇ ଯେଉଁମାନେ ଭୋଟ ଦେଲେ ଆନ୍ଧ୍ର ଭୋଟର କାର୍ଡ ଦେବା ବେଳେ କେନ୍ଦ୍ର ହୁଅନ୍ତୁ ବା ନିର୍ବାଚନ କମିଶନ ବ୍ୟବସ୍ଥା କିଭଳି ଅନୁମତି ଦେଲା ଏପରି କାର୍ଡ ହାସଲରେ ? ଜଣେ ବ୍ୟକ୍ତି ଏକାଧିକ ଭୋଟର କାର୍ଡ ହାତେଇବା ବ୍ୟବସ୍ଥାକୁ କିଭଳି ପ୍ରଶ୍ରୟ ଦିଆଯାଉଛି ? କୋଟିଆ ଅଞ୍ଚଳରେ ଜନସଂଖ୍ୟା ପ୍ରାୟ ୧୦ ହଜାର ହେବ ଓ କୁହାଯାଉଛି ଯେ ଆନ୍ଧ୍ରର ପଞ୍ଚାୟତ ନିର୍ବାଚନରେ ୧୧ଶହରୁ ଅଧିକ ଭୋଟର ଭୋଟ ଦେଲେ। ପ୍ରଶ୍ନ ଉଠୁଛି, କାହିଁକି ଓଡ଼ିଶା ମାଟି-ପାଣି-ପବନରେ ବଢ଼ି ଆନ୍ଧ୍ର ପ୍ରତି ଏତେ ଆସକ୍ତ? କୁହାଯାଉଛି ଯେ ଏହା ପଛରେ ଆନ୍ଧ୍ରର ଛାତ୍ରଛାତ୍ରୀଙ୍କୁ ବୃତ୍ତି, ବୃଦ୍ଧବୃଦ୍ଧାଙ୍କୁ ଭତ୍ତା, ବିଭିନ୍ନ ଯୋଜନାରେ ଉକ୍ତ ଅଞ୍ଚଳର ଲୋକଙ୍କୁ ହିତାଧିକାରୀ ମର୍ଯ୍ୟାଦା ଦେବା,ଯଦି ଏପରି କଥା ଏହାକୁ କିଭଳି ଅନୁମୋଦନ ଦିଆଯାଉଛି,କାହିଁକି କେନ୍ଦ୍ର ସରକାର ଏ ବାବଦେ ନୀରବଦ୍ରଷ୍ଟା ସାଜିଛନ୍ତି ? ସେହିଭଳି କୋଟିଆବାସୀ କେମିତି ବଞ୍ଚୁଛନ୍ତି,ସେମାନେ ଅମଳ କରୁଥିବା କଦଳୀ,ଷ୍ଟ୍ରବେରୀପାଇଁ କିଭଳି ବିକ୍ରିବଟା ହେଉଛି ? ଏ ବାବଦରେ ବଜାର ବ୍ୟବସ୍ଥା କିଭଳି ? ପେଟପାଟଣା ପାଇଁ ଆପଣାଇଥିବା ଅନ୍ୟାନ୍ୟ ପେସାରେ କିଭଳି ଚଳୁଛି ସେମାନଙ୍କ ପରିବାର ? ପ୍ରଶାସନ କେତେ ଦୂର ଏ କ୍ଷେତ୍ରରେ ସାଧାରଣ ଲୋକଙ୍କ ନିକଟବର୍ତ୍ତୀ ଓ ଚାଷୀଙ୍କ ମନୋଭାବ କେତେ ସକାରାତ୍ମକ ରହିଛି ତାହା ସମୀକ୍ଷା କରିବାର ଆବଶ୍ୟକତା ରହିଛି। ଜଳସେଚନ, ରାସ୍ତା, ସ୍ୱାସ୍ଥ୍ୟସେବା, ପାନୀୟ ଜଳ ବ୍ୟବସ୍ଥା ଏ ଯାବତ୍ ଆଶାନୁରୂପ ହୋଇଛି କି? ଏ ବାବଦରେ ଲୋକଙ୍କ ସନ୍ତୁଷ୍ଟିକୁ ମାପକାଠି ଭାବରେ ବିବେଚନା କରାଯାଇପାରେ ,ତେଣୁ ଏନେଇ ସମୀକ୍ଷା କରାଯିବା ଲୋଡ଼ା।ସର୍ବୋପରି ସୀମା ବିବାଦର ସମାଧାନରେ ଆଉ କେତେ କାଳ ବିଳମ୍ବ ହେବ,ରାଜ୍ୟ ସରକାର ଏ ବାବଦରେ ଅଧିକ ସକ୍ରିୟ ହୋଇ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ନ ଲୋଡ଼ିଲେ, ଆନ୍ଧ୍ରର ରଣନୀତିରୁ ଓଡ଼ିଶାକୁ ମୁକ୍ତି ମିଳିବ ନାହିଁ, ଆପାତତଃ ସେପରି ହିଁ ମନେ ହେଉଛି।

ଗୋଦାବରୀଶ ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

କୁଚିଣ୍ଡା, ୬।୧୧(ନିପ୍ର): ସମ୍ବଲପୁର ଜିଲ୍ଲାର ଗ୍ରାମାଞ୍ଚଳ ଶିକ୍ଷା ଭିତ୍ତିଭୂମିର ବିକାଶ ଲକ୍ଷ୍ୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ତୃତୀୟ ପର୍ଯ୍ୟାୟ ଭିତ୍ତିପ୍ରସ୍ତର ସ୍ଥାପନ ଶୁକ୍ରବାର ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ଏହାର ଶୁଭାରମ୍ଭ କରିଥିଲେ। ଏହି ପର୍ଯ୍ୟାୟରେ କୁଚିଣ୍ଡା ଓ ବାମରା ବ୍ଲକର ୧୨ଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଛି। ବକ୍ସମା ବିଦ୍ୟାଳୟରେ



ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ରବି ନାରାୟଣ ନାଏକ ଓ ଜିଲ୍ଲାପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ ପାତ୍ର ଯୋଗଦେଇ ଶିକ୍ଷା ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ଦେଇଥିବା ବେଳେ ଦେବବ୍ରତ ଜେନା ଧନ୍ୟବାଦ ଦେଇଥିଲେ। ଏଥିରେ ଗ୍ରାମବାସୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ଭାପୁର: ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଯୋଜନାର ତୃତୀୟ ପର୍ଯ୍ୟାୟରେ ଭାପୁର ବ୍ଲକର ୫ଟି ବିଦ୍ୟାଳୟ ସାମିଲ ହୋଇଛି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ରାଜ୍ୟର ୬୮୦ଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଭାପୁର ବ୍ଲକର ବିଜିପୁର, ବାଇଗୁଣିଆ, ଭାପୁର, ଶାଳପଡ଼ା ଓ କରବର ବିଦ୍ୟାଳୟ ଏହି ମାନ୍ୟତା ପାଇଛନ୍ତି। କାର୍ଯ୍ୟକ୍ରମରେ ବିଧାୟକ ଇଂ. ଦୁଷ୍ମନ୍ତ ସ୍ୱାଇଁ, ଜିଲ୍ଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣ୍ଡେ, ବିଇଓ ମୋନାଲିସା ରଥଙ୍କ ସମେତ ଶିକ୍ଷକ, ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଏହି ମାନ୍ୟତାକୁ ନେଇ ଶିକ୍ଷାବିତ୍‌ଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି।

ହାଇସ୍କୁଲରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପସ୍ଥିତ ରହି ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ସହ ଯୋଡ଼ି ହୋଇଥିଲେ। ଅନ୍ୟପକ୍ଷରେ ବାଲିପାଟଣାସ୍ଥିତ ଜୟକିଷାନ ନୋଡାଲ ହାଇସ୍କୁଲରେ ମଧ୍ୟ ଶିଳାନ୍ୟାସ କାର୍ଯ୍ୟକ୍ରମ ହୋଇଥିଲା।

ନିରାକାରପୁର: ଖୋର୍ଦ୍ଧା ଜିଲ୍ଲା ଅଚ୍ୟୁତପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଶିଳାନ୍ୟାସ ଓ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ଯୁବନେତା ଭାଗିରଥୀ ସାମନ୍ତରାୟ, ସରପଞ୍ଚ ସୋନାଲୀ ମହାପାତ୍ର, ମଣ୍ଡଳ ସଭାପତି ମାଧବ ପ୍ରସାଦ ମହାନ୍ତି ଓ ସମାଜସେବୀ ଗୋଦାବରୀଶ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହାସହ ସିଆରସିସି ବିଜୟ କୁମାର ମାନସିଂହ, ଏବିଇଓ ଗୋବିନ୍ଦ ଚନ୍ଦ୍ର ବେହେରା, ପ୍ରଧାନଶିକ୍ଷୟିତ୍ରୀ ଆଶାମଣୀ ଦେଇଙ୍କ ସମେତ ଶିକ୍ଷକ ଓ ଏସଏମସି ସଦସ୍ୟ ଉପସ୍ଥିତ ଥିଲେ। ନୂତନ ବିଦ୍ୟାଳୟ ନିର୍ମାଣ ଦ୍ୱାରା ଅଞ୍ଚଳର ଶିକ୍ଷାର ବିକାଶ ସହ ଛାତ୍ରଛାତ୍ରୀ ଉପକୃତ ହେବେ ବୋଲି ଅତିଥିମାନେ ମତ ଦେଇଥିଲେ। ସେହିପରି ଟାଙ୍ଗୋଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା।

ଭଦ୍ରକ: ବନ୍ଧଗାଁ ନୋଡାଲ ଉଚ୍ଚ ବିଦ୍ୟାଳୟରେ ତୃତୀୟ ପର୍ଯ୍ୟାୟ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ହୋଇଛି। ଏହି ଉପଲକ୍ଷେ ପ୍ରଧାନଶିକ୍ଷକ ନରେନ୍ଦ୍ର ପ୍ରସାଦ ସାହୁଙ୍କ ସଭାପତିତ୍ୱରେ ସଭା ଆୟୋଜିତ ହୋଇଥିଲା। ଏଥିରେ ଭଦ୍ରକ ପଞ୍ଚାୟତ ସମିତି ଅଧ୍ୟକ୍ଷା ଉର୍ମିଳା ନାୟକ, ସରପଞ୍ଚ ନୀରୋଦ ଚନ୍ଦ୍ର ରାଉତଙ୍କ ସମେତ ବହୁ ଅତିଥି ଯୋଗଦେଇ ଶିକ୍ଷାର ବିକାଶ ଉପରେ ମତ ରଖିଥିଲେ। ବରିଷ୍ଠ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବରାଳ ସ୍ୱାଗତ ଭାଷଣ

ଧାମନଗର: ପ୍ରାଥମିକ ଶିକ୍ଷାର ଭିତ୍ତିଭୂମି ସୁଦୃଢ଼ କରିବା ଲକ୍ଷ୍ୟରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଯୋଜନାର ତୃତୀୟ ପର୍ଯ୍ୟାୟରେ ଧାମନଗର ବ୍ଲକର ୬ଟି ବିଦ୍ୟାଳୟର ଶିଳାନ୍ୟାସ ହୋଇଛି। ଏଥିରେ ଜଗନ୍ନାଥ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଶହୀଦନଗର, ଗୋବିନ୍ଦପୁର, ଅସୁରାଳି, ହସନାବାଦ ଓ ଅର୍ଜୁନପୁରର ବିଦ୍ୟାଳୟ ସାମିଲ ଅଛି। ଶହୀଦନଗର

ଜମି ପଟ୍ଟା ଦାବିରେ ଚାଷୀଙ୍କ ବିକ୍ଷୋଭ, ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ଆଠଗଡ଼, ୬।୧୧(ନିପ୍ର): ଦୀର୍ଘ ବର୍ଷ ଧରି ଜମି ପଟ୍ଟା ଓ ମାଲିକାନା ସ୍ୱତ୍ୱରୁ ବଞ୍ଚିତ ଚାଷୀମାନେ ନ୍ୟାୟ ଦାବିରେ ଆଠଗଡ଼ରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ରାହାଙ୍ଗୋଳ ଜମି ସୁରକ୍ଷା ସମିତି ସଭାପତି ରଶ୍ମି ରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଚାଷୀମାନେ ଉତ୍ତରାଚଣ୍ଡୀଠାରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ପରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଏଥିସହ ଉପଜିଲ୍ଲାପାଳ ଓ ତହସିଲଦାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଥିଲେ। ସୂଚନା ଅନୁଯାୟୀ, ୧୯୪୭ ମସିହା ଅକ୍ଟୋବରରେ ଆଠଗଡ଼ ଗଡ଼ଜାତର ୩୨ଟି ଗ୍ରାମର ୧୮୦୦ ପରିବାରକୁ ରାହାଙ୍ଗୋଳ ମୌଜାର ୩୨୦୦ ଏକର ଅନାବାଦୀ ଜମି ଚାଷ ଉପଯୋଗୀ କରିବା ପାଇଁ ଦିଆଯାଇଥିଲା। ମିସ୍ କେସ୍ ନଂ. ୫୦୦/୩ ଓ ୫୦୧/୧୯୪୭-୪୮ ଅନୁସାରେ ଚାଷୀଙ୍କଠାରୁ ନୟାବାଦୀ ଫିସ୍ ଆଦାୟ କରି ପଟ୍ଟା ମଧ୍ୟ ପ୍ରଦାନ କରାଯାଇଥିଲା। ଗଡ଼ଜାତ ମିଶ୍ରଣ ପରେ ୧୯୪୮ ଅକ୍ଟୋବର ୨୮ରେ ରାଜ୍ୟ ସରକାର ଏହି ଜମିଗୁଡ଼ିକୁ ସ୍ୱୀକୃତି ଦେଇଥିଲେ। ପରବର୍ତ୍ତୀ ସମୟରେ ୧୯୫୦-୫୧ ମସିହାରେ



ଖତିଆନ ସଂଶୋଧନ ଓ ଖଜଣା ଧାର୍ଯ୍ୟ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ୧୯୬୨-୬୩ ଭୂ-ବନ୍ଦୋବସ୍ତ ସମୟରେ ଜମିର କିସମ ପରିବର୍ତ୍ତନ କରି ଚାଷଜମି ଓ ଘରବାରି କରାଯାଇଥିବା ସହ ଏକର ପିଛା ୨୫୦ ଟଙ୍କା ଫିସ୍ ଆଦାୟ ହୋଇଥିଲା। ହାଲ୍ ପଟ୍ଟା ପ୍ରଦାନ ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ମଧ୍ୟ ରହିଥିଲା। ତେବେ ଦୀର୍ଘ ବର୍ଷ ବିତିବା ସତ୍ତ୍ୱେ ଚାଷୀମାନେ ଜମିର ମାଲିକାନା ସ୍ୱତ୍ୱ ପାଇପାରିନାହାନ୍ତି। ଏନେଇ ବିଭିନ୍ନ ଅଦାଲତରେ ମାମଲା ହୋଇଥିବା ଏବଂ କୋର୍ଟଙ୍କ ନିର୍ଦ୍ଦେଶ ପ୍ରଶାସନ ନିକଟକୁ ପଠାଯାଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ତେଣୁ ତୁରନ୍ତ ଜମି ପଟ୍ଟା ପ୍ରଦାନ ସହ ସମସ୍ୟାର ସମାଧାନ ପାଇଁ ସେମାନେ ଦାବି କରିଛନ୍ତି।

ବନ୍ୟାଞ୍ଚଳ ପରିଦର୍ଶନ ପାଇଁ ଆଜି ଆସିକା ଗସ୍ତ କରିବେ ନବୀନ

ଆସିକା, ୬।୧୧ (ନିପ୍ର): ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ବନ୍ୟାରେ ଗଞ୍ଜାମ ଜିଲ୍ଲାର ଆସିକା ବ୍ଲକ୍ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ବନ୍ୟା ପରିସ୍ଥିତି ଓ କ୍ଷତିଗ୍ରସ୍ତ ଅଞ୍ଚଳର ସ୍ଥିତି ଅନୁଧ୍ୟାନ ପାଇଁ ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆସନ୍ତାକାଲି ଆସିକା ଗସ୍ତ କରିବେ।



କାର୍ଯ୍ୟସୂଚୀ ଅନୁଯାୟୀ, ନବୀନ ଅପରାହ୍ନ ୧ଟା ୨୦ ମିନିଟ୍‌ରେ ଆସିକା ବିଜ୍ଞାନ ମହାବିଦ୍ୟାଳୟ ନିକଟସ୍ଥ ଅସ୍ଥାୟୀ ହେଲିପ୍ୟାଡ୍‌ରେ ପହଞ୍ଚିବେ। ସେଠାରୁ ସଡ଼କ ପଥରେ କଲେଜ ଛକ, ମକୁନ୍ଦପୁର ଓ ବିଜୁ ପଟ୍ଟନାୟକ ଛକ ଦେଇ ଲକ୍ଷ୍ମୀବଜାର ଅଞ୍ଚଳ ପରିଦର୍ଶନ କରିବେ। ପରେ ସେ ସୋରଡ଼ା ଅଭିମୁଖେ ଯାତ୍ରା କରିବେ। ଉଲ୍ଲେଖଯୋଗ୍ୟ, ନବୀନଙ୍କ ୨୫ ବର୍ଷର ଶାସନ କାଳରେ ଫାଇଲିନ୍, ହୁଦ୍‌ହୁଦ୍ ଓ ତିତ୍ଲି ଭଳି ବାତ୍ୟାର ସଫଳ ମୁକାବିଲା ଏବଂ 'ଜିରୋ କାଜୁଆଲିଟି' ଲକ୍ଷ୍ୟ ପାଇଁ ସେ ପ୍ରଶଂସିତ ହୋଇଥିଲେ। ବର୍ତ୍ତମାନର ବନ୍ୟା ପରିଚାଳନାକୁ ନେଇ ରାଜ୍ୟ ସରକାରଙ୍କ ବିରୋଧରେ ଅସନ୍ତୋଷ ଥିବା ଖବର ମଧ୍ୟ ଚର୍ଚ୍ଚାକୁ ଆସିଛି। ଏଭଳି ସ୍ଥିତିରେ ନବୀନଙ୍କ ଆସିକା ଗସ୍ତକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସୁକତା ପ୍ରକାଶ ପାଇଛି। ଗସ୍ତ ପାଇଁ ବିଜୁ ଜନତା ଦଳ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି।

AFFIDAVIT

By virtue of an affidavit sworn before the Executive Magistrate, Banpur, on dated, 05/11/2026 , I Braja Kishore Jena, S/O- Bula Jena, At-/P.o-Sananairi, P. S-Nachuni, Dist- Khordha, Odisha, Pin- 752034, declare that, I have changed my Name from Kanduri Jena to Braja Kishore Jena, Henceforth, I shall be known as Braja Kishore Jena, for all purposes

Sd-Braja Kishore Jena

AFFIDAVIT

By virtue of an affidavit sworn before the Executive Magistrate, Banpur, on dated 03/11/2026, I Pramila Behera, W/O-Bibhuti Bhusan Behera, At-Gotapali, p. O. -Kulei, p. s-Nachuni, Dist- Khordha, Odisha, pin- 752034, declare that, I have changed the name of my minor daughter from Eathshreer Behera to Priyadarsini Behera. Henceforth my daughter's Name shall be known as Priyadarsini Behera for all purposes

Sd-Pramila Behera

34001/1113/2627

GOVERNMENT OF ODISHA, "e"-PROCUREMENT NOTICE
OFFICE OF THE SUPERINTENDING ENGINEER, KHADIAL (R&B) DIVISION, KHADIAL.
E-mail: eeroads.khr@rediffmail.com

E-Procurement Notice-12
No. 4808 Date 29-10-2026.
Invitation For Bids
Bid Identification No. SER&BKHR - 12 /2026-27

1	The Superintending Engineer, Khadial (R&B) Division, Khadial on behalf of Governor of Odisha, invites percentage rate bids in Single Cover system Civil work in ONLINE MODE only. The letter bearing File no. B-Misc (B-II)-01/2026 Ltr.No.30294 Dtd.19.08.2026 of CE (Building-II), Odisha regarding prevention of cartelization and bid-rigging in tendering process must be followed strictly. The Office Memorandum of Govt. of Works Department No.07764600022025 - 17941/W Bhubaneswar Dt.08.10.2026 of Principal Secretary to Govt. Sub- Amendment of Codal & Contractual Provisions must be followed strictly.	
2	Nature of work	1) S/R to Fire office , Khadial such as Renovation office building (GF) such as fitting of Tile, Door window and other repair at Khadial for the Year 2026-27 Buildings. 2) S/R to Fire office, Khadial such as Renovation office building (FF) such as Fitting fixing of UPVC Window, Flush door, Gypsum board ceiling and other repair at Khadial for the Year 2026-27 Buildings.
3	No. of work	02 No. works.
4	Tender Paper cost	As specified in the notice for the respective Work, to be remits online only.
5	Class of Contractor	As specified in the notice for the respective Work.
6	Availability of Bid Documents in the website	10.00 hours of 09.11.2026 to 17.00 Hours of 19.11.2026
7	Date of opening of Bid	Dt.20.11.2026 at 11:00 hours
8	EMD/Bid Security	As specified in the notice to be remitted on line only
9	The Bidders shall have to participate in ONLINE bidding only. Further details can be seen from the website: https://www.tendersodisha.gov.in. Any addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.	

OIPR 34001/34062/1/26-27/0019

Superintending Engineer
Khadial (R&B) Division, Khadial

ବାର୍ଦ୍ଧକ୍ୟ ଭତ୍ତା ଅର୍ଥ ହେରଫେର ପିଇଓଙ୍କୁ ୪ ବର୍ଷ ଜେଲ୍

ଗୋଲାମୁଣ୍ଡା, ୬।୧୧(ନିପ୍ର): ବାର୍ଦ୍ଧକ୍ୟ ଭତ୍ତା ଅର୍ଥ ହେରଫେର ମାମଲାରେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଚାହାକା ପଞ୍ଚାୟତରେ କାର୍ଯ୍ୟରତ ପିଇଓ ଗିରୀଶ ଚନ୍ଦ୍ର ଶବରଙ୍କୁ ୪ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଛି। ନଭେମ୍ବର ୬ ତାରିଖରେ ଭବାନୀପାଟଣାସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ତାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଜରିମାନା ଦଣ୍ଡ ଶୁଣାଇଛନ୍ତି। ସୂଚନା ଅନୁଯାୟୀ, ଗିରୀଶ ପୂର୍ବରୁ କେସିଙ୍ଗା ବ୍ଲକର ସିରୋଲ ଓ ଗୋକୁଳେଶ୍ୱର ପଞ୍ଚାୟତରେ ପିଇଓ ଭାବେ କାର୍ଯ୍ୟରତ ଥିଲେ। ସେହି ସମୟରେ ଉଭୟ ପଞ୍ଚାୟତର ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଅର୍ଥ ହେରଫେର ଅଭିଯୋଗ ତାଙ୍କ ବିରୋଧରେ ହୋଇଥିଲା। ତଦନ୍ତ ପରେ ଭିଜିଲାନ୍ସ ବିଭାଗ ଦୁର୍ନୀତି ନିବାରଣ ଆଇନର ଧାରା ୧୩(୨), ୧୩(୧)(ସି) ଏବଂ ଆଇପିସିର ଧାରା ୪୦୯ ଅନୁଯାୟୀ ଚାର୍ଜସିଟ୍ ଦାଖଲ କରିଥିଲା। ମାମଲାର ବିଚାର କରି ଅଦାଲତ ତାଙ୍କୁ ୪ ବର୍ଷ ସାଧାରଣ କାରାଦଣ୍ଡ ସହ ଜରିମାନା ଦେବାକୁ ଆଦେଶ ଦେଇଛନ୍ତି। ରାୟ ପରେ ତାଙ୍କୁ ଜେଲ୍ ପଠାଯାଇଛି। ଏଥିସହ ତାଙ୍କୁ ସରକାରୀ ଚାକିରିରୁ ବରଖାସ୍ତ କରିବାକୁ ସମ୍ପୃକ୍ତ ନିଯୁକ୍ତି କର୍ତ୍ତୃପକ୍ଷଙ୍କୁ ସୁପାରିସ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ ଜଣାପଡ଼ିଛି।

କ୍ୟାସିୟର ଶଶିକାନ୍ତ ରଣା ନିଲମ୍ବିତ

କେନ୍ଦ୍ରାପଡ଼ା,୬।୧୧ : କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକର ବରିଷ୍ଠ କିରାଣି ତଥା କ୍ୟାସିୟର ଶଶିକାନ୍ତ ରଣାଙ୍କୁ ସରକାରୀ ପାଣ୍ଠି ହଡ଼ପ ଅଭିଯୋଗରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ନିଲମ୍ବିତ କରାଯାଇଛି। ସୂଚନା ଥାଉକି ଶଶିକାନ୍ତ ରଣା ଡେରାବିଶ ବ୍ଲକରେ କାର୍ଯ୍ୟରତ ଥିବା ସମୟରେ ଚଞ୍ଚକତା କରି ପ୍ରାୟ ୧ କୋଟି ୬ ଲକ୍ଷ ୩ ହଜାର ୫୯୫ ଟଙ୍କା ସରକାରୀ ଅର୍ଥ ହଡ଼ପ କରିଥିବା ସାଙ୍ଘାତିକ ଅଭିଯୋଗ ସାମ୍ନାକୁ ଆସିଥିଲା। ସେ ମୋଟ ଉପରେ ୨ କୋଟିରୁ ଅଧିକ ସରକାରୀ ଟଙ୍କା ନିଜର ଓ ନିଜ ସମ୍ପର୍କୀୟଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିଥିବା ଜଣାପଡ଼ିଛି।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ